

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

ବର୍ଷ-୪ | ସଂଖ୍ୟା-୩୬ | ୨୧ - ୨୭ ସେପ୍ଟେମ୍ବର, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-36 | 21st - 27th SEPTEMBER, 2020 | BHUBANESWAR | ₹ 5/- (8 Pages)


# ଶାସନ,ପ୍ରଶାସନ ସବୁଠି ପାଣ୍ଡିଆନ

**ଭୁବନେଶ୍ୱର,(ତାରକ ମହାନ୍ତି):** କିଛିବର୍ଷ ଧରି ରାଜ୍ୟ ରାଜନୀତିରେ ରାଜନେତାମାନେ ଯେତିକି ଚର୍ଚ୍ଚିତ ନୁହଁନ୍ତି ତାଙ୍କ ଠାରୁ ଅଧିକ ଚର୍ଚ୍ଚାରେ ରହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ। ଶ୍ରୀ ପାଣ୍ଡିଆନଙ୍କ ବିଭିନ୍ନ କାର୍ଯ୍ୟ ଧାରାକୁ ନେଇ ପୂର୍ବରୁ ଯେଉଁଭଳି ଝଡ ଉଠୁଥିଲା ଏବେ ତାହା ଥମିବାରେ ଲାଗିଛି। ଶାସକ ଦଳର ନେତା ହୁଅନ୍ତୁ ବା ବିରୋଧୀ ଦଳର ନେତା ଏଭଳି ଦକ୍ଷ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟକୁ ସମର୍ଥନ କରୁଥିବା ବେଶ୍ ସ୍ପଷ୍ଟ। ହେଲେ ଏହି ଅଧିକାରୀଙ୍କ ଯୋଗୁ ଅନ୍ୟ ସରକାରୀ ବଡ ବଡ ବାବୁମାନେ ଅଡୁଆରେ ପଡୁଥିବା ଚର୍ଚ୍ଚା ହେଉଛି। ଆଗରୁ ସଚିବାଳୟରେ ବହୁ ଆଇଏଏସ୍, ଓଏଏସ୍ ଅଧିକାରୀମାନେ କାର୍ଯ୍ୟାଳୟକୁ ମନଇଚ୍ଛା ଆସି ଶୀତତାପ ନିୟନ୍ତ୍ରିତ ଘରେ ବସି କିଛି ରାଜନେତା ମାନଙ୍କ ବାହୁ ଛାୟା ତଳେ ରହି ବିଭିନ୍ନ ବିଭାଗର କାର୍ଯ୍ୟ କରିବାରେ ସକ୍ଷମ ହୋଇ ପାରୁନଥିବାବେଳେ ଏହି ଅଣ ଓଡିଆ ଅଧିକାରୀ ଜଣଙ୍କ (୫-ଟି) ଯୋଜନା ଆରମ୍ଭ କରି ନିଜେ ସଚିବ ଦାୟିତ୍ୱରେ ରହି ବିଭିନ୍ନ ଜିଲ୍ଲା ଗସ୍ତ କରିବା ଦ୍ୱାରା ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ମନରେ ଛନକା ପଶି ଗଲାଣି। ଜିଲ୍ଲା ସ୍ତରରେ ପ୍ରତିଦିନ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମାନେ କାର୍ଯ୍ୟାଳୟ ମାନଙ୍କରେ ପଡିରହି ବିଭିନ୍ନ ସରକାରୀ ଯୋଜନା ସବୁକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଏକପ୍ରକାର ବାଧ ହେଉଥିବା ଦେଖାଯାଉଛି। ଏସବୁକୁ ଦେଖିବା ଦ୍ୱାରା ବିଭିନ୍ନ ଦଳର ରାଜନୈତିକ ନେତାମାନେ ବି ଅତିଷ୍ଠ ହୋଇପଡିଲେଣି । ମୁଖ୍ୟମନ୍ତ୍ରୀ ନବୀନ



ପଟ୍ଟନାୟକଙ୍କ ପ୍ରଥମ ପାଳି ଶାସନ ପରେ ବିଜୁ ଜନତା ଦଳ-ଭାରତୀୟ ଜନତା ପାର୍ଟି ମେଣ୍ଟରେ ଫାଟ ହୋଇଥିଲା। ଏହାପରେ ବିଜେପିକୁ ଛାଡିଥିଲେ ବି ଏପର୍ଯ୍ୟନ୍ତ ଶାସନ ଗାଦିର ଭାର ସମ୍ଭାଳିବାରେ ପାଣ୍ଡିଆନ୍‌ଙ୍କ ଅକୁଣ୍ଠ କ୍ଷମତା ନବୀନ ସରକାରଙ୍କୁ ଆଗଧାଡିରେ ବସାଇବାରେ ସକ୍ଷମ ହୋଇପାରିଛି। ବିଜେଡି-ବିଜେପି ମେଣ୍ଟ ସରକାର ସମୟରେ ସହିଦ୍ ନଗର ତଥା ରାଜ୍ୟ ସଭା ସାଂସଦ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ କବଜାରେ ସରକାର ଚାଲୁଥିବାବେଳେ ସହିଦ୍ ନଗରକୁ ଦିନରାତି ମନ୍ତ୍ରୀ ଓ ବିଧାୟକମାନଙ୍କ ସୁଅ ଛୁଟୁଥିଲା। ଏସବୁ ଘଟଣାକୁ ଲକ୍ଷ୍ୟ କରି ଶ୍ରୀ ପାଣ୍ଡିଆନ୍ ଏଥିରେ ରୋକ ଲଗାଇବା ପାଇଁ ସହିଦ୍ ନଗର ଶକ୍ତ ଖମ୍ବକୁ ଅକାଳରେ ଓପାଡି ଫିଙ୍ଗିଦେବାରେ ସକ୍ଷମ ହୋଇଥିଲେ। ସେ ସମୟରେ ମୁଖ୍ୟମନ୍ତ୍ରୀ ଇଂଲଣ୍ଡ ଗସ୍ତରେ ଥାଇ ବି ଦଳୀୟ ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏହି ବିଜେଡି ସରକାର ସମୟରେ ଉଭୟ ଶାସନ ଓ ପ୍ରଶାସନର ମୁଖ୍ୟ ଦ୍ୱାରାଦେଶରେ ରହି ସୂଚାରୁରୂପେ କାର୍ଯ୍ୟ କରିବାରେ ସେ ସକ୍ଷମ ହେଉଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଗୁରୁଦାୟିତ୍ୱ ବହନ କରିବାରେ ପାଣ୍ଡିଆନ କେବେବି ଝୁଣ୍ଟି ପଡିନାହାନ୍ତି। ବରଂ ପୂର୍ବାପେକ୍ଷା ମୁଖ୍ୟମନ୍ତ୍ରୀଙ୍କ ଅତ୍ୟନ୍ତ ଆପଣାର ଲୋକଭାବେ ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି। ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶାସନ ଗାଦିରେ ବସାଇବାର ଦାୟିତ୍ୱ ସେ ଯେଉଁ ଭାବରେ ପରିଚାଳନା କରୁଥିଲେ ରାଜ୍ୟବାସୀ ଏହାକୁ କେବେ ଭୁଲି ପାରିବେ ନାହିଁ। ଏପରିକି କେନ୍ଦ୍ର ଶାସନ ଗାଦିରେ ଥିବା ବିଜେପି ସରକାରଙ୍କ ୧୨୦ ଯୋଜନା ବି ➤ ପୃ-୬

## ମାସ୍କ ନପିନ୍ଧିଲେ ଓଡ଼ିଶାରେ ଦିନକୁ ମୃତ୍ୟୁ ୪୦୦ ଛୁଇଁବ !

**ଭୁବନେଶ୍ୱର :** ରାଜ୍ୟରେ ଏବେ ଦୈନିକ ପ୍ରାୟ ୪ ହଜାର ନୂଆ ସଂକ୍ରମିତ ରୋଗୀ ଚିହ୍ନଟ ହେଉଥିବା ବେଳେ ମୋଟ ମୃତ୍ୟୁସଂଖ୍ୟା ୭୦୦ ଛୁଇଁବାକୁ ବସିଲାଣି। ଏସବୁ ମଧ୍ୟରେ ଆମେରିକାର ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର ପକ୍ଷରୁ ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଛି। ଯାହାକି ଓଡ଼ିଶା ପାଇଁ ସତର୍କ ଘଣ୍ଟା ଓ ରାଜ୍ୟ ସରକାରଙ୍କ ନିମନ୍ତେ ମୁଣ୍ଡବ୍ୟଥାର କାରଣ ହୋଇପାରେ। ଓଡ଼ିଶାର ଲୋକମାନେ ଯଦି ଠିକ୍ ଭାବେ ମାସ୍କ ନପିନ୍ଧିବେ ତା'ହେଲେ ଆସନ୍ତାବର୍ଷ ଜାନୁଆରୀ ମାସ ବେଳକୁ ଦିନକୁ ୪୦୦ରୁ ଅଧିକ ଲୋକ ପ୍ରାଣ ହରାଇବେ ବୋଲି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ରିପୋର୍ଟରେ ଦର୍ଶାଯାଇଛି। ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁଟ୍ ଫର ହେଲଥ୍ ମେଟ୍ରିକସ ଆଣ୍ଡ ଇଭାଲ୍ୟୁସନ (ଆଇଏଚ୍‌ଏମ୍‌ଇ) ପକ୍ଷରୁ ଜାରି ଏକ ଆକଳନ ରିପୋର୍ଟ ଅନୁସାରେ, ୨୦୨୧




ଜାନୁଆରୀ ୧ ତାରିଖ ସୁଦ୍ଧା ଓଡ଼ିଶାରେ କୋଭିଡ୍-୧୯ରେ ୧୧ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବ ଓ ଜାନୁଆରୀ ମାସ ବେଳକୁ ଦୈନିକ ୪୦୦ ଲୋକ କରୋନାରେ ପ୍ରାଣ ହରାଇବେ। ବର୍ତ୍ତମାନର ପରିସ୍ଥିତିକୁ ବିଶ୍ଳେଷଣ କରି ଏହି ଆକଳନ କରାଯାଇଛି। ଯଦି ରାଜ୍ୟର ଲୋକମାନେ ମାସ୍କ ଠିକ୍ ଭାବେ ପିନ୍ଧିବେ ତା'ହେଲେ ଏହି ମୃତ୍ୟୁ ସଂଖ୍ୟା ହ୍ରାସ ପାଇ ଦିନକୁ ୧୪୩ରେ ସୀମିତ ରହିବ ଓ ଜାନୁଆରୀ ୧ ତାରିଖ ବେଳକୁ କରୋନା ମୃତ୍ୟୁ ସଂଖ୍ୟା ପ୍ରାୟ ମୋଟ ୪୧୭୦ ହେବ। ଆଇଏଚ୍‌ଏମ୍‌ଇ ରିପୋର୍ଟ ଅନୁସାରେ ଦୈନିକ ସଂକ୍ରମଣ ପ୍ରାୟ ୫ ହଜାର ହୋଇ ସଂକ୍ରମିତଙ୍କ ସଂଖ୍ୟା ୧.୬୮ ଲକ୍ଷରୁ ୩.୯୨ଲକ୍ଷକୁ ବୃଦ୍ଧି ପାଇବ। ଯେଉଁଥିପାଇଁ ରାଜ୍ୟରେ ୭୧୬୨ଟି ଭେଣ୍ଟିଲେଟର ସମେତ ୮୧୪୪ଟି ଆଇସିୟୁ ବେଡର ଆବଶ୍ୟକ ପଡିବ। ୱାଶିଂଟନ ବିଶ୍ୱବିଦ୍ୟାଳୟର ଏହି ଆକଳନ ରିପୋର୍ଟ ଓଡ଼ିଶା ପାଇଁ ଚିନ୍ତାଜନକ ହୋଇଥିଲେ ମଧ୍ୟ ପଡୋଶୀ ରାଜ୍ୟ ଗୁଡିକର ସ୍ଥିତି ତୁଳନାରେ ସାମାନ୍ୟ ଆଶ୍ୱସ୍ତିକର ହୋଇଛି। ରିପୋର୍ଟ ଅନୁସାରେ ଜାନୁଆରୀ ମାସ ବେଳକୁ ଛତିଶଗଡରେ ୩୩୫୨୦, ଝାଡଖଣ୍ଡରେ ୧୭୮୪୦, ଆନ୍ଧ୍ରପ୍ରଦେଶରେ ୫୪୮୫୨ ଲୋକ ପ୍ରାଣ ହରାଇଥିବେ। ଜାନୁଆରୀ ୧ ତାରିଖ ସୁଦ୍ଧା ଭାରତରେ ମୋଟ ୬.୪୬ ଲକ୍ଷ ଲୋକଙ୍କର କରୋନାରେ ମୃତ୍ୟୁ ହୋଇଥିବ ବୋଲି ଏହି ରିପୋର୍ଟରେ ଆକଳନ କରାଯାଇଛି।

## ସୁସ୍ଥ ରୋଗୀ ପୁଣି ହୋଇପାରିବେ ସଂକ୍ରମିତ



**ଭୁବନେଶ୍ୱର :** ଯେଉଁ ଲୋକଙ୍କର ପୂର୍ବରୁ ବିଭିନ୍ନ ପ୍ରକାର ରୋଗ ରହିଛି, ସେମାନେ ନିଶ୍ଚିତ ଭାବେ କୋଭିଡ୍ ପରୀକ୍ଷା କରିବା ଦରକାର। ସେହିପରି ହୋମ୍ ଆଇସୋଲେସନ୍ ଥିବା ରୋଗୀଙ୍କ ପରିବାର ଲୋକ ଅଧିକ ସଚେତନ ରହିବା ଦରକାର। ଯେପରି ଭାବେ ରୋଗୀଙ୍କଠାରୁ ସେମାନଙ୍କ ପାଖକୁ ସଂକ୍ରମଣ ନହେବ। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯେଉଁମାନେ ସଂକ୍ରମଣରୁ ସୁସ୍ଥ ହେଉଛନ୍ତି ସେମାନେ ମଧ୍ୟ ଆଉ ଥରେ ସଂକ୍ରମଣର ଶିକାର ହୋଇପାରନ୍ତି। ସେଥିପ୍ରତି ସତର୍କ ରହିବାକୁ ହେବ। ସେଥିଲାଗି କୋଭିଡ୍ ନିୟମକୁ ପାଳନ କରିବା ଦରକାର ବୋଲି ଡାକ୍ତର ପ୍ରଜ୍ଞାନ ରାଉତରାୟ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବୈଷୟିକ ମୁଖପାତ୍ର ଡ. ଜୟନ୍ତ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କୋଭିଡ୍ ସଂକ୍ରମଣ ହେଲେ ରୋଗୀ ଚିନ୍ତାଗ୍ରସ୍ତ ହୋଇପଡୁଛନ୍ତି। ଅଧିକାଂଶ କୋଭିଡ୍ ରୋଗୀଙ୍କ ପାଖରେ ବିନା ଲକ୍ଷଣ ବା ସାମାନ୍ୟ ଲକ୍ଷଣ ଦେଖା ଦେଇଥାଏ। ସାରା ବିଶ୍ୱରେ ୯୦ ଭାଗ ରୋଗୀଙ୍କ କୌଣସି ଲକ୍ଷଣ ଦେଖାଯାଉନାହିଁ। କିଛି ସଂକ୍ରମିତଙ୍କ କେବଳ ଥଣ୍ଡା, କାଶ କି ମୁଣ୍ଡବିନ୍ଧା ଲକ୍ଷଣ ରହୁଛି। ସେମାନଙ୍କୁ କୋଭିଡ୍ କେୟାର ସେଣ୍ଟର ବା କୋଭିଡ୍ ହସ୍ପିଟାଲରେ ରଖାଯାଉଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଦେଖାଗଲା ଯେ ରୋଗୀ ଯଦି ଘରେ ରହେ ଚିକିତ୍ସା ଭଲ ଭାବରେ ହୋଇପାରିବ। ରୋଗୀଙ୍କ ରହିବା ପାଇଁ ଯଦି ଅଲଗା କୋଠରୀ ଓ ଶୌଚାଳୟ ରହିଛି, ତାହେଲେ ସେଠାରେ ପରିବାର ଲୋକେ ଭଲ ଭାବରେ ସେବା ଯୋଗାଇ ପାରିବେ। ଏହି ବ୍ୟବସ୍ଥାକୁ ହୋମ ଆଇସୋଲେସନ୍ ବୋଲି କୁହାଯାଉଛି। ଏହି ବ୍ୟବସ୍ଥାରେ ରୋଗୀ ୧୭ ଦିନ ପର୍ଯ୍ୟନ୍ତ ଅଲାଗା ହୋଇ ରହି ରହିବେ। ସେଥିରୁ ୧୦ ଦିନ ଚିକିତ୍ସାରେ ଏବଂ ୭ ଦିନ ଅବଜରଭେସନରେ ରହିବେ। ହୋମ ଆଇସୋଲେସନ୍ ରୋଗୀଙ୍କ ଲାଗି ସରକାରଙ୍କ ପକ୍ଷରୁ ଏକ କିଟ୍ ପ୍ରଦାନ କରାଯାଉଛି। ସେହି କିଟ୍‌ରେ ଚିକିତ୍ସାର ସମସ୍ତ ଉପାୟ ଲେଖା ହୋଇଛି। ଏପରିକି ଚିକିତ୍ସା ପରାମର୍ଶ ପାଇଁ କିଟ୍‌ରେ ଡାକ୍ତରଙ୍କ ଫୋନ୍ ନମ୍ବର ଦିଆଯାଇଛି। ଯଦି ରୋଗୀଙ୍କ ହୋମ୍ ଆଇସୋଲେସନ୍ ସମୟରେ ଅଧିକ ଚିକିତ୍ସା ଆବଶ୍ୟକ ହୁଏ, ତାହେଲେ ସରକାରଙ୍କ ପକ୍ଷରୁ ନିଯୁକ୍ତ କରାଯାଇଥିବା ରାପିଡ଼ ରେସ୍‌ପନ୍ସ ଟିମ୍ ତୁରନ୍ତ ରୋଗୀଙ୍କୁ ହସ୍ପିଟାଲ ନେବାର ବ୍ୟବସ୍ଥା ମଧ୍ୟ କରିବେ ବୋଲି ସେ କହିଛନ୍ତି। ସେ କହିଲେ ଯେ ହୋମ୍ ଆଇସୋଲେସନରେ ରୋଗୀଙ୍କୁ ଯେଉଁମାନେ ଯତ୍ନ ନେଉଛନ୍ତି, ସେମାନେ ମଧ୍ୟ ସଂକ୍ରମଣ ➤ ପୃ-୬

## ନିର୍ବାଚନୀ ସଭାରେ ଗାନ୍ଧୀଙ୍କୁ ପ୍ରଶଂସା କଲେ ଟ୍ରମ୍ପ

**ୱାଶିଂଟନ :** ଆଫ୍ରିକାନ୍ ଆମେରିକୀୟ ଜର୍ଜ ଫ୍ଲଏଡ୍‌ଙ୍କ ମୃତ୍ୟୁ ପ୍ରତିବାଦରେ ଆମେରିକାରେ ମୁଣ୍ଡ ଟେକିଥିବା କୃଷ୍ଣକାୟ ଆନ୍ଦୋଳନକୁ କଡ଼ା ସମାଲୋଚନା କରିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବିକ୍ଷୋଭ ପ୍ରଦର୍ଶନକାରୀଙ୍କୁ ଗୁଣ୍ଡା ରୂପେ ଅଭିହିତ କରି ସେ କହିଛନ୍ତି, 'ଉତ୍ୟକ୍ତ ଲୋକମାନେ ୱାଶିଂଟନ୍ ଡିସିରେ ପ୍ରତିଷ୍ଠିତ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କୁ ମଧ୍ୟ ଛାଡ଼ିଲେ ନାହିଁ।' ମେ' ୨୫ ତାରିଖରେ ହୋଷ୍ଟନନିବାସୀ ୪୬ ବର୍ଷୀୟ ଫ୍ଲଏଡ୍‌ଙ୍କୁ ଜନୈକ ଶ୍ୱେତକାୟ ପୋଲିସ୍ ଅଧିକାରୀ



ଡେରେକ୍ ଚୌଭିନ୍ ହାତକଡ଼ା ପକାଇ ପ୍ରବଳ ମାଡ଼ ମାରିଥିଲେ। ଚୌଭିନଙ୍କ ସମେତ ଆହୁରି କିଛି ପୁଲିସ୍ ଅଧିକାରୀଙ୍କ ମାଡ଼ରେ ଫ୍ଲଏଡ୍ ମୃତବତ୍ ତଳେ ପଡ଼ିରହିଥିଲେ। ଉତ୍ୟକ୍ତ ଚୌଭିନ୍ ଫ୍ଲଏଡ୍‌ଙ୍କ ଗଳାକୁ ଜୋତାରେ ପ୍ରାୟ ୮ ମିନିଟ୍ କାଳ ରାସ୍ତାରେ ଚାପି ଧରିଥିଲେ। ଫଳରେ ଶ୍ୱାସକ୍ରିୟା ନେଇ ନପାରିବାରୁ ଫ୍ଲଏଡ୍ ପ୍ରାଣ ହରାଇଥିଲେ। ପୁଲିସର ବର୍ବରତାପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ କରି ଆମେରିକାରେ ବ୍ୟାପିଥିଲା କୃଷ୍ଣକାୟଙ୍କ ଆନ୍ଦୋଳନ। ୨୦୧୬ ରାଷ୍ଟ୍ରପତି ନିର୍ବାଚନରେ ରାଷ୍ଟ୍ରପତି ଟ୍ରମ୍ପ ମିନ୍ନେସୋଟାରୁ ପ୍ରାୟ ୪୪ ହଜାର ➤ ପୃ-୬

### ପୋଲାଭରମ୍ ମାମଲାରେ ଆନ୍ଧ୍ରକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

## ଓଡ଼ିଶା ସମେତ ୩ ରାଜ୍ୟ ସହ ଆଲୋଚନା କର



**ଭୁବନେଶ୍ୱର :** ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ଗୋଦାବରୀ ନଦୀ ଉପରେ ନିର୍ମାଣାଧୀନ ପୋଲାଭରମ୍ ନଦୀବନ୍ଧ ପ୍ରକଳ୍ପ ଉପରେ ଶନିବାର ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ନିଜର ରାୟ ଶୁଣାଇଛନ୍ତି। ରାୟରେ ଏନ୍‌ଜିଟି ପୋଲାଭରମ ପ୍ରକଳ୍ପ କର୍ତ୍ତୃପକ୍ଷ (ପିପିଏ), ଗୋଦାବରୀ ଜଳବିବାଦ ଟ୍ରିବ୍ୟୁନାଲ, କେନ୍ଦ୍ରୀୟ ଜଳ ଆୟୋଗ ଓ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଓଡ଼ିଶା ସମେତ ୩ ରାଜ୍ୟ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ➤ ପୃ-୬

## ବର୍ଦ୍ଧିତ ସଂକ୍ରମଣ, ଅର୍ଥନୀତି ପାଇଁ ଉଦ୍‌ବେଗର କାରଣ

**ନୂଆଦିଲ୍ଲୀ :** ଭାରତରେ ଦିନକୁ ଦିନ କରୋନା ସଂକ୍ରମଣ ସ୍ଥିତି ଉଦବେଗଜନକ ହୋଇପଡୁଛି। ଦୈନିକ ସଂକ୍ରମଣ ସଂଖ୍ୟା ଏକ ଲକ୍ଷ ନିକଟବର୍ତ୍ତୀ ହୋଇଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୫୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ କରୋନା ସଂକ୍ରମଣର ଶିକାର ହୋଇସାରିଲେଣି। ଏହାକୁ ନେଇ ସାମାଜିକ ସ୍ତରରେ ଉଦ୍‌ବେଗ ବଢୁଥିବା ବେଳେ ପରୋକ୍ଷରେ ଦେଶର ଅର୍ଥନୀତି ବ୍ୟବସ୍ଥା ପାଇଁ ମଧ୍ୟ ବିପଦ ବଢ଼ିବାରେ ଲାଗିଛି। ଗତ ମାର୍ଚ୍ଚରେ ଭାରତରେ ସଂକ୍ରମଣର ପ୍ରଭାବ ଆରମ୍ଭ ହେବା ପରେ ସାରା ଦେଶରେ ଲାଗୁ କରାଯାଇଥିବା ଲକ୍‌ଡାଉନ୍‌କୁ ନେଇ ଅର୍ଥନୀତି ବ୍ୟବସ୍ଥା ପ୍ରଭାବିତ ହେବା ଆରମ୍ଭ ହୋଇଥିଲା। ଶିଳ୍ପକ୍ଷେତ୍ର ଠାରୁ ଆରମ୍ଭ କରି ସେବା, ରିଟେଲ,ମାନୁଫାକ୍‌ଚରିଂ, ଉତ୍ପାଦନ, ଆମଦାନୀ, ରପ୍ତାନି ଏବଂ ସର୍ବୋପରି ନିଯୁକ୍ତି କ୍ଷେତ୍ରରେ ସୃଷ୍ଟି ହୋଇଥିବା ବିପର୍ଯ୍ୟୟକୁ ନେଇ ସାଧାରଣ ଅର୍ଥନୀତି ବ୍ୟବସ୍ଥା ଏକ ପ୍ରକାର ଭୁଷୁଡ଼ିପଡ଼ିଥିଲା ବେଳେ ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟା ମଧ୍ୟ ଭାରିମାତ୍ରାରେ ପ୍ରଭାବିତ ହୋଇଥିଲା। ଯାହାକୁ ନେଇ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ(ଏପ୍ରିଲ-ଜୁନ୍)ରେ ସାମଗ୍ରିକ ଘରୋଇ ଉତ୍ପାଦନ(ଜିଡିପି)ରେ ୨୩.୯ ପ୍ରତିଶତ ହ୍ରାସ ଘଟିଥିଲା ଯାହାକି ବିଗତ ଚାରି ଦଶନ୍ଧିର ଥିଲା ସର୍ବନିମ୍ନ ସ୍ତର। ଏହାକୁ ନେଇ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା ବେଳେ ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ଲକ୍‌ଡାଉନ୍ ପ୍ରତ୍ୟାହାରକୁ ନେଇ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଘଟିବା ସହିତ ଅର୍ଥନୀତି ବ୍ୟବସ୍ଥା କ୍ରମଶଃ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଲକ୍‌ଡାଉନ୍ ପ୍ରତ୍ୟାହାର ଏବଂ ବିଭିନ୍ନ କ୍ଷେତ୍ରକୁ ଉନ୍ମୁକ୍ତ କରାଯିବା ସତ୍ତ୍ୱେ ଅର୍ଥନୀତି ବ୍ୟବସ୍ଥାରେ ସେଭଳି ସକାରାତ୍ମକ ପ୍ରଭାବ ପଡ଼ିବା ଦେଖାଯାଉନାହିଁ। ଦିନକୁ ଦିନ ସଂକ୍ରମଣ କମିବା ପରିବର୍ତ୍ତେ ବୃଦ୍ଧି ପାଇଚାଲିଥିବାରୁ ଅର୍ଥନୀତି ବ୍ୟବସ୍ଥା ସ୍ୱାଭାବିକ ହେବା କଷ୍ଟକର ହୋଇପଡୁଛି। ଯାହାକୁ ନେଇ ଚଳିତ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଦୁଇ ଅଙ୍କ ତଳକୁ ଖସିଯିବ ବୋଲି ବହୁ ଜାତୀୟ ଏବଂ ଆନ୍ତର୍ଜାତିକ ରେଟିଂ ଏଜେନ୍ସିମାନଙ୍କ ପକ୍ଷରୁ ଆଶଙ୍କା ପ୍ରକଟ କରାଯାଇଛି। ପୂର୍ବରୁ ଏସିଆ ଉନ୍ନୟନ ବ୍ୟାଙ୍କ(ଏଡିବି) ପକ୍ଷରୁ କରାଯାଇଥିବା ➤ ପୃ-୬



## ବକ୍ରବାଣୀ



ଭୋଟ ଆଇଲେ ସିବିଆଇ ଆସେ
ଛାମୁଁଙ୍କ ଦେହରେ ଛାନିଆ ପଶେ
ସିସୋର ଲିଇଙ୍କ୍ କାଢ଼ିବା ପାଇଁ
ସିବିଆଇ ଏବେ ଆଇଚି ଧାଇଁ
ସତେ ଇୟେ ଗୋଟେ ନାଟ ଚାଲିଛି
ଚିଟ୍‌ଫଣ୍ଡ ପୁଣି ମନେ ପଡିଚି
ବରଷକେ ଥରେ ଆଉଚି ଧାଇଁ
ଛାମୁଁଙ୍କୁ ମଅଣ କରିବା ପାଇଁ
ତଦନ୍ତ ବାହାନେ ଖେଳ କରୁଚି
ଦିଲ୍ଲୀ ଦରବାରେ ଭୋଟ୍ ମାଗୁଚି।

— ଟୁଟୁ






# ତିର୍ତ୍ତୋଲ ଉପ-ନିର୍ବାଚନରେ ବିଜେଡି ଗଡ଼ରେ ପଦ୍ମ ଫୁଟିବ !

**ଜଗତସିଂହପୁର,(ଜ୍ୟୋତି ରଞ୍ଜନ ପଟ୍ଟନାୟକ):** ଓଡ଼ିଶାର ଦୁଇଗୋଟି ବିଧାନସଭା ଉପ-ନିର୍ବାଚନକୁ ନେଇ ବିଭିନ୍ନ ଦଳ ସେମାନଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିଥିବାବେଳେ ବିଜେଡି ଦଳରେ ଗୋଷ୍ଠୀ କନ୍ଦଳ ମଧ୍ୟ ତୀବ୍ର ଆକାର ଧାରଣ କଲାଣି। ରାଜ୍ୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ହୋଇ ଚାଲିଥିବାବେଳେ ନିର୍ବାଚନ ତାରିଖ ଘୋଷଣା ନହୋଇବି ବିଭିନ୍ନ ଦଳ ପକ୍ଷରୁ ଅସନ୍ତୁଷ୍ଟ କର୍ମୀମାନଙ୍କୁ ବୁଝାସୁଝା କରିବା ପାଇଁ ମଟନ୍, ଚିକେନ୍ ରୋଷେଇ ସାମଗ୍ରୀ ଓ ମଦର ଆସର ମଧ୍ୟ ଆରମ୍ଭ କଲେଣି। ଏପରିକି କୋଭିଡ କଟକଣାକୁ ବି ଫୁଁ' କରି ଉଡାଇ ଦେଉଥିବାର ଦେଖିବାକୁ ମିଳୁଛି। ସମଗ୍ର ଦେଶର ସବୁ ରାଜ୍ୟରେ ୨୦୦୯ ମସିହାରେ ନିର୍ବାଚନ ମଣ୍ଡଳୀ ଗୁଡିକର ନବକଳେବର ହେଉଥିବାବେଳେ କିଶନନଗର ନିର୍ବାଚନ ମଣ୍ଡଳୀଟି ବାଦପଡି ୧୦୨ ସଂରକ୍ଷିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ହୋଇଥିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ସଂରକ୍ଷିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିଜେଡି ଦଖଲରେ ରହିଥିଲେ ବି ଦଳୀୟ ବିଶୃଙ୍ଖଳା ଯୋଗୁ ବହୁ




ପୁରାତନ ବିଜେଡି କର୍ମୀମାନେ ହତୋତ୍ସାହିତ ହୋଇପଡିଛନ୍ତି। ୨୦୧୯ ମସିହା ନିର୍ବାଚନରେ ସ୍ୱର୍ଗତ ବିଷ୍ଣୁ ଦାସଙ୍କୁ ବିଜେଡି ସୁପ୍ରିମୋ ଶେଷ ମୁହୂର୍ତ୍ତରେ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ ବି ଶ୍ରୀ ଦାସଙ୍କ ଅସୁସ୍ଥତା ଯୋଗୁ ଦଳୀୟ କନ୍ଦଳ ସଜାଡିବା ସମ୍ଭବ ହୋଇପାରି ନଥିଲା। ଏଠରେ ଶ୍ରୀ ଦାସ ବିଭିନ୍ନ ଶୋଭାଯାତ୍ରା ନକରି ମଧ୍ୟ ୯୩୯୬୭ ଭୋଟ ପାଇ ବିଜୟୀ ହୋଇଥିବାବେଳେ ବିଜେପି ପାର୍ଥୀ ରମାକାନ୍ତ ଭୋଇ ୫୩୫୮୧ ଓ କଂଗ୍ରେସ ପାର୍ଥୀ ଦେବୀପ୍ରସାଦ ମଲ୍ଲିକ ୨୩୮୦୯ ଭୋଟ ପାଇଥିଲେ । ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ତଥା ବର୍ତ୍ତମାନର ସାଂସଦ ଡ଼ାଃ ରାଜଶ୍ରୀ ମଲ୍ଲିକ ଓ ଶ୍ରୀ ଦାସଙ୍କ ମଧ୍ୟରେ ଦୀର୍ଘଦିନରୁ ଲାଗିରହିଥିବା ଦଳୀୟ କର୍ମୀ ମାନଙ୍କ ବିବାଦରେ ବି ତାଳି ପକାଯାଇପାରିନାହିଁ, ଫଳରେ ଶ୍ରୀ ଦାସଙ୍କ ଦେହାନ୍ତ ପରେ ତାଙ୍କ ପୁଅ ବିଜୟ ଶଙ୍କର ଦାସ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିଲେ ବି ଦଳୀୟ କନ୍ଦଳ ବଢି ବଢି ଚାଲିଛି। ବିଜେଡି ସୁପ୍ରିମୋ ଦଳୀୟ ମନ୍ତ୍ରୀ, ସାଂସଦ ଓ କିଛି ବିଧାୟକଙ୍କୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ଉପ- ନିର୍ବାଚନ ଦାୟିତ୍ୱ ମନ୍ତ୍ର ଯେଉଁ ପର୍ଯ୍ୟବେକ୍ଷକ ମାନଙ୍କୁ ଅର୍ପଣ କରିଥିଲେ ସେମାନେ କର୍ମୀ ମାନଙ୍କ ହାବଭାବ ଓ ବିରୋଧାତ୍ମକ ଭୂମିକା ଦେଖି ଘାବରା ହୋଇପଡିଲେଣି। ଏହି ପର୍ଯ୍ୟବେକ୍ଷକ ମାନେ ଯେଉଁ ସ୍ଥାନ ମାନଙ୍କରେ କର୍ମୀ ସମ୍ମିଳନୀ କରିଲେଣି ସେଠାରେ ଦଳୀୟ କର୍ମୀମାନଙ୍କ ତୁ ତୁ ମେଁ ମେଁ ଘଟଣା ସେମାନଙ୍କୁ ସ୍ତବ୍ଧ କରିଦେଉଛି। ଏ ସମସ୍ତ ଘଟଣାକୁ ଉପଲକ୍ଷକରି ରାଜନୈତିକ ସମୀକ୍ଷକ ମାନେ ମତ ଦେଉଛନ୍ତି ଯେ, ଓଡିଶାର ବାଲେଶ୍ୱର ଓ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଯେଉଁ ଉପ- ନିର୍ବାଚନ ହେବ ସେଥିମଧ୍ୟରୁ ବାଲେଶ୍ୱରଟି ବିଜେପି ହାତରେ ଥିବାବେଳେ ସଂରକ୍ଷିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀଟି ବିଜେଡି ହାତରେ ଥିଲା ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** — ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ। ବିଦେଶ ଭ୍ରମଣ କରିପାରନ୍ତି।

**ବୃଷ** — ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଧର୍ମାନୁଷ୍ଠାନରେ ମନ ବଳାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିକୁ ଉଚ୍ଚପଦ ମିଳିପାରେ।

**ମିଥୁନ** — ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**କର୍କଟ** — ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ସିଂହ** — ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**କନ୍ୟା** — ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**ତୁଳା** — ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସବୁିଧା ଲାଗି ରହିବ।

**ବିଛା** — ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।

**ଧନୁ** — ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବାନ୍ ହେବେ।

**ମକର** — ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କୁମ୍ଭ** — ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦେଶର ଭ୍ରମଣର ସୁଯୋଗ ରହିଛି।

**ମୀନ** — ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ‘ଜାନୁଆରୀରେ କରୋନା ଟୀକା’



**ନୂଆଦିଲ୍ଲୀ :** ଆସନ୍ତାବର୍ଷ ପ୍ରାରମ୍ଭରେ ଦେଶରେ କୋଭିଡ୍-୧୯ ଟିକା ଉପଲବ୍ଧ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ ଆଶାପ୍ରକାଶ କରିଛନ୍ତି। ସେ ଗୁରୁବାର ରାଜ୍ୟସଭାରେ କହିଛନ୍ତି, ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ର ଭଳି ଭାରତରେ କୋଭିଡ୍ ଟିକା ପ୍ରସ୍ତୁତି ଲାଗି ଉଦ୍ୟମ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତତ୍ୱାବଧାନ ମଧ୍ୟରେ ଏକ ବିଶେଷଜ୍ଞ ଦଳ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଇତି ମଧ୍ୟରେ ୩ଟି ଟିକା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପର୍ଯ୍ୟାୟରେ ପହଞ୍ଚିଛି। ଟିକା ଆସିବା ପର୍ଯ୍ୟନ୍ତ ସାମାଜିକ ଦୂରତାକୁ ସାମାଜିକ ଟିକା ଭାବରେ ଗ୍ରହଣ କରିବାକୁ ହେବ। ଉଲ୍ଲେଖଯୋଗ୍ୟ ସଂସଦ ମୌସୁମୀ ଅଧିବେଶନର ପ୍ରଥମ ଦିନରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନ କହିଥିଲେ ଭାରତରେ ଯେତେବେଳେ କରୋନା ଭୂତାଣୁ ସଂକ୍ରମଣ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ମୋଦୀ ଦେଶବ୍ୟାପୀ ଲକ୍‌ଡାଉନ୍ ଲାଗୁକରିବାରୁ ଏହାର ସୁଫଳ ମିଳିଛି। ଲକ୍‌ଡାଉନ୍ ଲାଗୁ ହୋଇନଥିଲେ ଆହୁରି ୨୯ ଲକ୍ଷ ଲୋକ କରୋନାରେ ଆକ୍ରାନ୍ତ ହୋଇଥାନ୍ତେ। ଏଥିପାଇଁ ମୁଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ଏହି ସମୟରେ କଂଗ୍ରେସ ସାଂସଦ ଆନନ୍ଦ ଶର୍ମା ମନ୍ତ୍ରୀଙ୍କ ଠାରୁ ଜାଣିବାକୁ ଚାହିଁଥିଲେ ଯେ ଲକ୍‌ଡାଉନ୍ ଯୋଗୁଁ ସଂକ୍ରମଣ ସଂଖ୍ୟା ୧୪ ଲକ୍ଷ କମିଗଲା ବୋଲି ଏହା ପୂର୍ବରୁ ସେ କହିଥିଲା ବେଳେ ଏବେ ସେହି ସଂଖ୍ୟା ୨୯ ଲକ୍ଷ ବୋଲି କିପରି କୁହାଯାଉଛି? ଏହାର ଜବାବ ଦେଇ ଡକ୍ଟର ହର୍ଷବର୍ଦ୍ଧନ କହିଲେ, ୬ଟି ବୈଜ୍ଞାନିକ ସଂସ୍ଥାର ତଥ୍ୟକୁ ଆଧାର କରି ଏହା କୁହାଯାଉଛି। ଟିକା ପ୍ରସ୍ତୁତି ଦିଗରେ ଭାରତ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ଏବଂ ଅନ୍ତର୍ଜାତୀୟ ସଙ୍ଗଠନ ସହ ମିଶି କାର୍ଯ୍ୟ କରୁଛି। ଏହି ପ୍ରସଙ୍ଗରେ ଆଲୋଚନାରେ ଅଂଶଗ୍ରହଣ କରି ଶିବସେନା ସଦସ୍ୟ ସଞ୍ଜୟ ରାଉତ କହିଲେ, କରୋନାର ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ କହିଲେ ଏହି ପ୍ରସଙ୍ଗରେ କୌଣସି ରାଜନୀତି ହେବା ଉଚିତ୍ ନୁହେଁ। ଆଲୋଚନାରେ ସିପିଆଇର ବିନୟ ବିଶ୍ୱମ୍ କହିଲେ ରାଜ୍ୟଗୁଡିକୁ ଯଥେଷ୍ଟ ମାତ୍ରାରେ କେନ୍ଦ୍ର ସରକାର ଅକ୍ସିଜେନ୍ ଯୋଗାଇ ଦିଅନ୍ତୁ। ଆମ୍ ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂହ, ବିଜେପିର ସୁଧାଂଶୁ ତ୍ରିବେଦୀ ପ୍ରମୁଖ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଜେପି ସଦସ୍ୟ ତ୍ରିବେଦୀ କହିଥିଲେ ଭାରତ କୋଭିଡ୍ ନମୁନା ପରୀକ୍ଷାରେ ଦୃତ ଅଗ୍ରଗତି ହାସଲ କରିଛି ଓ ବ୍ୟକ୍ତିଗତ ସୁରକ୍ଷା ସରଞ୍ଜାମ ଏବଂ ଏନ୍-୯୫ ମାସ୍କ ଯଥେଷ୍ଟ ପରିମାଣରେ ଯୋଗାଇଛି। ଉଲ୍ଲେଖଯୋଗ୍ୟ କରୋନା ସଂକ୍ରମଣରେ ଭାରତ ବିଶ୍ୱରେ ୨ ନମ୍ବର ସ୍ଥାନରେ ରହିଛି।

# କୃଷକଙ୍କୁ ଭ୍ରମିତ କରାଯାଉଛି : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ :** ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଲୋକସଭାରେ ପାରିତ ହୋଇଥିବା କୃଷି ଚିଠା ସବୁ ଐତିହାସିକ କିନ୍ତୁ, ବିରୋଧୀ ଦଳମାନେ କୃଷକମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ ଚଳାଇଛନ୍ତି। ବିରୋଧୀ ଦଳମାନେ ଏହି ତିନୋଟି ବିଲ୍‌କୁ ‘କୃଷକ ବିରୋଧୀ’ ଆଖ୍ୟା ଦେବା ସହ ବିଜେପିର ମିତ୍ର ଶୀରୋମଣି ଅକାଳି ଦଳ ଏହି ବିଲ୍‌କୁ ପ୍ରତିବାଦ କରି ସରକାରରୁ ଓହରି ଯାଇଛି। ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କ ସମାଲୋଚନାକୁ ଅସ୍ୱୀକାର କରି କହିଥିଲେ ଯେ, ମୂଲଚାଲ କରି ଅଧିକ ଦରରେ ଯେକୌଣସି ସ୍ଥାନରେ ଉତ୍ପାଦ ବିକ୍ରୟ କରିବାକୁ ଏହି ଆଇନ କୃଷକମାନଙ୍କୁ ପ୍ରତିବନ୍ଧକ ମୁକ୍ତ କରିବ। ବିହାରରେ ଏକ ରାଲିରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ, କୃଷିରେ କୃଷକମାନଙ୍କୁ ନୂତନ ସ୍ୱାଧୀନତା ପ୍ରଦାନ କରାଯାଇଛି। ଉତ୍ପାଦ ବିକ୍ରୟ କରିବାକୁ ସେମାନେ ଏବେ ଅଧିକ ବିକଳ୍ପ ଓ ସୁଯୋଗ ପାଇବେ। ଏହି ବିଲ୍ ପାରିତ ହେବାରୁ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି। ମଧ୍ୟସ୍ଥମାନଙ୍କ କବଳରୁ ସେମାନଙ୍କୁ ନିରାପଦ ରଖିବାକୁ ଏହି ଆଇନ ପ୍ରଣୟନ କରିବା ଅତ୍ୟାବଶ୍ୟକ ଥିଲା। ଏସବୁ ହେଉଛି କୃଷକମାନଙ୍କର ଢାଲ। ସେ ଆହୁରି ମଧ୍ୟ କହିଥିଲେ ଯେ, ମଧ୍ୟସ୍ଥମାନଙ୍କ ସାଙ୍ଗରେ ଥାଇ ଚାଷୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଲାଭ ‘ପକେଟସ୍ଥ’ କରୁଥିବା ବ୍ୟକ୍ତିବିଶେଷଙ୍କୁ ଦେଶର କୃଷକମାନେ ଜାଣିଛନ୍ତି ଓ ଦେଖୁଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ କୃଷକ ମାନଙ୍କୁ ମିଳୁଥିବା ନୂଆ ସୁଯୋଗକୁ ବିରୋଧ କରୁଛନ୍ତି। ବିରୋଧୀ ଦଳଙ୍କୁ ସମାଲୋଚନା କରି ମୋଦି ପୁଣି କହିଥିଲେ ଯେ, ଏହି ଚିଠା ଜରିଆରେ ଆମ ସରକାର ଯାହା କରିଛି, କଂଗ୍ରେସ ତା’ର ନିର୍ବାଚନ ଇସ୍ତାହାରରେ ସେ ବିଷୟରେ ପ୍ରତିଶ୍ରୁତି ଦେଇଥିଲା। ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି କ୍ଷମତାରେ ରହିଲେ ସେମାନେ ହତାଶ ହୋଇ କୃଷକମାନଙ୍କୁ ବିଭ୍ରାନ୍ତ କରାଇବା ସହ କୃଷି ଚିଠା ବିଷୟରେ ମିଥ୍ୟା ପ୍ରଚାର କରୁଛନ୍ତି। କୃଷକମାନଙ୍କୁ ପ୍ରତିଶ୍ରୁତି ଦେଇ ମୋଦି କହିଥିଲେ ଯେ, ଏମ୍‌ଏସ୍‌ପି ପ୍ରତ୍ୟାହାର ହୋଇଯିବ ବୋଲି ବିରୋଧୀ ଦଳମାନେ ମିଥ୍ୟା ସମ୍ବାଦ ପ୍ରଚାର କରୁଛନ୍ତି। କୃଷକମାନଙ୍କୁ ପ୍ରତିଶ୍ରୁତି ଦେଇ ମୁଁ କହୁଛି ଯେ, ଆଜି ଭଳି ଭବିଷ୍ୟତରେ ମଧ୍ୟ ଏମ୍‌ଏସ୍‌ପି ଚାଲୁ ରହିବ। ସରକାର କୃଷକମାନଙ୍କ ଉତ୍ପାଦ କ୍ରୟ କରିବେ।

# ବିଦେଶରୁ ଆସୁଥିବା ଏଲ୍‌ଇଡି ସାମଗ୍ରୀର ଲ୍ୟାବ୍ ଟେଷ୍ଟ୍ ହେବ

**ନୂଆଦିଲ୍ଲୀ :** ଲଦାଖ ସୀମାରେ ଚୀନ୍‌ସେନାର ଜିଦ୍‌ଖୋର ମନୋବୃତ୍ତିକୁ ଭାଙ୍ଗିବା ପାଇଁ ଭାରତ ସରକାର ଭିନ୍ନ ଆଭିମୁଖ୍ୟ ପୋଷଣ କରିଛନ୍ତି। ଏଣିକି ଭାରତକୁ ଆସୁଥିବା ଏଲ୍‌ଇଡି ସାମଗ୍ରୀଗୁଡ଼ିକର ଯାଞ୍ଚ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଡାଇରେକ୍ଟର ଜେନେରାଲ୍ ଅଫ୍ ଫରେନ୍ ଟ୍ରେଡ୍ (ଡିଜିଏଫ୍‌ଟି) ବିଜ୍ଞପ୍ତି ପ୍ରକାଶ କରି ବିଦେଶରୁ ଅଣାଯାଉଥିବା ଏଲ୍‌ଇଡି ସାମଗ୍ରୀର ଗୁଣାତ୍ମକ ପରୀକ୍ଷଣକୁ ବାଧ୍ୟତାମୂଳକ କରାଯାଇଛି। ଏହି ବିଜ୍ଞପ୍ତି କାର୍ଯ୍ୟକାରୀ କରିବା ପଛରେ ଚୀନ୍‌ରୁ ଏଲ୍‌ଇଡି ସାମଗ୍ରୀ ଆମଦାନୀ ମାତ୍ରା କମାଇବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ସରକାରଙ୍କ ସୂଚନା ମୁତାବକ ବିଦେଶରୁ ଆମଦାନୀ କରାଯାଉଥିବା ଏଲ୍‌ଇଡି ସାମଗ୍ରୀଗୁଡ଼ିକର ପଞ୍ଜୀକରଣକୁ ପ୍ରାଥମିକତା ଦିଆଯିବ। ପରେ ସେଗୁଡ଼ିକର ଗୁଣାତ୍ମକ ମାନ ପରୀକ୍ଷଣ କରାଯିବ। ବିଦେଶୀ ଦ୍ରବ୍ୟଗୁଡ଼ିକ ଯେପରି ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ନକରେ। ସେଥିପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯିବା ସହିତ ସ୍ଥାୟୀତ୍ୱ ପ୍ରତି ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ପଞ୍ଜୀକୃତ ମାଲଗୁଡ଼ିକ କେବଳ ଆଇ୍‌ଏସ୍ ସ୍ୱୀକୃତିପ୍ରାପ୍ତ ଲାବ୍‌ରେ ସେଗୁଡ଼ିକର ଯାଞ୍ଚ କରାଯିବ। ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟରତ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍) ପକ୍ଷରୁ ଏଲ୍‌ଇଡି ସାମଗ୍ରୀଗୁଡ଼ିକର ଗୁଣାତ୍ମକ ପରୀକ୍ଷା କରାଯିବ। ବିଦେଶରୁ ଆସୁଥିବା ଜାହାଜଗୁଡ଼ିକ ଭାରତର କାଣ୍ଡଲା, ପାରାଦୀପ, କୋଚି ଓ ମୁମ୍ବାଇ ବନ୍ଦରରେ ମାଲ ଖଲାସ କରିଥାନ୍ତି। ଏପରିକି ବେଆଇନ ଭାବେ ଆସୁଥିବା ମାଲଗୁଡ଼ିକର ପଞ୍ଜୀକରଣ ଓ ପରୀକ୍ଷଣ ପ୍ରକ୍ରିୟାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ମାଲଗୁଡ଼ିକର ଲ୍ୟାବ୍ ରିପୋର୍ଟକୁ ଭିତ୍ତିକରି ବହିଃଶୁଳ୍କ ବିଭାଗ କ୍ଲିୟରାନ୍ସ ପ୍ରଦାନ କରିବ। ପଞ୍ଜିକୃତ ମାଲଗୁଡ଼ିକ ଲ୍ୟାବ୍‌ରେ ବ୍ୟବହାର ଉପଯୋଗୀ ନୁହେଁ ବୋଲି ପ୍ରମାଣିତ ହେଲେ ସେଗୁଡ଼ିକୁ ଫେରାଇ ଦିଆଯିବ ନଚେତ୍ ନଷ୍ଟ କରି ଦିଆଯିବ। ଏସିଆ ମହାଦେଶରେ ଭାରତୀୟ ବଜାରର ଗୁରୁତ୍ୱ ଅଧିକ। ଏହି ବଜାରରେ ମାଲ ବିକିବା ପାଇଁ ବହୁ ରାଷ୍ଟ୍ର ଚାତକ ପରି ଅନାଇ ରହିଥାନ୍ତି। ଏବେ ଭାରତ ସରକାରଙ୍କ ବାଣିଜ୍ୟ କଟକଣା ଚୀନ୍ ପାଇଁ ବିରାଟ ସମସ୍ୟା ସୃଷ୍ଟି କରିବ। ସରକାରଙ୍କ ଏହି ପ୍ରକ୍ରିୟା ଫଳରେ ଭାରତକୁ ଏଲ୍‌ଇଡି ଦ୍ରବ୍ୟ ପଠାଉଥିବା ଚୀନ୍ କମ୍ପାନୀଗୁଡ଼ିକ ବିପୁଳ କ୍ଷତି ସହିବେ।

# ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ଜନଔଷଧି କେନ୍ଦ୍ର ୧୦,୫୦୦କୁ ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ

**ନୂଆଦିଲ୍ଲୀ,(ପିଆଇବି):** କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଡିଭି ସଦାନନ୍ଦ ଗୌଡା କହିଛନ୍ତି ଯେ ସାଧାରଣ ଜନତା ଏବଂ ବିଶେଷ କରି ଗରିବ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଇ ଦେବା ନିମନ୍ତେ ଭାରତ ସରକାର ଦେଶରେ ୨୦୨୫ ମସିହା ମାର୍ଚ୍ଚ ମାସ ସୁଦ୍ଧା ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି କେନ୍ଦ୍ର ସଂଖ୍ୟାକୁ ୧୦,୫୦୦ରେ ପହଞ୍ଚାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହି ସଂଖ୍ୟକ ଜନଔଷଧି କେନ୍ଦ୍ର ସ୍ଥାପିତ ହେବା ଦ୍ୱାରା ଦେଶର ସମସ୍ତ ଜିଲ୍ଲାରେ ଜନଔଷଧି କେନ୍ଦ୍ର ଉପଲବ୍ଧ ହୋଇପାରିବ। ଏହାଦ୍ୱାରା ଦେଶର କୋଣ ଅନୁକୋଣରେ ସମସ୍ତଙ୍କ ନିକଟରେ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ହୋଇପାରିବ। ୨୦୨୦ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଦେଶରେ ମୋଟ ୬୬୦୩ଟି ଜନଔଷଧି କେନ୍ଦ୍ର ଥିଲା। ୨୦୨୦ ମାର୍ଚ୍ଚ ଠାରୁ ଜୁନ ମାସ ମଧ୍ୟରେ କୋଭିଡ ମହାମାରୀ ଯୋଗୁ ଲକ୍‌ଡାଉନ ପରିସ୍ଥିତି ଦୃଷ୍ଟିରୁ ଏବଂ ଏହା ପରେ ପିଏମବିଜେକେ ଅନେକ ଚାଲେଞ୍ଜର ସାମ୍ନା କରିଛି। ସେଥି ମଧ୍ୟରେ ଏପିଆଇର ଅଭାବ ଏବଂ ଫାର୍ମାସିଉଟିକାଲ୍ସ ପାଇଁ ଆବଶ୍ୟକ ଅନ୍ୟାନ୍ୟ କଞ୍ଚାମାଲର ଅଭାବ ତଥା ପରିବହନ ସମସ୍ୟା ଇତ୍ୟାଦି ଯୋଗୁଁ କେନ୍ଦ୍ରୀୟ ଭଣ୍ଡାର କିମ୍ବା କ୍ଷେତ୍ରୀୟ ୱେରହାଉସରୁ ରିଟେଲ ଷ୍ଟୋର ପର୍ଯ୍ୟନ୍ତ ଔଷଧପତ୍ର ଯୋଗାଣ କ୍ଷେତ୍ରରେ ଉତ୍ପନ୍ନ ସମସ୍ୟାର ସାମ୍ନା କରିବାକୁ ପଡିଥିଲା। ଏହିସବୁ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏବଂ ସଂପ୍ରସାରଣ ଯୋଜନାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଏକ ଆଇଟି ସକ୍ଷମ ସକ୍ରିୟ ଲଜିଷ୍ଟିକ୍ସ ଓ ଯୋଗାଣ ଚେନ୍ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ରିଅଲ୍ ଟାଇମ୍ ଆଧାରରେ ସମସ୍ତ ଆଉଟଲେଟକୁ ଔଷଧ ଯୋଗାଣ ସୁନିଶ୍ଚିତ କରାଯିବାର ଯୋଜନା ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନ ଦେଶର ଚାରିଟି ସ୍ଥାନରେ ଜନଔଷଧି କେନ୍ଦ୍ରର କ୍ଷେତ୍ରୀୟ ୱେରହାଉସ୍ ରହିଛି। ସେଗୁଡିକ ହେଲା ଗୁରୁଗ୍ରାମ, ଚେନ୍ନାଇ, ବେଙ୍ଗାଲୁରୁ ଏବଂ ଗୌହାଟୀ। ଅଧିକନ୍ତୁ ଏବେ କେନ୍ଦ୍ରୀୟ ଭାରତରେ ଆଉ ଦୁଇଟି ୱେର ହାଉସ ସ୍ଥାପନ ସକାଶେ ଏଯାଜନା ପ୍ରସ୍ତୁତ କରାଯାଇଛି।

# ‘ବୈଦ୍ୟୁତିକ ଗଣମାଧ୍ୟମ ନିୟନ୍ତ୍ରଣ କରାଯିବା ଉଚିତ’



**ନୂଆଦିଲ୍ଲୀ :** ଦେଶର ଅଧିକାଂଶ ବୈଦ୍ୟୁତିକ ଗଣମାଧ୍ୟମ ଟିଆର୍‌ପି ପଛରେ ମାତିଥିବାରୁ ସେଗୁଡ଼ିକର ନିୟନ୍ତ୍ରଣ ପ୍ରତି ଗୁରୁତ୍ୱାରୋପ କରିଛନ୍ତି ସୁପ୍ରିମକୋର୍ଟ। ଏକ ମାମଲାର ଶୁଣାଣି କରି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଏଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତି। ତେବେ ଯେକୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରେସ୍ ସ୍ୱାଧୀନତାକୁ ନିୟନ୍ତ୍ରଣ କରିବାର ପରିଣତି ଭୟଙ୍କର ହେବ ବୋଲି କେନ୍ଦ୍ର ସରକାର ଖଣ୍ଡପୀଠକୁ ଜଣାଇଛନ୍ତି। ସୁପ୍ରିମକୋର୍ଟଙ୍କ ମତରେ ଇଣ୍ଟରନେଟ୍‌କୁ ନିୟନ୍ତ୍ରଣ କରିବା କଷ୍ଟକର ବ୍ୟାପାର, ମାତ୍ର ବୈଦ୍ୟୁତିକ ଗଣମାଧ୍ୟମକୁ କିଛିମାତ୍ରାରେ ନିୟନ୍ତ୍ରଣ କରିବାରେ କିଛି ଅସୁବିଧା ହେବନାହିଁ। ସୁଦର୍ଶନ ଟିଭିର ‘ବିନ୍ଦାସ ବୋଲ’ କାର୍ଯ୍ୟକ୍ରମରେ ସରକାରୀ ଚାକିରୀରେ ମୁସଲିମଙ୍କ ନିଯୁକ୍ତି ପ୍ରସଙ୍ଗ ବିରୋଧରେ ଆଗତ ଏକ ପିଟିସନ୍‌ର ବିଚାର କରି ସୁପ୍ରିମକୋର୍ଟ ବୈଦ୍ୟୁତିକ ଗଣମାଧ୍ୟମର ଏପରି କାର୍ଯ୍ୟକ୍ରମକୁ ନାପସନ୍ଦ କରିଥିଲେ। ସୁପ୍ରିମକୋର୍ଟଙ୍କ ମତରେ ବୈଦ୍ୟୁତିକ ଗଣମାଧ୍ୟମଗୁଡ଼ିକ ସମାଜକୁ ଦିଗ୍‌ଦର୍ଶନ ଦେବା ଭଳି କାର୍ଯ୍ୟକ୍ରମ ପ୍ରସାରଣ କରିବା ଉଚିତ। ସମାଜରେ ଘୃଣା, ବିଦ୍ୱେଷ, ପକ୍ଷପାତ ବିଷୟକୁ ବନେଇ ଚୁନେଇ ପ୍ରସାରଣ କରିବା ଫଳରେ ବିବାଦୀୟ ପରିସ୍ଥିତି ଉପୁଜୁଛି। ସୁପ୍ରିମକୋର୍ଟଙ୍କ ମତାମତ ଶୁଣିବା ପରେ ସଲିସିଟର୍ ଜେନେରାଲ୍ ତୁଷାର ମେହେଟ୍ଟା ସାମ୍ବାଦିକଙ୍କ ସ୍ୱାଧୀନତାକୁ ପ୍ରାଥମିକତା ଦିଆଯିବା କଥା କହିଥିଲେ। ଖଣ୍ଡପୀଠର ଅନ୍ୟ ଦୁଇ ସଭ୍ୟ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା ଓ ଜଷ୍ଟିସ୍ କେଏମ୍ ଜୋଶେଫ ସଲିସିଟର ଜେନେରାଲ୍ ମେହଟ୍ଟାଙ୍କ ଯୁକ୍ତିକୁ ସମ୍ପୂର୍ଣ୍ଣ ଗ୍ରହଣ କରିନଥିଲେ। ମେହଟ୍ଟାଙ୍କ ମତରେ କେତେକ ପ୍ରସଙ୍ଗରେ ବୈଦ୍ୟୁତିକ ଗଣମାଧ୍ୟମ ସରକାର ଓ ଲୋକଙ୍କ ମଧ୍ୟରେ ମଧ୍ୟସ୍ଥିର ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ବୈଦ୍ୟୁତିକ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଯୁକ୍ତିସଙ୍ଗତ ନୁହେଁ ବୋଲି ସରକାର ଭାବୁଛନ୍ତି। ସବୁ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ପୁଣି ଥରେ ସୋସିଆଲ୍ ମିଡିଆ ନିୟନ୍ତ୍ରଣ କରିବା ପରିବର୍ତ୍ତେ ବୈଦ୍ୟୁତିକ ଗଣମାଧ୍ୟମ ଉପରେ ସାମାନ୍ୟ ଅଙ୍କୁଶ ଲଗାଇବାରେ ଅସୁବିଧା ହେବନି ବୋଲି କହିଛନ୍ତି। ମାତ୍ରାଧିକ ସ୍ୱାଧୀନତା ଦେବା ଆଦୌ ନ୍ୟାୟସଙ୍ଗତ ନୁହେଁ ବୋଲି ଜଷ୍ଟିସ୍ ଜୋଶେଫ କହିଛନ୍ତି। ଆଜିକାଲି ଖବରକାଗଜ ପରିବର୍ତ୍ତେ ଅଧିକାଂଶ ଲୋକ ବୈଦ୍ୟୁତିକ ଗଣମାଧ୍ୟମକୁ ପସନ୍ଦ କରୁଛନ୍ତି ବୋଲି ଖଣ୍ଡପୀଠ ସ୍ୱୀକାର କରିଛନ୍ତି। ତା’ ସହିତ କେତେକ ବୈଦ୍ୟୁତିକ ଗଣମାଧ୍ୟମର ଅପରାଧିକ କାର୍ଯ୍ୟକଳାପ ପ୍ରତି ସନ୍ଦେହ ପ୍ରକାଶ କରିଛନ୍ତି। ସମାଜକୁ ପଥଭ୍ରଷ୍ଟ କରିବା ଦିଗରେ ଗଣମାଧ୍ୟମର ଭୂମିକା ସର୍ବାଧିକ ଥିବାରୁ ତା’ ଉପରେ ସରକାରଙ୍କ ସାମାନ୍ୟ ଅଙ୍କୁଶ ରହିବା ଦରକାର ବୋଲି ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି।

# ଶୁକ୍ରଗ୍ରହରେ ଏଲିଅନ୍ ଦୁନିଆ



**ୱାଶିଂଟନ୍ :** ପୃଥିବୀ ବିନା ଅନ୍ୟ କୌଣସି ଗ୍ରହ ଉପଗ୍ରହରେ ଜୀବସତ୍ତା ଥିବା ସମ୍ପର୍କରେ ମହାକାଶ ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଗବେଷଣା ଜାରି ରଖିଛନ୍ତି। ପୃଥିବୀ ପୃଷ୍ଠରୁ ମହାକାଶକୁ ଧ୍ୱନି ତରଙ୍ଗ ଛଡ଼ାଯିବା ଫଳରେ ତା’ର ପାଲଟା ଜବାବ ବୁଝିବାର ଶକ୍ତି ଆମ ବୈଜ୍ଞାନିକଙ୍କ ପାଖରେ ନାହିଁ। ମାତ୍ର କୌଣସି ନାକୌଣସି ଗ୍ରହ ଉପଗ୍ରହରେ ଏହି ବିସ୍ମୟ ପ୍ରାଣୀର ସଂସାର ରହିଥିବା ପ୍ରତୀୟମାନ ହେଉଛି। ସୌରମଣ୍ଡଳର ଗ୍ୟାସୀୟ ଗ୍ରହ ରୂପେ ପରିଚିତ ଶୁକ୍ରଗ୍ରହ ବାୟୁମଣ୍ଡଳରେ ଫସ୍‌ଫିନ୍ ସନ୍ଧାନ ପାଇଛନ୍ତି ନାସା ବିଜ୍ଞାନୀ। ଶୁକ୍ର ବାୟୁମଣ୍ଡଳରେ ଫସ୍‌ଫିନ୍ ରହିଥିବାର ଅର୍ଥ ଜୀବସତ୍ତାର ଉପସ୍ଥିତି। ଏଲିୟନ୍ ଦୁନିଆକୁ କାଳ୍ପନିକ ଆଖ୍ୟା ଦେଇ ବୈଜ୍ଞାନିକମାନେ ଦୃଷ୍ଟି ଏଡ଼ାଇ ଦେଇଥିଲେ ମଧ୍ୟ ବର୍ତ୍ତମାନ ଶୁକ୍ରଗ୍ରହର ବାୟୁମଣ୍ଡଳ ପୁଣି ବୈଜ୍ଞାନିକଙ୍କ ଦୃଷ୍ଟିକୋଣକୁ ବଦଳାଇ ଦେଇଛି। ଏଲିୟନ୍ ଯେ କଳ୍ପନାର ପାତ୍ର ନୁହେଁ ଏବେ ବୈଜ୍ଞାନିକମାନେ ଅସ୍ୱୀକାର କରିପାରିବେନି। ‘ନେଚର୍ ଆଷ୍ଟ୍ରୋନୋମି’ରେ ପ୍ରକାଶିତ ଗବେଷଣାତ୍ମକ ରିପୋର୍ଟ ଅନୁସାରେ ଶୁକ୍ରଗ୍ରହର ବାୟୁମଣ୍ଡଳରେ ଫସ୍‌ଫିନ୍ ନାମକ ଗ୍ୟାସ୍ ଅଛି। ଆମେ ଯେଉଁ ଫସ୍‌ଫିନ୍ ସମ୍ପର୍କରେ ଜାଣିଛୁ, ସେଗୁଡ଼ିକରେ ଥିବା ମାଇକ୍ରୋବ୍ସ ଅମ୍ଳଜାନ ବିନା ବଞ୍ଚି ରହିଥାନ୍ତି। ଫସ୍‌ଫିନ୍ ଏପରି ଏକ ଗ୍ୟାସ୍ ଯାହା ଜୈବିକ ପ୍ରକ୍ରିୟା ଦେଇ ତିଆରି ହୋଇଥାଏ। ହାୱାଇର ଜେମ୍ସ କ୍ଲାର୍କ ମ୍ୟାକ୍ସବେଲ ଟେଲିସ୍କୋପ୍‌ର ଡେପୁଟି ଡାଇରେକ୍ଟର ଜେସିକା ଡେମ୍ପସୀ ଏହି ଗ୍ୟାସ୍‌ର ସନ୍ଧାନ ପାଇଛନ୍ତି। ସେ କହିଛନ୍ତି, ବର୍ଜ୍ୟବସ୍ତୁରୁ ସୃଷ୍ଟି ଫସ୍‌ଫିନ୍‌ର ମାଇକ୍ରୋବ୍ସ ବାଦଲରେ ମିଶିଯାଇଥାଏ। ବୃହସ୍ପତି ଓ ଶନିଗ୍ରହରେ ମଧ୍ୟ ଫସ୍‌ଫିନ୍‌ର ସନ୍ଧାନ ମିଳିଛି। କିନ୍ତୁ ବୃହସ୍ପତି ଓ ଶନିଗ୍ରହର ମାଇକ୍ରୋବ୍ସ ସହିତ ପୃଥିବୀ ଓ ଶୁକ୍ରର ମାଇକ୍ରୋବ୍ସ ତାଳମେଳ ରହୁନାହିଁ। ବୈଜ୍ଞାନିକଙ୍କ ମତରେ ଶୁକ୍ରପୃଷ୍ଠରେ ଜୀବସତ୍ତା ବଞ୍ଚି ରହିବା ଅସମ୍ଭବ। ମାତ୍ର ତା’ର ବାୟୁମଣ୍ଡଳରେ ଜୀବସତ୍ତା ଥିବାର ସଙ୍କେତ ମିଳୁଛି। ବାୟୁମଣ୍ଡଳର ତାପମାତ୍ରା ୩୦ ଡିଗ୍ରୀ ସେଲ୍‌ସିୟସ୍। ଡକ୍ଟର ଡେମ୍ପସୀ ଏହା ମଧ୍ୟ କହିଛନ୍ତି ଯେ ଶୁକ୍ର ବାୟୁମଣ୍ଡଳରେ ଜୀବସତ୍ତାର ସନ୍ଧାନ ପାଇଛନ୍ତି ବୋଲି ସେ ଦୃଢ଼ତାର ସହ କହିପାରିବେନି। ୟୁନିଭର୍ସିଟି ଅଫ୍ କାଲିଫର୍ଣ୍ଣିଆର ଜ୍ୟୋତିର୍ବିଜ୍ଞାନୀ ଷ୍ଟିଫେନ୍ କେନ୍ ମଧ୍ୟ ସମାନ କଥା କହିଛନ୍ତି। ତାଙ୍କ ମତରେ ତରବରିଆ ଭାବେ କିଛି କହିବା ଧୃଷ୍ଟତା ହେବ। ତେଣୁ ସବୁ ଦୃଷ୍ଟିକୋଣକୁ ତୀକ୍ଷ୍ଣତାର ଅନୁଧ୍ୟାନ କରିବା ପରେ ମତ ପ୍ରକାଶ କରାଯିବା ଦରକାର। ଶୁକ୍ରରେ ଜୀବସତ୍ତା ନଥିଲେ, ଫସ୍‌ଫିନ୍‌ର ସନ୍ଧାନ ମିଳିବାର ପ୍ରଶ୍ନ ଉଠୁନି। ଏହାର ଅର୍ଥ ଶୁକ୍ରରେ ଜୀବସତ୍ତା ତିଷ୍ଠି ରହିଛନ୍ତି। ମାତ୍ର ସେଗୁଡ଼ିକ ଆମ ଭଳି ସାଧାରଣ ମଣିଷ ହୋଇନପାରନ୍ତି। ସେଠାରେ ଯେଉଁ ମାଇକ୍ରୋବ୍ସର ସନ୍ଧାନ ମିଳିଛି। ତାହା ଆମ ବାୟୁମଣ୍ଡଳରେ ମିଳୁଥିବା ଫସ୍‌ଫିନ୍ ମାଇକ୍ରୋବ୍ସଠାରୁ ସମ୍ପୂର୍ଣ୍ଣ ଅଲଗା। ତୁଳନାତ୍ମକ ଭାବେ ଦେଖିଲେ, ଶୁକ୍ର ବାୟୁମଣ୍ଡଳରେ ୯୦% ଏସିଡ୍ ଭାଗ ଅଛି। ଗବେଷକ ଟିମର ମୁଖ୍ୟ ପ୍ରଫେସର୍ ଜିନ୍ ଗ୍ରୀବ୍ସଙ୍କ ସୂଚନା ମୁତାବକ ଯଦି ଶୁକ୍ରପୃଷ୍ଠରେ ଜୀବିତ ପ୍ରାଣୀର ସନ୍ଧାନ ମିଳିଯାଏ, ତା’ ଉପରେ ଗବେଷଣା କରିବା ସହଜ ହେବନି। ତେଣୁ ସେଭଳି ଗବେଷଣାରେ ଅଯଥା ସମୟ ନଷ୍ଟ କରିବା ଅନୁଚିତ। ନାସା ମୁଖ୍ୟ ଜିମ୍ ବ୍ରାଇଡଷ୍ଟିନ୍ ଏହି ଗବେଷଣାକୁ ଶ୍ରେଷ୍ଠତମ ଅନୁଭୂତି ବୋଲି କହିଛନ୍ତି। ତାଙ୍କ ମତରେ ଏହା ଏକ ଜଟିଳ ବିଷୟ। ଶୁକ୍ରରେ ଫସ୍‌ଫିନ୍ ଥିବାର ଅର୍ଥ ଜୀବସତ୍ତାକୁ ସୁହାଉଥିବା ଭଳି ଅନ୍ୟ ମାଇକ୍ରୋବ୍ସଗୁଡ଼ିକ ନିଶ୍ଚିତ ରୂପେ ରହିଛି। ଆମକୁ ସେଗୁଡ଼ିକର ସନ୍ଧାନ ମିଳିବା ଦରକାର।




### ରାଜ୍ୟ ସରକାରଙ୍କ ବନ୍ୟା ମୁକାବିଲା ଉଦ୍ୟମକୁ କେନ୍ଦ୍ରୀୟ ଟିମ୍‌ର ପ୍ରଶଂସା

# ୧୧ଶହ କୋଟି ସହାୟତା ଦାବିକଲା ଓଡ଼ିଶା

**ଭୁବନେଶ୍ୱର :** ଓଡ଼ିଶାରେ ଗତମାସରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ପ୍ରାୟ ୧୧୦୦ କୋଟି ଟଙ୍କାର ସହାୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ଦାବି ରଖିଛି। ଏହି ସହାୟତା ରାଶି ସମେତ ବିପର୍ଯ୍ୟୟ ପ୍ରତିରୋଧ ନିମନ୍ତେ ସ୍ଥାୟୀ ପଦକ୍ଷେପ ପାଇଁ ଆବଶ୍ୟକ ଅର୍ଥ ମଧ୍ୟ ଚୂଡାନ୍ତ ସ୍ମାରକପତ୍ରରେ ସାମିଲ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ବନ୍ୟା କ୍ଷୟକ୍ଷତି ଆକଳନ କରିଥିବା ଆନ୍ତଃମନ୍ତ୍ରଣାଳୟ ପ୍ରତିନିଧି ଦଳ (କେନ୍ଦ୍ରୀୟ ଟଇମ୍) ସହ ଆଜି ଲୋକସେବା ଭବନରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବିସ୍ତୃତ ଆଲୋଚନା କରିଛନ୍ତି। କେନ୍ଦ୍ର ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଉଥିବା ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପ୍ରବୀଣ ବିଶିଷ୍ଟଙ୍କ ନେତୃତ୍ୱରେ ଆସିଥିବା ୫ ଜଣିଆ କେନ୍ଦ୍ର ପ୍ରତିନିଧି



ମଣ୍ଡଳୀକୁ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ଅବଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବ, ସ୍ୱତନ୍ତ୍ର ରିଲିଫ କମିଶନର ଓ ବିଭିନ୍ନ ବିଭାଗର ସଚିବମାନେ ବନ୍ୟା କ୍ଷୟକ୍ଷତି, ରିଲିଫ ଓ ସ୍ଥାନାନ୍ତର ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ପଦକ୍ଷେପକୁ କେନ୍ଦ୍ରୀୟ ଟିମ୍ ପ୍ରଶଂସା କରିବା ସହ ଏସ୍‌ଡିଆରଏଫ୍ ମାନଦଣ୍ଡ ଅନୁସାରେ ସହାୟତା ଦେବାକୁ ସହମତି ଜଣାଇଥିଲେ। ଏହାସହିତ ନୂଆ ନଦୀବନ୍ଧ ନିର୍ମାଣ, ନଦୀବନ୍ଧକୁ ସୁଦୃଢ଼ କରିବା, ଭାଙ୍ଗି ଯାଇଥିବା ଘର ପରିବର୍ତ୍ତେ ବିପର୍ଯ୍ୟୟ ପ୍ରତିରୋଧ ଘର ନିର୍ମାଣ ଭଳି ସ୍ଥାୟୀ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଉପରେ ସହମତି ଜଣାଇଥିଲେ। କେନ୍ଦ୍ର ସରକାରଙ୍କ ସହଯୋଗରେ ବିପର୍ଯ୍ୟୟ ପରିଚାଳନାର ସ୍ଥାୟୀ ପ୍ରତିକାର ନିମନ୍ତେ ରାଜ୍ୟ ସରକାରଙ୍କ ନୂଆ ଆଭିମୁଖ୍ୟକୁ ମଧ୍ୟ କେନ୍ଦ୍ରୀୟ ଟିମ୍ ପ୍ରଶଂସା କରିଛନ୍ତି। କେନ୍ଦ୍ରୀୟ ଟିମ୍‌କୁ ଅବଗତ କରି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଗତ ମାସରେ ଆସିଥିବା ବନ୍ୟାରେ ୧୮ଟି ଜିଲ୍ଲାର ୧୩୫ଟି ବ୍ଲକ ଓ ୨୧ଟି ପୌରାଞ୍ଚଳ, ୧୧୬ଟି ପଞ୍ଚାୟତର ୬୦୬୬ଟି ଗାଁର ମୋଟ ୨୫.୮୦ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ୮.୫୯ଲକ୍ଷ ପଶୁସମ୍ପଦ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ୧୩.୮୭ଲକ୍ଷ ଲୋକ ଜଳବନ୍ଦୀ ଥିଲେ। ବନ୍ୟାରେ ୧ଲକ୍ଷ ୧୨ ହଜାର ୬୭୦ଟି ଘର ନଷ୍ଟ ହୋଇଛି। ୩.୧୧ଲକ୍ଷ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୬୨୪୫୬ ହେକ୍ଟର ଫସଲରେ ବାଲି ମାଡି ଯାଇଛି। ୩୦ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୩୦୬୫୪ ପଶୁସମ୍ପଦ ମଧ୍ୟ ନଷ୍ଟ ହୋଇଛି। କ୍ଷତିଗ୍ରସ୍ତ ଫସଲ ମଧ୍ୟରୁ ପ୍ରାୟ ୨.୨୫ ଲକ୍ଷ ହେକ୍ଟର କୃଷି ଜମିରେ ସର୍ବନିମ୍ନ ୩୩ ପ୍ରତିଶତରୁ ଅଧିକ ଫସଲ ନଷ୍ଟ ହୋଇଛି। ବନ୍ୟାରେ ବହୁ ନଦୀବନ୍ଧ, ରାସ୍ତା ଓ ସାର୍ବଜନୀନ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୧୧୦୦ କୋଟି ଟଙ୍କାର ସହାୟତା ଲୋଡିବା ସହ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସ୍ଥାୟୀ ପଦକ୍ଷେପ ଗୁଡିକୁ ଚୂଡାନ୍ତ ସ୍ମାରକପତ୍ରରେ ସ୍ଥାନ ପାଇବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ଜେନା ସୂଚନା ଦେଇନ୍ତି। ବନ୍ୟା କ୍ଷୟକ୍ଷତି ଆକଳନ କରି ନୂଆଦିଲ୍ଲୀ ଫେରିବା ପୂର୍ବରୁ କେନ୍ଦ୍ରୀୟ ଟିମ୍‌ର ପ୍ରତିନିଧିମାନେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଏସ୍‌ଆରସି ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର, ଏପିସି, କୃଷି, ଜଳ ସମ୍ପଦ, ପଞ୍ଚାୟତିରାଜ, ମତ୍ସ୍ୟ ଓ ପଶୁସମ୍ପଦ ସଚିବ, କ୍ରାଇମ୍‌ବ୍ରାଞ୍ଚ ଏଡିଜି ପ୍ରମୁଖ ସହ ବନ୍ୟା କ୍ଷୟକ୍ଷତି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ପ୍ରାୟ ୧୮ଟି ଜିଲ୍ଲା ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ଗତକାଲି ଆସିଥିବା ୫ ଜଣିଆ କେନ୍ଦ୍ରୀୟ ଟିମ୍ ଦୁଇ ଭାଗରେ ବିଭକ୍ତ ହୋଇ ପ୍ରଥମ ଦିନରେ ବାଲେଶ୍ୱର ଓ କେନ୍ଦ୍ରାପଡା ଏବଂ ଦ୍ୱିତୀୟ ଦିନରେ ଯାଜପୁର ଓ ପୁରୀ ଜିଲ୍ଲା ଗସ୍ତ କରି ବନ୍ୟା କ୍ଷୟକ୍ଷତି ଆକଳନ କରିଥିଲେ।

## ଜାନୁଆରୀରୁ ଇ-ମଷ୍ଟର ରୋଲ୍



**ଭୁବନେଶ୍ୱର :** ଜାନୁଆରୀ ପହିଲାରୁ ଇ-ମଷ୍ଟର ରୋଲ୍ ଆରମ୍ଭ ହେବ। ୨୦୨୧ ଜାନୁଆରୀ ପହିଲାରୁ ସବୁ ବିଭାଗରେ ଲାଗୁ ଇ-ମଷ୍ଟର ରୋଲ୍ କରାଯିବ। ପ୍ରଥମ ପର୍ଯ୍ୟାୟରେ ଜଳ ସମ୍ପଦ, ପୂର୍ତ୍ତ, ପଞ୍ଚାୟତିରାଜ, ଗ୍ରାମ୍ୟ ଓ ନଗର ଉନ୍ନୟନ ବିଭାଗ କାର୍ଯ୍ୟକାରୀ ହେବ। ଅକ୍ଟୋବର ୨ରୁ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଥିବା ବେଳେ ଇ-ମଷ୍ଟର ରୋଲ୍ ପ୍ରକଳ୍ପ ପାଇଁ ୧୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ଇ-ମଷ୍ଟର ରୋଲ୍ ଲାଗୁ ହେଲେ ଶ୍ରମିକଙ୍କ ଆକାଉଣ୍ଟକୁ ସିଧା ଯିବ ଟଙ୍କା ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଜୁରୀ ଇ-ପେମେଣ୍ଟ ସମୀକ୍ଷା ପରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଣିକି ଶ୍ରମିକଙ୍କ ମଜୁରୀ ପାଇଁ ଇ-ମଷ୍ଟରରୋଲ ବାଧ୍ୟତାମୂଳକ। ଏହାକୁ ଐତିହାସିକ ନିଷ୍ପତ୍ତି ବୋଲି ରାଜ୍ୟ ସରକାର ଦର୍ଶାଇଥିବା ବେଳେ ଏନେଇ ୫ଟି ଅଧିନରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଇ-ମଷ୍ଟରରୋଲ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତାରେ ଉତ୍ତରଦାୟିତ୍ୱ ରହିବ ବୋଲି କୁହାଯାଇଛି। ୧୦ କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପରେ ଇ-ମଷ୍ଟରରୋଲ କାର୍ଯ୍ୟକାରୀ କରାଯିବ। ୨୦୨୧ ଜାନୁଆରୀ ପହିଲାରୁ ସବୁ ବିଭାଗରେ ଲାଗୁ ହେବ ଏହି ଇ-ମଷ୍ଟରରୋଲ ବ୍ୟବସ୍ଥା। ଏହାଦ୍ୱାରା ପ୍ରଶାସନିକ କ୍ଷେତ୍ରରେ ସୁସ୍ଥତା ଆସିବା ସହ ଜାଲିଆତି ଦୂର ହେବ ବୋଲି ଆଶା କରାଯାଉଛି। କାରଣ ଏହି ବ୍ୟବସ୍ଥା ଲାଗୁ ହେବା ପରେ ଶ୍ରମିକଙ୍କ ଖାତାକୁ ସିଧାସଳଖ ଭାବେ ସେମାନଙ୍କ ମଜୁରୀ ପଠାଯିବ। ଅପରପକ୍ଷରେ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ ଉପରେ ନଜର ରଖାଯିବ। ସମୟ ଅନୁଯାୟୀ ଇଏସ୍‌ଆଇ ଏବଂ ଇପିଏଫ୍ ଦାଖଲ ହେଉଛି କି ନାହିଁ ସେଥିନେଇ ମଧ୍ୟ ତଦାରଖ କରାଯିବ। ତେବେ ପ୍ରଥମ ପର୍ଯ୍ୟାୟରେ ୫ଟି ବିଭାଗରେ ଏହି ବ୍ୟବସ୍ଥା କରାଯିବ। ଅକ୍ଟୋବର ୨ ରୁ ୫ଟି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଇ-ମଷ୍ଟରରୋଲ କାର୍ଯ୍ୟକାରୀ କରାଯିବ। ପୂର୍ତ୍ତ ବିଭାଗ, ଜଳସମ୍ପଦ ବିଭାଗ, ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ ଓ ନଗର ଉନ୍ନୟନ ବିଭାଗ ପାଇଁ ଇ-ମଷ୍ଟରରୋଲ ହେବ ବୋଲି ସୂଚନା ଦିଆଯାଇଛି।

## +୨ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ ମାର୍କ ପ୍ରକାଶ

**ଭୁବନେଶ୍ୱର :** ପୂର୍ବ ଘୋଷଣା ଅନୁଯାୟୀ +୨ କଳା, ବିଜ୍ଞାନ ଓ ବାଣିଜ୍ୟର ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ପ୍ରକାଶ ପାଇଛି। ଏଥିସହ ସଂସ୍କୃତ ଓ ବୈଷୟିକ ଅନୁଷ୍ଠାନର କଟ୍‌ଅଫ୍ ମାର୍କ ମଧ୍ୟ ପ୍ରକାଶିତ ହୋଇଛି। କଳାରେ ଚଳିତ ବର୍ଷ ସର୍ବାଧିକ ୭୨.୫ ପ୍ରତିଶତ କଟ୍‌ଅଫ ମାର୍କ ରେଭେନ୍ସା ହାୟର ସେକେଣ୍ଡାରୀ ସ୍କୁଲର ରହିଛି। ଦ୍ୱିତୀୟରେ ବିଜେବିରେ ୭୧.୮୩ ପ୍ରତିଶତ ରହିଥିବା ବେଳେ ତୃତୀୟରେ ରାଉରକେଲା ସରକାରୀ ହାୟର ସେକେଣ୍ଡାରୀ ସ୍କୁଲରେ ଏହା ୬୭.୮୩ ପ୍ରତିଶତ ରହିଛି। ସେହିପରି ଚତୁର୍ଥରେ ଶୈଳବାଳା ହାୟର ସେକେଣ୍ଡାରୀ ସ୍କୁଲରେ ୬୭.୩୩ ପ୍ରତିଶତ ଥିବା ବେଳେ ପଞ୍ଚମରେ ଜେକେବିକେର ୬୬.୩୩ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ଷଷ୍ଠରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ହାୟର ସେକେଣ୍ଡାରୀ ସ୍କୁଲର ୬୬.୩୩ ପ୍ରତିଶତ, ସପ୍ତମରେ ଭଦ୍ରକ ହାୟର ସେକେଣ୍ଡାରୀ ସ୍କୁଲର ୬୪.୬୭ ପ୍ରତିଶତ, ଅଷ୍ଟମ ସ୍ଥାନରେ ରମାଦେବୀ ହାୟର ସେକେଣ୍ଡାରୀ ସ୍କୁଲର ୬୪.୩୩ ପ୍ରତିଶତ, ନବମରେ ବଲାଙ୍ଗିର ରାଜେନ୍ଦ୍ର ହାୟର ସେକେଣ୍ଡାରୀ ସ୍କୁଲର ୬୩.୩୩ପ୍ରତିଶତ ଥିବାବେଳେ ଦଶମରେ କମ୍‌ଗାଓଁ ହାୟର ସେକେଣ୍ଡାରୀ ସ୍କୁଲର କଟଅଫ୍ ମାର୍କ ୬୩.୧୭ପ୍ରତିଶତ ରହିଛି। ସେହିପରି ବିଜ୍ଞାନରେ ରେଭେନ୍ସା ହାୟର ସେକେଣ୍ଡାରୀ ସ୍କୁଲରେ ସର୍ବାଧିକ ୮୯ ପ୍ରତିଶତ କଟ୍‌ଅଫ୍ ମାର୍କ ରହିଛି। ୨ୟରେ ବିଜେବିରେ ୮୮.୬ ପ୍ରତିଶତ ରହିଥିବା ବେଳେ ତୃତୀୟରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାର ସ୍କୁଲରେ କଟ୍‌ଅଫ୍ ମାର୍କ ୮୬.୬୭ ପ୍ରତିଶତ ରହିଛି। ଚତୁର୍ଥରେ ଉପେନ୍ଦ୍ରନାଥ ହାୟର ସେକେଣ୍ଡାରୀ ସ୍କୁଲର ୮୪.୬୭ ପ୍ରତିଶତ ଏବଂ ପଞ୍ଚମରେ ବେସିକ୍‌ସାଇନ୍ସରେ ୮୩.୮୩ ପ୍ରତିଶତ ଥିବାବେଳେ ଷଷ୍ଠରେ ଜେକେବିକେରେ ୮୧.୬ ପ୍ରତିଶତ, ସପ୍ତମରେ ନାଳନ୍ଦା ଶ୍ରୀ ହାୟର ସେକେଣ୍ଡାରୀ ସ୍କୁଲରେ ୮୧.୩୩ ପ୍ରତିଶତ, ଅଷ୍ଟମରେ ନୟାଗଡ଼ ହାୟର ସେକେଣ୍ଡାରୀ ସ୍କୁଲରେ ୮୦.୬୭ ପ୍ରତିଶତ, ନବମରେ ଟେଟ୍ରାହେଡ୍ରନ ମହିଳା ହାୟର ସେକେଣ୍ଡାରୀ ସ୍କୁଲର ୮୦.୧୭ପ୍ରତିଶତ ଏବଂ ଦଶମରେ ଇ-ଟେକ୍ ରେସିଡେନ୍ସିଆଲ ହାୟର ସେକେଣ୍ଡାରୀ ସ୍କୁଲର ୮୦ପ୍ରତିଶତ ରହିଛି। ବାଣିଜ୍ୟରେ ରେଭେନ୍ସା ହାୟର ସେକେଣ୍ଡାରୀ ସ୍କୁଲର କଟ୍‌ଅଫ୍ ମାର୍କ ୭୫.୮୩ ପ୍ରତିଶତ ରହିଥିଲା ବେଳେ ୨ୟରେ ରାଉରକେଲା ସରକାରୀ ହାୟର ସେକେଣ୍ଡାରୀ ସ୍କୁଲର ୭୫.୫ ପ୍ରତିଶତ ରହିଛି। ତୃତୀୟରେ ବିଜେବିର କଟ୍‌ଅଫ ମାର୍କ ୭୪ ପ୍ରତିଶତ ରହିଛି। ଚତୁର୍ଥରେ ଶୈଳବାଳା ହାୟର ସେକେଣ୍ଡାରୀ ସ୍କୁଲର ୭୦ ପ୍ରତିଶତ ଥିବା ବେଳେ ପଞ୍ଚମରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରୀ ସ୍କୁଲରେ କଟ୍‌ଅଫ୍ ମାର୍କ ମଧ୍ୟ ୭୦ପ୍ରତିଶତ ରହିଛି। ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ଅନୁଯାୟୀ ଛାତ୍ରଛାତ୍ରୀମାନେ ଆସନ୍ତା ପ୍ରଥମ ପର୍ଯ୍ୟାୟ ନାମଲେଖା ଆସନ୍ତା ୨୧ରୁ ୨୬ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଅକ୍ଟୋବର ୩ତାରିଖରେ ୨ୟ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇବ। ୨ୟ ପର୍ଯ୍ୟାୟ ନାମଲେଖା ଅକ୍ଟୋବର ୫ରୁ ୭ ତାରିଖ ମଧ୍ୟରେ କରାଯିବ। ଏହାପରେ ଯଦି କୌଣସି କଲେଜରେ ସିଟ୍ ବଳକା ରହେ ତେବେ ତାହା ପୂରଣ ଲାଗି ଅକ୍ଟୋବର ୧୬ ତାରିଖରେ ବଳକା ସିଟ୍ ତାଲିକା ଲାଗି ପ୍ରକ୍ରିୟା କରାଯିବ। ରାଜ୍ୟରେ ଜେନେରାଲ କଲେଜ, ଧନ୍ଦାମୂଳକ ଶିକ୍ଷା କଲେଜ ଓ ସଂସ୍କୃତ କଲେଜକୁ ମିଶାଇ ମୋଟ ୨୦୨୮ ଟି ଜୁନିୟର କଲେଜ ରହିଛି। ଚଳିତବର୍ଷ ମୋଟ ୩ଲକ୍ଷ ୮୪ହଜାର ୨୭୯ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ଲକ୍ଷ ୪୭ ହଜାର ୬୨୬ ଜଣଙ୍କୁ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରୁ କଳାରେ ୨ଲକ୍ଷ ୨୩ହଜାର ୫୭୫ଜଣ, ବିଜ୍ଞାନରେ ୮୪ହଜାର ୭୮୯, ବାଣିଜ୍ୟରେ ୨୫ହଜାର ୬୨, ସଂସ୍କୃତରେ ୮ହଜାର ୪୩୮ ଏବଂ ଧନ୍ଦାମୂଳକଶିକ୍ଷା ପାଇଁ ୫ହଜାର ୭୬୨ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ମୋଟ୍ ମନୋନୀତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧ଲକ୍ଷ ୭୧ହଜାର ୧୭୩ ଜଣ ଛାତ୍ର ଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୧ଲକ୍ଷ ୭୬ ହଜାର ୪୪୪ଜଣ ରହିଛନ୍ତି।

## ନିମ୍ନମାନର ଶିକ୍ଷାଦାନ ପାଇଁ ସ୍କୁଲ୍‌କୁ ଦିଆଯିବ ନୋଟିସ୍

**ଭୁବନେଶ୍ୱର :** ରାଜ୍ୟର ସମସ୍ତ ସରକାରୀ ସ୍କୁଲରେ ଆରମ୍ଭ ହେବ ଶିକ୍ଷାରମାନ ଯାଞ୍ଚ ପ୍ରକ୍ରିୟା। ଏନେଇ ଗଠନ ହେବ ଏକ ସ୍ୱତନ୍ତ୍ର କମିଟି ଏବଂ ସମ୍ପୃକ୍ତ କମିଟିରେ ସାମିଲ ହେବେ ଏକ୍ସପୋର୍ଟ। ଏନେଇ ବ୍ଲୁ-ପ୍ରିଣ୍ଟ୍ ପ୍ରସ୍ତୁତ ହୋଇଥିବା ବେଳେ ଆସନ୍ତା ଶିକ୍ଷାବର୍ଷରୁ ସବୁ ସ୍କୁଲରେ ପାଠପଢ଼ାର ସବିଶେଷ ତଥ୍ୟ ପ୍ରଦାନ କରିବା ଲାଗି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥା ମାଧ୍ୟମରେ ରାଜ୍ୟରେ ଜିଲ୍ଲାୱାରୀ ସମସ୍ତ ସ୍କୁଲର ଶିକ୍ଷାଦାନର ମାନ ସ୍ପଷ୍ଟ ହୋଇପାରିବ। ଫଳରେ ଯେଉଁ ସବୁ ସ୍କୁଲରେ ଶିକ୍ଷାର ମାନରେ ଦୁର୍ବଳ ଥିବା ଜଣାପଡ଼ିବ ସେହିସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନୋଟିସ ଜାରି କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ସ୍କୁଲସ୍ତରରେ ଶିକ୍ଷାର ମାନବୃଦ୍ଧି ଲାଗି ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସର୍ବଭାରତୀୟସ୍ତରରେ ଓଡ଼ିଶା ଯେପରି ପ୍ରାଥମିକ ଠାରୁ ଆରମ୍ଭ କରି ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ସବୁଥିରେ ଆଗୁଆ ରହିବ ସେଥିଲାଗି ବିଭାଗ ପକ୍ଷରୁ ଅଭିନବ ପ୍ରୟାସ କରାଯାଉଛି। ପୂର୍ବରୁ ଦୁର୍ବଳ ପିଲାଙ୍କ ଦକ୍ଷତା ବୃଦ୍ଧି ସହିତ ମେଧାବୀଙ୍କ ସୁବିଧା ଲାଗି ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଜିଲ୍ଲାସ୍ତରରେ ଅଧିକାରୀମାନେ ସେମାନଙ୍କ ଅଧୀନରେ ଥିବା ସବୁ ସ୍କୁଲ ପରିଦର୍ଶନ କରି ରିପୋର୍ଟ ଦାଖଲ କରୁଥିବା ବେଳେ ଶ୍ରେଣୀ ଶିକ୍ଷାର ମାନ ଯାଞ୍ଚ ଲାଗି ବିଭାଗ ପଦକ୍ଷେପ ଗ୍ରହଣ କରିଛି। ଯେଉଁଥିରେ ବିଷୟଭିତ୍ତିକ ପାଠ୍ୟକ୍ରମକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ସହ ଶିକ୍ଷାଦାନ ମାଧ୍ୟମ ଏବଂ ପ୍ରଣାଳୀକୁ ମଧ୍ୟ ଯାଞ୍ଚ ହେଉଛି। ତେବେ ପାଠପଢ଼ା ଏବଂ ପିଲାଙ୍କ ବୁଝିବା ଲାଗି ଦୈନିକ ଯେତିକି ସମୟ ଶିକ୍ଷାଦାନ ହେଉଛି ସେଥିରୁ କେତେ ପ୍ରତିଶତ ଛାତ୍ରଛାତ୍ରୀ ଠିକ୍‌ଭାବେ ବୁଝିପାରୁଛନ୍ତି ଏବଂ କ୍ଲାସରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ କେତେ ସହଜ ପ୍ରଣାଳୀରେ ପଢ଼ାଉଛନ୍ତି ସେ ସବୁର ତଥ୍ୟ ସଂଗ୍ରହ କରାଯିବ। ଶିକ୍ଷକଙ୍କ ଦକ୍ଷତା ଠିକ୍ ଥିଲେ ହେଁ ଅନେକ ଜିଲ୍ଲାରେ ଶିକ୍ଷାଦାନ ବ୍ୟବସ୍ଥାରେ ସମସ୍ୟା ଥିବାରୁ ପିଲାମାନେ ଠିକ୍ ଭାବେ ବୁଝିପାରୁ ନାହାନ୍ତି। ଦୁର୍ବଳ ପିଲାଙ୍କ ଲାଗି ସ୍ୱତନ୍ତ୍ର ଶୈଳୀରେ ଶିକ୍ଷାଦାନ ହେଉଥିଲେ ହେଁ ରେଜଲ୍ଟ ଖରାପ ଯୋଗୁଁ ଶିକ୍ଷକ ଶିକ୍ଷାଦାନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ତଥା ମାଧ୍ୟମିକ ସ୍କୁଲରେ ଶିକ୍ଷକଙ୍କ ଶିକ୍ଷାଦାନ ଏବଂ ଶିକ୍ଷାର ମାନ ତଦାରଖ କରାଯିବ। ସେଥିପାଇଁ ଜିଲ୍ଲାୱାରୀ କମିଟି ଗଠନ କରାଯିବ।

## 'ହୋମ୍ ଆଇସୋଲେସନରେ ୭୦% କରୋନା ରୋଗୀ'

**ଭୁବନେଶ୍ୱର :** ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଯେଉଁ ପରିମାଣରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ସେହି ପରିମାଣରେ ମଧ୍ୟ ଆକ୍ରାନ୍ତ କରୋନାରୁ ସୁସ୍ଥ ହେଉଛନ୍ତି। ରାଜ୍ୟରେ ଚିହ୍ନଟ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ପ୍ରାୟ ସ୍ୱଳ୍ପ ଲକ୍ଷଣ ଦେଖାଯାଉଛି। ଯାହାଫଳରେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିବାର ଆବଶ୍ୟକତା ପଡୁନାହିଁ। ଘରେ ହୋମ ଆଇସୋଲେସନରେ ରହି ଜଣେ ସ୍ୱଳ୍ପ ଲକ୍ଷଣ ଥିବା ଆକ୍ରାନ୍ତ ଚିକିତ୍ସିତ ହେଲେ ମଧ୍ୟ କରୋନାରୁ ଆରୋଗ୍ୟ ଲାଭ କରିପାରୁଛନ୍ତି। ସବୁଠୁ ବଡ କଥା ହେଉଛି ଆମ ରାଜ୍ୟ ଓଡ଼ିଶାରେ ବର୍ତ୍ତମାନ ୭୦ ଶତକଡା କରୋନା ଆକ୍ରାନ୍ତ ହୋମ ଆଇସୋଲେସନରେ ଅଛନ୍ତି ଏବଂ ହୋମ ଆଇସୋଲେସନରେ ରହି ଅଧିକ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଏନେଇ ଆଜି ଭୁବନେଶ୍ୱରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସୂଚନା ଦେଇଛନ୍ତି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜାତୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ କହିଛନ୍ତି ଯେ, ରାଜ୍ୟରେ ୭୦ ଶତକଡା କରୋନା ଆକ୍ରାନ୍ତ ହୋମ ଆଇସୋଲେସନରେ ଅଛନ୍ତି। ଏଣୁ ଏହି ସମୟରେ ସେମାନେ କିଭଳି ନିଜର ଯତ୍ନ ନେବେ। ହୋମ୍ ଆଇସୋଲେସନରେ ଥିବା ବେଳେ କିଭଳି ରହିବେ। ଲକ୍ଷଣ ନଥିଲେ କେଉଁ ଔଷଧ ଖାଇବେ, ଅଳ୍ପ ଲକ୍ଷଣ ଥିଲେ କେଉଁ ଔଷଧ ଖାଇବେ। ଯଦି ପରିବାରର କୌଣସି ଛୋଟ ଛୁଆକୁ କରୋନା ହୋଇଥାଏ ଅବା ଘରର କୌଣସି ବୟସ୍କଙ୍କୁ ତେବେ ସେମାନଙ୍କ ଯତ୍ନ କିଭଳି ନେବେ। କରୋନା ସଂକ୍ରମିତ ଯଦି ପୂର୍ବରୁ ମଧୁମେହ, ରକ୍ତଚାପ, ହୃଦରୋଗ ଭଳି ରୋଗରେ ପୀଡିତ ଥିଲେ କ'ଣ କରିବେ। ଏଭଳି ଅନେକ ପ୍ରଶ୍ନ ଲୋକଙ୍କ ମନରେ ଉଠିବା ସ୍ୱାଭାବିକ। ତେବେ ଏସବୁ ଉତ୍ତର ରଖିବେ ସମ୍ପୃକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞ। ଲୋକଙ୍କ ଦ୍ୱାରା ପଚରା ଯାଇଥିବା ପ୍ରଶ୍ନର ଉତ୍ତର ରଖିବା ପାଇଁ ଅପରାହ୍ନ ସାଢ଼େ ୪ଟାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହେବ ପ୍ରେସ୍‌ମିଟ୍। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ହ୍ୱାଟ୍ସଆପ୍ ନମ୍ବର ୯୯୩୭୫୬୪୦୬୬ରେ ଲୋକଙ୍କ ଦ୍ୱାରା ପଚରା ଯାଇଥିବା ପ୍ରଶ୍ନର ଉତ୍ତର ରଖିବେ। ଅପରାହ୍ନ ୩ଟାରୁ ସାଢ଼େ ୩ଟା ମଧ୍ୟରେ ପ୍ରଶ୍ନ ପଚାରିପାରିବେ ଲୋକେ। ରାଜ୍ୟରେ ଚିହ୍ନଟ ହେଉଥିବା ସବୁ କୋଭିଡ୍ ରୋଗୀ ହସ୍ପିଟାଲରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ। ଲକ୍ଷଣ ନଥିବା ଏବଂ କମ ଲକ୍ଷଣ ଥିବା ରୋଗୀ ଘରେ ରହି ମଧ୍ୟ ଚିକିତ୍ସିତ ହୋଇପାରିବେ। ହୋମ ଆଇସୋଲେସନରେ ଥିବା ବେଳେ କୌଣସି ଲକ୍ଷଣ ଦେଖିଲେ ସେମାନେ ପ୍ରଶାସନକୁ ଜଣାଇବେ। ତେବେ ଘରେ ହୋମ ଆଇସୋଲେସନରେ ରହିଥିବା ବେଳେ ଆକ୍ରାନ୍ତଙ୍କ ମନରେ ଚିକିତ୍ସା ପ୍ରଣାଳିକୁ ନେଇ ବହୁ ଦ୍ୱନ୍ଦ ଦେଖାଦେଇଥାଏ। ବର୍ତ୍ତମାନ ସେହି ସମସ୍ୟାର ଦୂରୀକରଣ କରିବା ପାଇଁ ରାଜ୍ୟ ସରକାର ଟିଭି ମାଧ୍ୟମରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ସମ୍ବନ୍ଧରେ ଟିପ୍ସ ଦେବାର ବ୍ୟବସ୍ଥା କରିଛନ୍ତି। ଏଣିକି ଟିଭିରେ ହୋମ ଆଇସୋଲେସନରେ ଥିବା କରୋନା ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟ ବିଶେଷଜ୍ଞ କରୋନା ଚିକିତ୍ସା ସମ୍ବନ୍ଧରେ ଟିପ୍ସ ଦେବେ। ଟିଭି ମାଧ୍ୟମରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଠାରୁ କରୋନା ଚିକିତ୍ସା ସମ୍ବନ୍ଧରେ ଟିପ୍ସ ପାଇ ଲକ୍ଷଣ ନଥିବା ଏବଂ କମ ଲକ୍ଷଣ ଥିବା ରୋଗୀ ଘରେ ରହି ମଧ୍ୟ କରୋନରୁ ସୁସ୍ଥ ହୋଇପାରିବେ।

## ୧୨ରୁ ଓଜେଇଇ

**ଭୁବନେଶ୍ୱର :** ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ଅକ୍ଟୋବର ୧୨ ରୁ ୧୯ ପର୍ଯ୍ୟନ୍ତ ହେବ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ କହିଛନ୍ତି। ତେବେ ଏହି ପରୀକ୍ଷା ଚଳିତ ବର୍ଷ ମଇ ମାସର ପ୍ରଥମ ସପ୍ତାହରେ ହେବାର ଥିଲା। କିନ୍ତୁ କୋଭିଡ୍-୧୯ ମହାମାରୀ ପାଇଁ ଯେଉଁଳି ପରିସ୍ଥିତି ସୃଷ୍ଟି ହୋଇଛି ତାହାକୁ ଦୃଷ୍ଟିରେ ରଖି ପିଲାଙ୍କ ସୁରକ୍ଷା ପାଇଁ ଓଜେଇଇ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ତେବେ ଏହି ପରୀକ୍ଷାକୁ ଆସନ୍ତା ଅକ୍ଟୋବର ୧୨ ରୁ ଆରମ୍ଭ କରାଯିବ ବୋଲି ଆଜି ସୂଚନା ଦିଆଯାଇଛି। ଓଜେଇଇ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମୋଡରେ ହେବ। ପ୍ରତ୍ୟେକ ଦିନ ପରୀକ୍ଷା ତିନୋଟିସେ ସିଫ୍ଟରେ କରାଯିବ। ପରୀକ୍ଷା କେଉଁ ସିଫ୍ଟରେ ଅଛି ସମ୍ପୂର୍ଣ୍ଣ ସୂଚନା ସହିତ ରୋଲ୍ ନମ୍ବର, ସିଫ୍ଟ ଏବଂ ପରୀକ୍ଷା କେନ୍ଦ୍ର, ଆଡମିଟ୍ କାର୍ଡକୁ ଏହି ୱେବସାଇଟ୍‌ରୁ www.ojee.nic.in / www.odishajee.com ସେପ୍ଟେମ୍ବର ୨୦୨୦ ଶେଷ ସୁଦ୍ଧା ଛାତ୍ରଛାତ୍ରୀ ଡାଉନଲୋଡ କରିପାରିବେ। ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା ଉପରୋକ୍ତ ୱେବ୍‌ସାଇଟ୍ ଖୋଲି ପରୀକ୍ଷା ସମ୍ବନ୍ଧୀୟ ସୂଚନା ହାସଲ କରିପାରିବେ। ତେବେ ଏହି ପରୀକ୍ଷା ପାଇଁ ମୋଟ ୫୩ଟି ସେଣ୍ଟର ମଧ୍ୟରୁ ରାଜ୍ୟ ଭିତରେ ୨୧ଟି ସହରରେ ୫୦ଟି କେନ୍ଦ୍ରରେ ପରୀକ୍ଷା ହେବ। ରାଜ୍ୟ ବାହାରେ ରାଞ୍ଚି, କୋଲକାତା ଓ ପାଟନାରେ ଓଜେଇଇ ପରୀକ୍ଷା କେନ୍ଦ୍ର କରାଯିବ ବୋଲି ସୂଚନା ଦିଆଯାଇଛି।

### କ୍ୟାବିନେଟ୍ ବୈଠକରେ ୪ ପ୍ରସ୍ତାବକୁ ଅନୁମୋଦନ

# ସୁବର୍ଣ୍ଣରେଖାରେ ନିର୍ମାଣ ହେବ ବୃହତ୍ ସେତୁ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାବିନେଟ୍ ବୈଠକରେ ୪ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏ ସମ୍ପର୍କର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସୂଚନା ଦେଇ କହିଛନ୍ତି ଯେ, ଆଜି କ୍ୟାବିନେଟ୍ ବୈଠକରେ ମୋଟ ୫ଟି ଏଜେଣ୍ଡା ଆଲୋଚନା ହେବାର ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ କ୍ୟାବିନେଟ୍ ବୈଠକରେ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବକୁ ସ୍ଥଗିତ ରଖାଯାଇଥିଲା ଓ ଅନ୍ୟ ୪ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଷୋଡଶ ବିଧାନସଭାର ଚତୁର୍ଥ ଅଧିବେଶନ ଆହୂତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଅନୁମତି ଦେଇଥିଲେ, ଯାହାକୁ କ୍ୟାବିନେଟ୍ ଆଜି ପିଛିଲା ଭାବେ ଏହାକୁ ଅନୁମୋଦନ କଲେ। ଏହାସହିତ ଅର୍ଥ ବିଭାଗର ୨ଟି ପ୍ରସ୍ତାବ ଓ ପୂର୍ତ୍ତ ବିଭାଗର ଗୋଟିଏ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହି ଜିଏସ୍‌ଟି ଅଧିନିୟମରେ ସଂଶୋଧନ ସମ୍ପର୍କରେ ସୂଚନା ଦେଇ ଅର୍ଥ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନା କହିନ୍ତି ଯେ, ଜିଏସ୍‌ଟି କାଉନସିଲର ସୁପାରିସ ଆଧାରରେ ରାଜ୍ୟ ସରକାର ଓଡ଼ିଶା ଜିଏସ୍‌ଟି ଅଧିନିୟମ-୨୦୨୦ ଓ ଓଡ଼ିଶା ଜିଏସ୍‌ଟି (ଦ୍ୱିତୀୟ ସଂଶୋଧନ) ଅଧାଦେଶ ଜାରିକୁ ଅନୁମୋଦନ କରିଛନ୍ତି। ଓଡ଼ିଶାକୁ ଜିଏସ୍‌ଟି ଅଧିନିୟମ-୨୦୧୭ର ଧାରା ୧୭୨, ୧୬୮ ଓ ୧୪୦କୁ ସଂଶୋଧନ କରାଯାଇଛି। ଏହି ଅଧାଦେଶ ଲାଗୁ ହେବା ପରେ ପଞ୍ଜିକୃତ ଟିକସ ଦାତାମାନେ ଉପକୃତ ହେବେ ଓ ଟ୍ୟାକ୍ସ ପ୍ରଶାସକମାନେ ଜିଏସ୍‌ଟି କାର୍ଯ୍ୟକୁ ସୂଚାରୁରୂପେ ତୁଲାଇ ପାରିବେ। ଏହି ଅଧାଦେଶ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଜିଏସ୍‌ଟି ଅଧିନିୟମର ପ୍ରାରମ୍ଭ ହେବାର ୫ ବର୍ଷ ଅବଧି ଶେଷ ହେବା ପର୍ଯ୍ୟନ୍ତ ଅଧିନିୟମର ବ୍ୟବସ୍ଥା ଗୁଡିକୁ



କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ଉପୁଜିଲେ ତାକୁ ଦୂର କରିବା ପାଇଁ ସରକାର ଗେଜେଟରେ ସ୍ୱତନ୍ତ୍ର ଅର୍ଡର ଜାରି କରି ଅସଙ୍ଗତିକୁ ଦୂର କରିବା ନିମନ୍ତେ ଆଦେଶ ଦେଇପାରିବେ। ସେହିପରି କୌଣସି ବ୍ୟକ୍ତି ବିନା ଇନଭଏସରେ ଜିଏସ୍‌ଟି ଯୋଗୁଥିବେ ଓ ଇନପୁଟ ଟ୍ୟାକ୍ସ କ୍ରେଡିଟ୍ ଗ୍ରହଣ ବା ବିନିଯୋଗ କରୁଥିବେ ତା'ହେଲେ ସେ ଯେଉଁ ପରିମାଣର ଟିକସ ଠକିଥିବେ ତାଙ୍କୁ ସେହି ପରିମାଣର ଜୋରିମାନା ଅର୍ଥ ଦେବାକୁ ପଡିବ। ଏହାକୁ ମଧ୍ୟ ଜାମିନବିହୀନ ଅପରାଧ ଭାବେ ବିବେଚନା କରାଯିବ। ସେହିପରି ବାଲେଶ୍ୱର ଜିଲ୍‌ଲାର ଜାତୀୟ ରାଜପଥ-୧୬ର ହଳଦୀପଡିଆଠାରୁ ଭାୟା ବାଲିଆପାଳ, ପନ୍ତେଇ ଓ ଜଳେଶ୍ୱର ଦେଇ ପଶ୍ଚିମବଙ୍ଗ ସୀମାରେ ୩୬ କିମିଠାରେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ବୃହତ ବ୍ରିଜ୍ ନିର୍ମାଣ କରିବାକୁ କ୍ୟାବିନେଟ୍ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହାଫଳରେ ବାଲିଆପାଳ ଓ ଭୋଗରାଇ ବ୍ଲକ ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ ସହ ସୁବର୍ଣ୍ଣରେଖା ମାଉଥ୍ ପୋର୍ଟ, ଚନ୍ଦନେଶ୍ୱର, ଭୁଉଣ୍ଡେଶ୍ୱର ଆଦି ଅର୍ଥନୀତିକ ଓ ସାଂସ୍କୃତିକ ସ୍ଥାନ ଗୁଡିକୁ ସଂଯୋଗ ହୋଇପାରିବ ଓ ଦୂରତ୍ୱ ମଧ୍ୟ ହ୍ରାସ ପାଇବ। ଏହି ସେତୁ ୯୯୩.୧୨ ମିଟର ଲମ୍ବ ଓ ୬୨.୦୭ ମିଟର ଚଉଡା ରହିବ ଓ ଏହାର ନିର୍ମାଣ ୩୦ମାସ ମଧ୍ୟରେ ଶେଷ ହେବ। ଏହି ସେତୁର ଟେଣ୍ଡରକୁ ଏଲଆଣ୍ଡଟି କମ୍ପାନୀ ସର୍ବନିମ୍ନ ୧୩୮.୭୪ କୋଟି ଟଙ୍କା ବ୍ୟୟରେ ନେଇଛନ୍ତି। ରାଜ୍ୟ କ୍ୟାବିନେଟ୍ ଏହି ଟେଣ୍ଡରକୁ ଅନୁମୋଦନ କରିଛନ୍ତି। ସେହିପରି ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମ-୧୯୪୮ର ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏପର୍ଯ୍ୟନ୍ତ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମର ବ୍ୟବସ୍ଥା ଅନୁସାରେ ନିୟମ ଉଲ୍ଲଙ୍ଘନକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ଓ ସମଯୋଚିତ ଭାବେ ନୋଟିସ୍ ଅବା ନିର୍ଦ୍ଦେଶ ଜାରି କରିବା ବ୍ୟବସ୍ଥା ଅତ୍ୟନ୍ତ କଷ୍ଟସାଧ ହେଉଥିଲା। କାରଣ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କର ବିଭିନ୍ନ ସମୟରେ ବଦଳି ହୋଇଥାଏ ଓ ସେଥିପାଇଁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନୋଟିସ ଜାରି ହୋଇପାରୁ ନଥିଲା। ଏହି ଅସୁବିଧାକୁ ଦୃଷ୍ଟିରେ ରଖି ଅନ୍ୟାନ୍ୟ ପଦ୍ଧତି ସହିତ ରାଜ୍ୟ ସରକାରଙ୍କ ଏଚ୍‌ଆରଏମ୍‌ସ ପୋର୍ଟାଲରେ ଏହି ନୋଟିସ ଜାରି କରିବାକୁ ଅଧିନିୟମରେ ସଂଶୋଧନ କରାଯାଇଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୧ - ୨୭ ସେପ୍ଟେମ୍ବର, ୨୦୨୦

# କେବେ ପୁଣି ଫେରିବ ସମୟ

ମହାମାରୀ କରୋନା ଏବେ ତାଣ୍ଡବ ରଚିବା ଆରମ୍ଭ କରିଦେଇଛି। ସବୁଠି କରୋନା ଭୂତାଣୁକୁ ନେଇ ଏଭଳି ଭୟ ସୃଷ୍ଟି ହେଲାଣି ଯେ, ମଣିଷର ଆଉ ପଦାକୁ ଗୋଡ କାଢ଼ି ଯିବା ପୂର୍ବରୁ ନିଶ୍ଚୟ ବାରମ୍ବାର ଚିନ୍ତା କରିବାକୁ ବାଧ ହେଉଛି। ସବୁଠି କେଜାଣି କେମିତି ଅଜଣା ଆତଙ୍କର ଅଦୃଶ୍ୟ ପ୍ରେତଟିଏ ମଣିଷ ଠାରୁ ଜୀବନ ଛଡେଇ ନେବାର ଖେଳ ଖେଳୁଛି। ଭାଗ୍ୟ ଭଲ ଥିଲେ ଏହି ଖେଳରେ ଜିତାପଟ ନଚେତ ସିଧା ମଶାଣୀ ଭୂଇଁ। ଆହତ କି ପରାହତର ଖେଳରେ ଅଧିକାଂଶ ସମୟ ବାଜି ଜିତିଥିବା ମଣିଷ ଆଜି କରୋନା ଆଗରେ ବିବଶ ହୋଇପଡୁଛି ଯେମିତି। ପ୍ରକୃତିର ଦାଉ ଆଗରେ ଈଶ୍ୱରଙ୍କ ଆଶ୍ରା ନେଇ ଜିତିଯାଉଥିବା ମଣିଷମାନେ ବି ସନ୍ତ୍ରସ୍ତ ଓ କାକୁସ୍ଥ ଅବସ୍ଥାକୁ ଆସିଯିବା ସ୍ଥିତି ଉତ୍ପନ୍ନ ହୋଇଆସୁଛି। ଦିନକୁଦିନ ଯେଭଳି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି ଓ ଚିକିତ୍ସାରେ ସମସ୍ୟା ଦେଖାଦେଉଛି ତାହା ଚିନ୍ତାଜନକ। କରୋନା ମୃତ୍ୟୁ ସଂଖ୍ୟା ବି ଢେର ବଢ଼ିଚାଲିଛି। ତାହାରି ଭିତରେ କେହି ବନ୍ଧୁପରିଜନ ବି ଏହାର ଶିକାର ହୋଇ କେହି କେହି ଚିକିତ୍ସା କେନ୍ଦ୍ରରେ ତ ଆଉ କିଏ ପରପାରିକୁ ଟିକଟ କାଟିସାରିଲେଣି। ଏଭଳି ଘଟଣା ପ୍ରତିଦିନ ଶୁଣି ଶୁଣି ମାନସିକ ସ୍ତରରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟିହେବା ସ୍ୱାଭାବିକ। ହେଲେ ଏହି ପ୍ରକ୍ରିୟାର ଅନ୍ତ କେବେ ତାହାର ସଠିକ ବା ସନ୍ତୋଷଜନକ ଉତ୍ତର କାହାପାଖରେ ନାହିଁ। ରାଜ୍ୟ କେନ୍ଦ୍ରକୁ ଓ କେନ୍ଦ୍ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ ପଚାରିଲା ଭଳି ସମସ୍ତେ ଯେଭଳି ଅସହାୟ ଦିଶୁଛନ୍ତି। ଦେଶ କଥା ଭାବିଲେ ଓଡ଼ିଶାର ଚିତ୍ର ବେଶ ଚିନ୍ତାଜନକ ଥିବା ସତ୍ତ୍ୱେ ରାଜ୍ୟ ସରକାର କୋଭିଡ୍ ପରିଚାଳନା ଠିକ୍ ଚାଲୁଥିବା ବୋଧେ ଅନୁଭବ କରୁଛନ୍ତି। ନଚେତ ରାଜଧାନୀରେ କରୋନା ଚିକିତ୍ସା ଦୟନୀୟ ସ୍ଥିତିରେ ଥିଲେ ସୁଦ୍ଧା ଯେଭଳି କାର୍ଯ୍ୟକ୍ରମ ହେବା କଥା ତାହା ଅନୁଭବ ହେଉନାହିଁ। କଟକ ଭୁବନେଶ୍ୱରରେ କୋଭିଡ୍ ପାଇଁ ଯେଉଁ କିଛି ହସ୍ପିଟାଲ ରହିଛି, ସେଠାରେ ବେଡ ଅଭାବ। ଜରୁରୀ ଉଦ୍ଦେଶ୍ୟରେ ଅଳ୍ପ କିଛି ବେଡକୁ ଛାଡିଦେଲେ ଅନ୍ୟ ସାଧାରଣ କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ବେଡ ନଥିବା ଅଭିଯୋଗ ହେଉଛି। ଆଇସିୟୁ, ଭେଣ୍ଟିଲେଟର ବ୍ୟବସ୍ଥାର ସ୍ୱଳ୍ପତା ମଧ ଭୟଙ୍କର ପରିସ୍ଥିତି ସୃଷ୍ଟିକଲାଣି। ଏଭଳି ପରିସ୍ଥିତିରେ ସରକାରଙ୍କ ପୂର୍ବ ଆକଳନ ଓ ବର୍ତ୍ତମାନର ଜଟିଳ ସ୍ଥିତିକୁ ଦେଖିଲେ କାହା ମନ ଭିତରେ ଆଶ୍ୱସ୍ତି ଥିବ ତାହା ଆଶଙ୍କା ସୃଷ୍ଟି କଲାଣି। ସବୁ ନାହିଁ ନାହିଁ ଭିତରେ ଦୈନିକ କରୋନା ସଂକ୍ରମଣ ଧୀରେ ଧୀରେ ଶୀର୍ଷକୁ ଯାଉଛି କି ଏହା ଆରମ୍ଭ ବୁଝିବା କଷ୍ଟସାଧ। କାରଣ ଦେଶରେ ସଂକ୍ରମଣ ଓ ମୃତ୍ୟୁହାର ଏବେ ଉପର ଆଡକୁ ଗତିକରୁଛି। ଯଦିଓ ସରକାରୀ ଭାବେ ମୃତ୍ୟୁହାର ୩% ବୋଲି ରିପୋର୍ଟ ଆସୁଛି ବାସ୍ତବ ସ୍ଥିତି ଏହାଠୁ ଅଧିକ। ଗତ ମାର୍ଚ୍ଚ ମାସରୁ ସରକାର ଯେଉଁ ଗାଇଡଲାଇନରେ ଲୋକଙ୍କୁ ରଖିଥିଲେ ଓ ସାଧାରଣ ଲୋକ ସରକାରଙ୍କ କଥା ମାନି ଏହାକୁ ପାଳନ କଲେ ଏଥିରେ ବିଶେଷ କ'ଣ ଲାଭ ହେଲା ବୋଲି ପ୍ରଶ୍ନ ଉଠୁଛି। କିଛି ଲୋକଙ୍କ କହିବା କଥା ନିୟମ ମାନିଥିବାରୁ ବର୍ତ୍ତମାନର ପରିସ୍ଥିତି ନିୟନ୍ତ୍ରଣରେ ରହିଛି, ନଚେତ ସଂକ୍ରମଣ ଓ ମୃତ୍ୟୁହାର ଆହୁରି ଅଧିକ ହୋଇଥାନ୍ତା। ତେବେ ନିୟନ୍ତ୍ରଣ କ'ଣ? ଯେଉଁ ସମୟରେ କଟକଣା କଠୋର ହେବା କଥା ସେତେବେଳ ଦେଶରେ ଅନଲକ ଚାଲିଛି ଓ ଏହାର କାରଣ ଲୋକଙ୍କ ଜୀବିକା ବୋଲି ଦର୍ଶାଯାଉଛି। ତେବେ ଯେଉଁ ସମୟରେ ମହାମାରୀ କରୋନାର ପ୍ରଭାବ କମ ଅନୁଭୂତ ହେଉଥିଲା ସେ ସମୟରେ ଲକଡାଉନ ଓ ସଟଡାଉନ ପ୍ରକ୍ରିୟାକୁ କଡାକଡି କରାଯିବା ପଛରେ କେଉଁ କେଉଁ କାରଣ ରହିଛି ତାହା ସ୍ପଷ୍ଟ ହୋଇପାରିନି। ଏବେ ଯେତେବେଳେ ସଂକ୍ରମଣ ଗ୍ରାଫ ଉପରକୁ ଚଢୁଛି ଓ ହସ୍ପିଟାଲରେ ବେଡ ମିଳୁନି ଏଥିପାଇଁ କାହାକୁ ଦାୟୀ କରିବା? ଆଗରୁ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା, ବେଡ ସଂଖ୍ୟା ବୃଦ୍ଧି ଓ ଭେଣ୍ଟିଲେଟର ସଂଖ୍ୟା ବଢ଼ିବାକୁ ସରକାର କାହିଁ କେତେ ଯୋଜନା କରିପକାଇଲେ। ହେଲେ ଅସଲ ବେଳକୁ ଏଭଳି ସମସ୍ୟା ସାଧାରଣ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରୁଛି। କୋଭିଡ୍ ପରିଚାଳନାରେ ବିଫଳତାକୁ ନେଇ ସବୁଠି ବିଏମ୍‌ସି ଉପରକୁ ଅଙ୍ଗୁଳି ଯାଉଛି। ବାସ୍ତବିକ ଏହା ସ୍ୱାସ୍ଥ୍ୟ ବିଭାଗର ବିଫଳତା କି ପ୍ରାୟୋଜିତ ଭାବେ ବିଏମ୍‌ସିକୁ ଦାୟିତ୍ୱ ଦେଇ ଅସଲ ତଥ୍ୟ ଗୋପନ ରଖିବା ଯୋଜନା ସରକାର କରିଥିଲେ ତାହା ବୁଝିହେଉନି। କୋଭିଡ୍ ପାଇଁ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟାରେ ଥିବା ରୋଗୀ ଚିକିତ୍ସା ସୁବିଧା ନପାଇ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ ସଙ୍କଟ ସୃଷ୍ଟି କରିବ।



ସମ୍ପାଦକୀୟ
ତାରକ ମହାନ୍ତି

ଏଭଳି ଅବସ୍ଥାରେ ଆଗକୁ କେଉଁ ପରିସ୍ଥିତି ସୃଷ୍ଟି ହେବ ତାହା ଏବେଠାରୁ ଭୟ ସୃଷ୍ଟି କଲାଣି। ଗୃହ ପୃଥକବାସରେ ରାଜଧାନୀ ୭୪% ଲୋକ ଥିବା ବିଏମ୍‌ସି ସୂଚନା ଦେଇଛି। ତନ୍ମଧ୍ୟରେ ସ୍ୱଳ୍ପ ଲକ୍ଷଣ ଥିବା / ଲକ୍ଷଣ ନଥିବା କୋଭିଡ୍ ପଜିଟିଭ ଲୋକ ଅଛନ୍ତି। ପୂର୍ବାପେକ୍ଷା ସ୍ୱେଚ୍ଛାକୃତ ଭାବେ ଜନସାଧାରଣ ସାମାନ୍ୟ କୋଭିଡ ଲକ୍ଷଣ ଦେଖାଦେଲେ ପରୀକ୍ଷା କରାଉଛନ୍ତି। ଏହା ନିଶ୍ଚୟ କରୋନାରୁ ସୁରକ୍ଷିତ ରହିବାର ଭଲ ନିର୍ଣ୍ଣୟ। ବର୍ତ୍ତମାନ ଭୁବନେଶ୍ୱରରେ ପ୍ରତି ୧୦ ନମୁନାରେ ଜଣେ ପଜିଟିଭ୍ ରୋଗୀ ଚିହ୍ନଟ ହେଉଛନ୍ତି। ବିଏମ୍‌ସି ଅଞ୍ଚଳରେ ଦୈନିକ ପ୍ରାୟ ୫ ହଜାର ନମୁନା ପରୀକ୍ଷା ହେଉଥିବା ସୂଚନା ମିଳିଛି। ରାଜଧାନୀରେ ସେପ୍ଟେମ୍ବର ତୃତୀୟ ସପ୍ତାହରୁ ଆକ୍ରାନ୍ତଙ୍କ ସଂଖ୍ୟା କମୁଥିବା ଜଣାପଡିଛି। ତେଣୁ ଧୀରେ ଧୀରେ ଯେବେ ଏହି ସଂଖ୍ୟା କମିଚାଲିବ ଲୋକ ନିଜକୁ ଅଧିକ ସୁରକ୍ଷିତ ମନେକରିବେ। କାରଣ ଦେଶର କରୋନା ସ୍ଥିତିକୁ ଦେଖିଲେ ମହାମାରୀ କେବେ ବିଦାୟ ନେବ ତାହା ଆକଳନ କରିବା ମୁସ୍କିଲ। ଜୀବନଯାତ୍ରା ଯଦିଓ ସ୍ୱାଭାବିକ ହୋଇପାରିନି ତଥାପି ନିଜ ଗୁଜୁରାଣ ମେଣ୍ଟାଇବାକୁ ଲୋକ ଯଥାସମ୍ଭବ ଚେଷ୍ଟା ଚଳାଇଛନ୍ତି। କଳକାରଖାନା ଖୋଲିବା ପ୍ରକ୍ରିୟା ଜାରି ରହିଥିଲା ବେଳେ କରୋନାର ଭୟ କିନ୍ତୁ ଘେରିରହିଛି। ତାହାରି ଭିତରେ ଜୀବିକା ବଞ୍ଚାଇ ପରିବାରର ସମସ୍ୟା ଦୂର କରିବା ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏକ ଆହ୍ୱାନ ପାଲଟିଥିଲା ବେଳେ ବେକାରୀ ସମସ୍ୟା ବଢୁଛି। ସ୍ୱାସ୍ଥ୍ୟ ସୁରକ୍ଷିତ ରଖି କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟ କରିବା ବର୍ତ୍ତମାନ ପରିସ୍ଥିତିରେ ସହଜ ନୁହେଁ। କାରଣ କରୋନାର ପ୍ରତିକ୍ରିୟା ଓ ଲକ୍ଷଣ ଅତ୍ୟନ୍ତ ମାରାତ୍ମକ ଭାବେ ଦେଖାଦେଉଥିଲା ବେଳେ ଏଥିପାଇଁ ଭ୍ୟାକ୍ସିନ ନଆସିବା ପର୍ଯ୍ୟନ୍ତ ଲୋକଙ୍କ ଜୀବନ ସୁରକ୍ଷିତ ନୁହେଁ ବୋଲି ସମସ୍ତେ ଅନୁଭବ କରୁଛନ୍ତି। ତେଣୁ ଲୋକଙ୍କୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇଦେବା ସହ କର୍ମନିଯୁକ୍ତି ଦେବା ସରକାରଙ୍କ ପ୍ରାଥମିକତା। ତେଣୁ କେନ୍ଦ୍ର ତଥା ରାଜ୍ୟ ସରକାର ସରକାର ଏଥିନିମନ୍ତେ ଯେଭଳି ଯୋଜନା ପ୍ରସ୍ତୁତ କରିବା କଥା ସେଥିରେ ସାମାନ୍ୟ ଢିଲାଦେଲେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାର ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ଜୀବନ ସୁରକ୍ଷିତ ରଖିବା ସହିତ ସମସ୍ତଙ୍କ ଜୀବିକା ସୁରକ୍ଷିତ କରିବା ବର୍ତ୍ତମାନ ସମୟ ପାଇଁ ବଡ ଆହ୍ୱାନ ପାଲଟି ଯାଇଛି। ଯେହେତୁ କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ିଚାଲିଛି ଓ ଏଥିରୁ ନିସ୍ତାର ପାଇବା ପାଇଁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାନଗଲେ ଆଗକୁ ପରିସ୍ଥିତି ଅଣାୟତ୍ତ ହୋଇପଡିବ। ତେଣୁ ବେଳହୁଁ ସାବଧାନ ହେଲା ଭଳି ପରିସ୍ଥିତି ସୃଷ୍ଟି ହେଲାଣି।

### ଯୋଗାଯୋଗ ଠିକଣା

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଅନ୍ ଲକ୍ ଫୋର୍, ଆମେ ଓ ଆମ ଦାୟିତ୍ୱ



ଡ. ମୌସୁମୀ ପରିଡା

ଅନ୍ ଲକ୍ ଫୋର୍‌ରେ କେନ୍ଦ୍ର ଓ ରାଜ୍ୟ ସରକାର ମାସ୍କ, ସାନିଟାଇଜର୍ ଓ ସାମାଜିକ ଦୂରତା ନିୟମକୁ ଛାଡି ପ୍ରାୟ ସବୁଥିରୁ ପ୍ରତିବନ୍ଧକ ହଟାଇ ସାର୍ବଜନୀନ କରିଦେଲେ। ଅଳ୍ପକିଛି ଯଥା- ସିନେମା ହଲ୍, ସ୍ୱିମିଂ ପୁଲ୍, ପାର୍କ, ଥିଏଟର୍, ବିଭିନ୍ନ ଧର୍ମାନୁଷ୍ଠାନ ଇତ୍ୟାଦିକୁ ଛାଡି ଆଉ ସବୁ କାର୍ଯ୍ୟକ୍ଷମ ହେଲା ଯାହା ହୁଏତ ନିକଟରେ କାର୍ଯ୍ୟକ୍ଷମ ହୋଇଯାଇପରେ। ଏଥର ଲଗାମହୀନ ସମସ୍ତେ। ଏତେଦିନ ପରେ ଘରୁ ମୁକ୍ତି ମିଳିଛି! ଛୋଟ ବଡ ବ୍ୟବସାୟୀମାନଙ୍କର ବ୍ୟବସାୟରେ ଯେଉଁସବୁ କ୍ଷତି ହୋଇଛି ସେସବୁ ଭରଣା ହେବା ଆବଶ୍ୟକ। ବସ୍ ଚଳାଚଳ ଆରଂଭ ହେଲାଣି। ଯାତ୍ରୀମାନେ ବି ଏଥର ଧୀରେଧୀରେ ଚଳପ୍ରଚଳ ହେବେ। ସ୍ୱାଭାବିକ ହେଲାଣି ଦେଶ ଓ ରାଜ୍ୟ! ଏଥର ଜି.ଡି.ପିର ଅଭିବୃଦ୍ଧି ଘଟିବ। କଳକାରଖାନାରେ ସାମଗ୍ରୀ ପ୍ରସ୍ତୁତ ହେବ। ପ୍ରବାସୀମାନେ ଏବେ ପୁଣି ପ୍ରବାସମୁହାଁ। ଏମିତିରେ ଲୋକମାନେ ଲକ୍ ଡାଉନ୍, ସଟ୍ ଡାଉନ୍‌ରେ ଅଣନିଃଶ୍ୱାସୀ ହୋଇପଡିଥିଲେ। ଏବେ ନିସ୍ତାର ମିଳିଥିବାରୁ ବଜାରଘାଟରେ ବେଧଡକ ବୁଲୁଛନ୍ତି। ବାହାରକୁ ଚାହିଁଲେ ଜନଗହଳିପୂର୍ଣ୍ଣ ରାସ୍ତାଘାଟ। ସେସବୁକୁ ଅନୁଧ୍ୟାନ କଲେ ମନେହେଉଛି- କରୋନା ଚାଲିଗଲା ବୋଧେ। କାହା ମୁହଁରେ ମାସ୍କ ନାହିଁ ସଚେତନତା ନାହିଁ। ପୂର୍ବପରି କୋଳାକୋଳି, ଦୋକାନମାନଙ୍କରେ ଖଟି, ରେଷ୍ଟୁରାଂଟ୍‌ରେ ଖିଆପିଆ, ଆମିଷ ଦୋକାନରେ ଗହଳି, ଗୁପଚୁପ୍ ବିକାଳିଙ୍କ ପାଖରେ ଆଗପରି ଲୋକ ଭିଡ। ଏତେଦିନରୁ ପାଟିରେ ବାଜିନାଇଁ ବଜାର ଖାଦ୍ୟ ଯେତେ ଅସ୍ୱାସ୍ଥ୍ୟକର ହେଲେ ବି। ଏସବୁ ମାନସିକତା ଆଗରେ ହଜାର ସଚେତନତା ବୃଥା। ମୋବାଇଲ୍‌ରେ ଯେତେ ସବୁ କରୋନାଜନିତ ସଚେତନତା ବାର୍ତ୍ତା ଆସୁଛି, ମାଇକ୍ ଯେତେ ବୁଲିବୁଲି ପ୍ରଚାର କରୁଛି, ସେସବୁ ମୂଲ୍ୟହୀନ ମନେହେଉଛି ଏ ଅନ୍ ଲକ୍ ଫୋର୍‌ରେ। ବିଶେଷ କରି ବୟସ୍କ ଲୋକମାନେ ମାସ୍କ ବ୍ୟବହାର କରୁନାହାନ୍ତି ଗାଁ ଗହଳି ସମେତ ସହରାଂଚଳରେ, ଯେଉଁମାନଙ୍କ ଉପରେ ବିପଦର ମାତ୍ରା ସର୍ବାଧିକ। ସେମାନଙ୍କୁ ସଚେତନ କରିବ କିଏ? ଯେଉଁମାନେ ସଚେତନ କରିବା କଥା ସେମାନେ ହୁଏତ ସଚେତନ ନୁହନ୍ତି ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ପ୍ରତି। ଯଦି ଶହେଜଣ ଲୋକଙ୍କ ମଧ୍ୟରେ ଜଣେ ବି ଲୋକ କୋଭିଡ୍ ଭୂତାଣୁଧାରୀ ତେବେ ବାକି ଅନେଶ୍ୱତ ଲୋକଙ୍କୁ ମଧ୍ୟ କୋଭିଡ୍ ସଂକ୍ରମଣ ହେବାରେ ବିଳମ୍ବ ହେବ ନାହିଁ। ଯଦି ଶହେ ଲୋକଙ୍କ ଭିତରେ ପାଖାପାଖି କୋଡିଏରୁ ତିରିଶ ଲୋକ କୋଭିଡ୍ ସଂକ୍ରମିତ ତେବେ କେତେ ସାଂଘାତିକ ଏ ସମସ୍ୟା! ପ୍ରକୃତରେ କଣ କରୋନାର ମୂଳୋତ୍ପାଟନ ହୋଇପାରିଛି! ଯଦି ନାଁ ତେବେ ଏ ପ୍ରକାରର ବେପରୁଆ ମନୋବୃତି କାହିଁକି ଆମମାନଙ୍କ ନିକଟରେ! ଏତେ ହାଲ୍‌କାରେ କିପରି ନେଇପାରୁଛୁ କରୋନା ସଂକ୍ରମଣକୁ ଯାହା ପ୍ରଭାବଶାଳୀ ଦେଶମାନଙ୍କର ମେରୁଦଂଡ ଭାଂଗିଦେଇଛି! ପ୍ରଶାସନର ନିଦ ଛଡେଇନେଇଛି!

ଦେଶ ଯଦି ବି କଟକଣା ମୁକ୍ତ ହୋଇଛି ତା ମାନେ ନୁହେଁ ଯେ କରୋନାଜନିତ ଶୃଂଖଳ ମାନିବାନି କି ସଚେତନ ହେବାନି। ଏ ଖାମଖିଆଲି ନୀତି ଫଳରେ ଆମେ କେତେଲୋକଙ୍କୁ କରୋନା ଭୂତାଣୁ ବାଂଟି ମୃତ୍ୟୁମୁଖରେ ପକାଉଛେ ସେସବୁର ହିସାବ କଷ୍ଟକର। ଆମେ ଯାହାକୁ ରୋଗ ବାଂଟିବା ଯଦି ସେ ବୟସ୍କ କିମ୍ବା ତା ଦେହରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ ତେବେ ସେ ମୃତ୍ୟୁମୁଖରେ ପଡିବାର ଯଥେଷ୍ଟ ସଂଭାବନା। ଏପ୍ରକାରର ବେପରୁଆ ମନୋଭାବ କଣ ପରୋକ୍ଷରେ ହତ୍ୟା ନୁହେଁ କି? ବାସ୍ତବରେ ଆମେ କଣ ଅଧିକଟା କରିପକାଉଛୁ ଯେ! ନିଜକୁ ନିରାପଦରେ ରଖିଲେ ଅନ୍ୟମାନେ ନିରାପଦରେ ରହିବେ। ଏତିକି କଥା ବି ଆମେ କରିବାକୁ ନାରାଜ, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ସେତିକି କରାଯାଉନି ଠିକ୍‌ରେ ବୋଲି କରୋନା ସଂକ୍ରମଣକୁ ରୋକାଯାଇପାରୁନାହିଁ। ଏବେ ବି ସେ ତାର ଧ୍ୱଂସଲୀଳା ଚାଲୁରଖିଛି। ବିଶ୍ୱରେ ତିନି କୋଟି ତିନି ଲକ୍ଷଠାରୁ ଅଧିକ ସଂକ୍ରମିତ ହୋଇ ନଅ ଲକ୍ଷ ଏକାବନ ହଜାର ପାଖାପାଖି ସଂକ୍ରମିତ ମୃତ୍ୟୁବରଣ କରିଥିବା ସ୍ଥଳେ ଭାରତରେ ତେପନ ଲକ୍ଷ ଆଠ ହଜାର ଚଉଦ ଜଣ ଆକ୍ରାନ୍ତ ହୋଇ ପଂଚାଅଶୀ ହଜାର ଛଅ ଶହ ଉଣେଇଶ ଜଣ ମୃତ୍ୟୁବରଣ କରିଛନ୍ତି।

ଏ ନିକଟରେ କରୋନା ସଂକ୍ରମଣରେ ଆମ ଦେଶ ବ୍ରାଜିଲ୍‌କୁ ଟପି ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଆଜିପର୍ଯ୍ୟନ୍ତ ଆମେରିକା ସବୁ କ୍ଷେତ୍ରରେ ଉନ୍ନତ ରାଷ୍ଟ୍ର ରୂପେ ପରିଗଣିତ ହୋଇ ମଧ୍ୟ କରୋନାକୁ ପ୍ରତିହତ କରିନପାରି ସଂକ୍ରମଣ ତାଲିକାରେ ସର୍ବପ୍ରଥମ ରହିଆସିଛି। ତୁଳନାତ୍ମକ ବିଚାର କଲେ ଆମ ଦେଶର ଜନଗହଳି ଓ ବର୍ଦ୍ଧିତ ଜନସଂଖ୍ୟା ଆମକୁ ଚିନ୍ତାରେ ପକାଇଛି। ପାରିପାର୍ଶ୍ୱିକ ଦୃଷ୍ଟି, ଆର୍ଥିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିଷ୍ପତି ନେବାର ପ୍ରୟୋଜନ ଥିଲା। ଏବେ ଅଭିଯୋଗ ଆସିଲାଣି ଯେ ଭାରତ ତାର ସଂକ୍ରମଣ ସ୍ଥିତି ଲୁଚାଉଛି। ଯଦି ତାହା ସତ୍ୟ ହୋଇଥାଏ ତେବେ ଆମ ସ୍ଥିତି ଭୟଙ୍କର। ଗଂଜାମ ପରେ ଖୋର୍ଦ୍ଧା ଓ କଟକର ସଂକ୍ରମଣ ଯେଉଁଭଳି ଭାବେ ବଢିଚାଲିଛି ପ୍ରଶାସନର ନିଦ ହଜିଛି। ସେଭଳି ସମାନ ଅବସ୍ଥା ଅନ୍ୟ ଜିଲ୍ଲାମାନଙ୍କର ବି ହୋଇପାରେ। ଲୋକମାନେ ଦାୟିତ୍ୱହୀନଙ୍କ ପରି ବଜାରଘାଟରେ ବୁଲିବାରୁ ଏଭଳି ଅଭାବନୀୟ ସ୍ଥିତି ଉପୁଜିଛି। ଏମିତି ମଧ୍ୟ ଦେଖାଯାଉଛି ଲୋକେ କରୋନା ପଜିଟିଭ୍ କାଳେ ବାହାରିବେ ସେଥିପାଇଁ ପରୀକ୍ଷା କରାଉନାହାନ୍ତି। ସାମାଜିକ ଅସ୍ପୃଶ୍ୟତା ସେମାନଙ୍କୁ ଏତେ ଆକ୍ରାନ୍ତ କରି ରଖିଛି ଯେ କରୋନା ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଲକ୍ଷଣ ଦେଖା ଦେଲେ ମନକୁ ମନ ଔଷଧ ଖାଇ ଘରେ ରହୁଛନ୍ତି। ଜ୍ୱର କମିଗଲେ ବାହାରେ ଆସି ବୁଲାବୁଲି କରି ସାଙ୍ଗସାଥୀମାନଙ୍କ ସହ ମିଶୁଛନ୍ତି। ଏଭଳି ଜଘନ୍ୟ ସ୍ଥିତିରେ କରୋନା ଯିବ କିପରି! ପ୍ରତିବନ୍ଧିକ ହଟାଯିବାର ମାନେ ନୁହେଁ ଯେ କରୋନା ମୂଳପୋଛ ହୋଇଗଲା। ପ୍ରଥମ କଥା ହେଲା ଆମ ଭିତରର ସାମାଜିକ ଦୂରତା ରଖି ମଧ୍ୟ ସଂପର୍କ ରକ୍ଷା କରିପାରିବା। ଦ୍ୱିତୀୟରେ ଆମେ ଯଦି ସଂକ୍ରମିତଠାରୁ ସଂକ୍ରମିତ ହୋଇ ଅନ୍ୟକୁ ସଂକ୍ରମିତ କରୁଥାଉ ତେବେ ଦୃଢ ନିଶ୍ଚିତ ହେବାକୁ ପଡିବ ଯେ ଏଇ ଶୃଂଖଳ ଦ୍ୱାରା ହୁଏତ କେହି ନା କେହି ମୃତ୍ୟୁମୁଖରେ ପଡିପାରେ ବା ତାର ମୃତ୍ୟୁ ଘଟିପାରେ। ସେ ନିଜ ସଂପର୍କୀୟ ହୋଇଥାନ୍ତୁ କିମ୍ବା ଅଜଣା ଅଚିହ୍ନା ..ସେଥିପାଇଁ ସଂକ୍ରମିତ ଦାୟୀ। ଯଦିଓ ଏବେ କାହାଠାରୁ ସଂକ୍ରମିତ ହୋଇଛି ବୋଲି ଜାଣିବା ମୁସ୍କିଲ୍ ତେବେ ବେସରକାରୀ ଭାବେ କୋଭିଡ୍ ସଂକ୍ରମଣ – ଚାରି ଷ୍ଟେଜ୍‌ରେ ଅଛି ବୋଲି କୁହାଯାଉଛି।

ଖୁବ୍ କମ୍ ସଚେତନ ଲୋକ ଅଛନ୍ତି ଯେଉଁମାନେ ନିଜ ସଚେତନତା ହେତୁ ପରୀକ୍ଷା କରାଇ ସଂଗରୋଧରେ ରହିବା ସହିତ ନୀତି ନିୟମ ପାଳନ କରୁଛନ୍ତି। ଏଇଟା ଲଜ୍ୟାର କଥା ନୁହେଁ କାରଣ ଏହା ଅନ୍ୟଠାରୁ ସଂକ୍ରମିତ ହୋଇଥିବା ରୋଗ। ହଁ ସେଥିପାଇଁ ସାମାଜିକ ବାସନ୍ଦ ହେଲା ପରି ମନେହୁଏ। କିନ୍ତୁ ଏହା ତ ନିୟମର ଅନ୍ତର୍ଭୁକ୍ତ ତଥା ନିଜ ଆତ୍ମୀୟମାନଙ୍କୁ ନହେବା ଲାଗି ଉଦ୍ଦିଷ୍ଟ। ଏଥିପାଇଁ କାହାର କିଛି କ୍ଷତି ହେବନି ଓଲଟା ପିତୃଦତ୍ତ ପ୍ରାଣଟି ରହିଯିବ ନିଜ ସହ ଅନେକଙ୍କର। ଏଥିପାଇଁ ଲୁଚାଛପା ନୁହେଁ ସତର୍କତା ଲୋଡା। ଏସବୁର ଚାପ ବିଦ୍ୟାର୍ଥୀଙ୍କ ଉପରେ ଏବେ। ଘଂଟା ଘଂଟା ଧରି ଅନ୍ ଲାଇନ୍ କ୍ଲାସ୍ ମାଧ୍ୟମରେ ନିଜ ଆଖି ଓ ମସ୍ତିଷ୍କ ଉପରେ କୁପ୍ରଭାବ ପକାଇ ପଢିବାକୁ ବାଧ୍ୟ। କାରଣ ପୁଣି କ୍ଲାସ୍‌ର ଗହଳି ଭିତରେ ସେମାନଙ୍କୁ ପଢିବାକୁ ପଠେଇଦେଇ ବାପା ମା କୋଉ ନିଶ୍ଚିନ୍ତରେ ରହିପାରିବେ ଘରେ! ଏଭଳି ଦୁଃସ୍ଥିତିକୁ ତରବରିଆ ଭାବେ ବିଚାର ନକରି ଭାବିଚିନ୍ତି ବିଚାର କଲେ ଭଲ ହୁଅନ୍ତା କାରଣ ସେମାନେ ଆମ ଭବିଷ୍ୟତ। ଜୋର୍ କରି ସେମାନଙ୍କ ଉପରେ ଚାପ ଦିଆନଯାଉ। ସେମାନଙ୍କ ଜୀବନର ନିରାପତ୍ତା କଥା ପ୍ରଥମେ। ଆଜକାଲି ସଂକ୍ରମିତଙ୍କ ସଂଖ୍ୟା ଏତେମାତ୍ରାରେ ବଢିଛି ଯେ କୋଭିଡ୍ ହସ୍ପିଟାଲ୍‌ଗୁଡିକରେ ବେଡ୍‌ର ଅଭାବ ପରିଲକ୍ଷିତ ହେଲାଣି। ସେଥିପାଇଁ ସୁବିଧା ଅନୁସାରେ ନିଜ ଘରେ ସଂଗରୋଧରେ ରହିବାକୁ ମଧ୍ୟ କୁହାଯାଉଛି। ଏତେସବୁ ସୁବିଧା ଥାଇ ମଧ୍ୟ ଆମେ ମାସ୍କ ଲଗେଇବାକୁ ରାଜି ନୁହେଁ। ପରୀକ୍ଷା କରେଇବାରେ ବି ଆପତ୍ତି! ଏପରି କ୍ଷେତ୍ରରେ ଆମେ ସଂକ୍ରମଣରେ ଆମେରିକାକୁ ବି ଟପିଯିବା ଯଦି ଠିକ୍ ଭାବେ ନୀତି ନିୟମ ପାଳନ ନକରିବା ଆଗକୁ। ଏଭଳି ଭୟଙ୍କର ସ୍ଥିତି ଆସିବ ଯାହାକୁ ସୁଧାରିବା କାଠିକର ପାଠ ହୋଇଯିବ। ସରକାର ବା ପ୍ରଶାସନ ଏକାକୀ କିଛି କରିପାରିବ ନାହିଁ ଯଦି ଲୋକେ ଗ୍ରହଣ ନକରନ୍ତି ବା ନମାନନ୍ତି। କରୋନା ସଂକ୍ରମଣରେ ବ୍ୟକ୍ତିବିଶେଷର ଯଥେଷ୍ଟ ଭୂମିକା ରହିଛି। ସଚେତନତା ଅବଲମ୍ବନ କରିବା ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ। ସେହିପରି ସବୁକିଛିକୁ ଅନ୍ ଲକ୍ ନକରି କିଛିରେ ଲଗାମ୍ କଷିବା ମଧ୍ୟ ଆବଶ୍ୟକ। ଯେଉଁଠାରେ ଜନଗହଳି ବେଶି ରହିବାର ସଂଭାବନା ସେଭଳି କ୍ଷେତ୍ର ପାଇଁ ବିଶେଷ ନିୟମ ପାଳନ କରିବା ଉଚିତ୍ ହେବ।

mousumi.mama7@gmail.com

# ଅଳପ ଲୋକ ଅଧିକାର, କିମ୍ପାଇଁ ଦେଲ ଦାମୋଦର ?

ପଙ୍କଜ କୁମାର ପାଣିଗ୍ରାହୀ

ଆମ ଦେଶର ପ୍ରାଚୀନ ସଂସ୍କୃତି, ଦର୍ଶନତତ୍ତ୍ୱ ଏବଂ ମାନବିକ ବିଚାରଧାରା ଗୁଡିକ ଉପରେ ପର୍ଯ୍ୟବେସିତ ଅନେକ ଉପଦେଶାତ୍ମକ ତଥ୍ୟ ମାଧ୍ୟମରେ ଲୋକଙ୍କ ସଚେତନତା ପାଇଁ ବର୍ଣ୍ଣନା କରାଯାଇଥିବା ମହତ୍ୱପୂର୍ଣ୍ଣ ରୂଢ, ବାଣୀ ଗୁଡିକ କାଳ କାଳକୁ ଅକ୍ଷୁର୍ଣ୍ଣ ହୋଇ ରହିଛି, ରହିବ! ସେଥିମଧ୍ୟରୁ ଉପରୋକ୍ତ ବାଣୀଟିର ମହତ୍ୱ ଉପରେ ଆଧାରିତ ଆଜିକା ସମୟର ପରିସ୍ଥିତି ଉପରେ ଦିଆଯାଇଥିବା ତଥ୍ୟ ସହିତ ଆପଣମାନଙ୍କ ସହମତି କେତେ ନିଜେ ବିଚାର କରି ମତାମତ ଦେବେବୋଲି ଆଶା......।

ଯିଏ ଯାହା ନୁହେଁ ତାକୁ ଯଦି ସେହି ସ୍ଥାନରେ କୌଣସି କାରଣ ବଶତଃ ବସାଇ ଦିଆଯାଏ ତାହେଲେ ସମ୍ପୃକ୍ତ ବ୍ୟକ୍ତି ନିଜର ଚାରିତ୍ରିକ ବିଚାରଧାରାକୁ ଚରିତାର୍ଥ କରିବା ପାଇଁ କୁଣ୍ଠା ବୋଧ କରୁନଥିବା ବେଳେ ନିର୍ଦ୍ଧାରିତ ସ୍ଥାନର ନିୟାମକ ଗୁଡିକୁ କେବଳ ପ୍ରଦର୍ଶନ ପୂର୍ବକ ସେହି ସ୍ଥାନର ଉପଯୁକ୍ତତାକୁ ହୃଦୟଙ୍ଗମ ନକରିପାରି ତାହାର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥାଏ! ଅର୍ଥାତ କୌଣସି ଗଣ ସାମାଜିକ ସ୍ଥାନରେ ଅନୁପଯୁକ୍ତ ବ୍ୟକ୍ତିଙ୍କ ଅବସ୍ଥାନ ସମାଜକୁ ଭଙ୍ଗୁର କରିବା ଏକ ସ୍ୱାଭାବିକ କଥା।

ଆଜିର ସାମାଜିକ ବ୍ୟବସ୍ଥା ପରିଚାଳନା ଦାୟିତ୍ୱରେ ଥିବା ମଣିଷ ଗୁଡିକ ଅତୀବ ଅବାସ୍ତବ ଢଙ୍ଗରେ ନିୟୋଜିତ ହୋଇଥା'ନ୍ତି ଯାହା ସାଧାରଣ ମଣିଷ ମାନଙ୍କ ସ୍ମରଣିକା ବହିର୍ଭୁତ! ପୁନଶ୍ଚ ସେମାନଙ୍କ ଚୟନ, ଅବସ୍ଥାପନ ଉପରେ ସାଧାରଣ ଲୋକଙ୍କ ନିୟନ୍ତ୍ରଣ ନଥାଇ ସେମାନଙ୍କୁ ସେହିମାନେହିଁ ପିଢ଼ିକୁ ପିଢ଼ି ନିୟୋଜିତ କରିଥାନ୍ତି ଯାହା ସାଧାରଣ ଲୋକଙ୍କ କ୍ଷମତା ବହିର୍ଭୁତ! ଇତି ମଧ୍ୟରେ ସାମାଜିକ ପରିଚାଳନା କ୍ଷମତା ଦିଆଯାଇଥିବା ମଣିଷ ଗୁଡିକ ନିଜକୁ ସୁହାଇଲା ଭଳି ଅନୁରୂପ ଲୋକଙ୍କୁ ବିଭିନ୍ନ ସ୍ଥାନରେ ଅବସ୍ଥାପନ କରି ନିଜ ନିୟନ୍ତ୍ରଣଭୁକ୍ତ କରି ସମଗ୍ର ସମାଜକୁ ପରିଚାଳିତ କରୁଥିବା ହେତୁ ଏକ ରକମ ସାମାଜିକ ଉନ୍ନତି ପରିବର୍ତ୍ତେ ବ୍ୟାପକ ରସାତଳଗାମୀ ହେଉଥିବା ମଣିଷ ସମାଜ ଖୁବ କମ ଦିନ ମଧ୍ୟରେ ବିଲୁପ୍ତ ହୋଇଯିବା ସମ୍ଭାବନା ଦେଖାଦେଲାଣି। ଏମିତି ଯଦି ଆଉ କିଛି ବର୍ଷ ଚାଲେ ତାହେଲେ ବିଭିନ୍ନ ପ୍ରତିକ୍ରିୟା ଜନିତ କେତେବେଳେ କ'ଣ ହେବ ଏବଂ ସମଗ୍ର ମଣିଷ ସମାଜକୁ ଗ୍ରାସ କରି ସମଗ୍ର ପୃଥିବୀ ମଣିଷ ଶୂନ୍ୟ ହୋଇଯିବ ତାହାର କୌଣସି ନିଶ୍ଚିତତା ନାହିଁ!

ଆଜିର ସମାଜରେ ନିୟୋଜିତ ବିଭିନ୍ନ କ୍ଷେତ୍ର ଗୁଡିକରେ ଦେଖିବାକୁ ମିଳୁଥିବା ମଣିଷ ଗୁଡିକ ମଧ୍ୟରେ କୌଣସି ବ୍ୟକ୍ତିଙ୍କ ନିଜସ୍ୱ ସୃଜନଶୀଳତା ଥିବା ଦେଖିବାକୁ ମିଳିବ ନାହିଁ! ସ୍ୱତଃ ସୃଜନଶୀଳତା, ମାନବିକ ଅବଚେତନାରୁ ବହିର୍ଭୁତ ବିଭିନ୍ନ ପରୋକ୍ଷ ଶିକ୍ଷା, ଜ୍ଞାନ, ଶକ୍ତି ଏବଂ ଅଭିଜ୍ଞତା ଉପରେ ପର୍ଯ୍ୟବେସିତ ମଣିଷ ମାନଙ୍କୁ ଏକ ପ୍ରକାର କଣ୍ଢେଇ ଭଳି କୌଣସି ଗୋଟିଏ ସ୍ଥାନରେ ଅବସ୍ଥାପିତ କରି ସମାଜକୁ ପରିଚାଳନା ଦାଇତ୍ୱ ଦିଆଗଲେ ଯାହା ହେବାକଥା ଆମେ ସମସ୍ତେ ଦେଖୁଛେ! ବିଭିନ୍ନ ଆସନରେ ଅବସ୍ଥାପିତ ମଣିଷ ଗୁଡିକ କେବଳ ପରୋକ୍ଷ ଅଭିଜ୍ଞତା ବ୍ୟତୀତ ନିଜସ୍ୱ ମାନବିକ ବିଚାରଧାରାରେ ସମାଜ ଚଳାଉଥିବା କେବଳ ସ୍ୱପ୍ନ ମାଧ୍ୟମରେ ଦେଖିବାହିଁ ସମ୍ଭବ ଆଜି ସମୟରେ!

ସାମାଜିକ ପରିଚାଳନା ଦାୟିତ୍ୱରେ ଥିବା ବିଭିନ୍ନ କ୍ଷେତ୍ରଗୁଡିକ ମଧ୍ୟରୁ ପ୍ରଥମେ ଜନପ୍ରତିନିଧି ବଛାଯାଇଥାଏ ଯେଉଁମାନେ ବାହୁବଳୀ, ଧନଶାଳୀ, ପ୍ରବଚକ ତଥା ବିଭିନ୍ନ ମିଥ୍ୟା କଥା କହି ସାଧାରଣ ଜନତାଙ୍କୁ ମୋହିତ କରିପାରିଥାନ୍ତି କିମ୍ବା ଯାହାର କୌଣସି ନିଜସ୍ୱ ବୋଲି କିଛି ନାହିଁ ବା ଅଧିପତିଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇପାରିବେ, ସେମାନଙ୍କୁ ବିଭିନ୍ନ ଜନପ୍ରତିନିଧି ଭାବେ ଚୟନ କରାଯାଇଥାଏ! ଦ୍ୱିତୀୟତଃ ପ୍ରଶାସନିକ ବ୍ୟବସ୍ଥାରେ ତଳୁ ଉପର ପର୍ଯ୍ୟନ୍ତ ଯେଉଁସବୁ ମଣିଷ ମାନଙ୍କୁ ଭିନ୍ନ ଭିନ୍ନ ସାମାଜିକ ଦାଇତ୍ୱ ଦିଆଯାଇଥାଏ ସେମାନଙ୍କୁ କେବଳ ପ୍ରମାଣପତ୍ରର କାଗଜ ଖଣ୍ଡଟିଏ ଦ୍ୱାରା ଚୟନ କରାଯାଇଥାଏ ଯେଉଁଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସର୍ବାଧିକ ସଂଖ୍ୟା ଥାଏ! ଅର୍ଥାତ ଏତେବଡ଼ ବିଶାଳ କ୍ଷେତ୍ରର ଅଧିକାରୀ ଭାବେ ନିୟୋଜିତ ସାମାଜିକ ପରିଚାଳନା ଦାୟିତ୍ୱରେ ଥିବା ଗୋଟିଏ ମଣିଷର ମାନବିକତା, ଚରିତ୍ରବତ୍ତା କିମ୍ବା ସୃଜନଶୀଳତା ଉପରେ କୌଣସି ଗୁରୁତ୍ୱ ଦିଆନଯାଇ କେବଳ ବହିରୁ ପଢି ଘୋଷି ପରୀକ୍ଷରେ ଲେଖି ଭଲ ନମ୍ବର ଆଣିପାରିଲେ ସେହିଁ ସମାଜ ଚଳାଇବାରେ ଧୁରନ୍ଧର ବୋଲି ବିବେଚନା କରାଯାଇଥାଏ! ଇତିମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି ତାହାର ଜିନଗତ ଚରିତ୍ର ତଥା ବ୍ୟକ୍ତିଗତ ବିଚାରଧାରା ଅନୁଯାଇ ଯାହା କରେ ତାହାହିଁ ସମଗ୍ର ମଣିଷ ସମାଜ ଗ୍ରହଣ କରିବାକୁ ବାଧ ହୋଇଥାନ୍ତି! ପ୍ରାୟତଃ ସ୍ୱେଚ୍ଛାଚାରିତା ମନୋବୃତ୍ତିରେ ସେମାନେ କାର୍ଯ୍ୟ ନିର୍ବାହ କରୁଥିବା ହେତୁ ସାମାଜିକ ବିପର୍ଯ୍ୟର ଭୟାବହତା ଚତୁର୍ଦ୍ଦିଗରେ ରହିଥିବା କେହି ଅସ୍ୱୀକାର କରିପାରିବେ ନାହିଁ! ତୃତୀୟତଃ ସାମାଜିକ ନ୍ୟାୟିକ ବ୍ୟବସ୍ଥାରେ ଅବସ୍ଥାପିତ ମଣିଷ ଗୁଡିକ ସୃଜନଶୀଳତାତ ଦୂରର କଥା, ନ୍ୟାୟସଙ୍ଗତ ଆଇନ କାନୁନ ଉପରେ ବିଚକ୍ଷଣ ନଥିବା ବେଳେ ସବୁ ସମୟରେ ପୋଥିଗତ ଲିପି ଏବଂ ପାରିପାର୍ଶ୍ୱିକ ପ୍ରଭାବକୁ ଆଖି ଆଗରେ ରଖି ବିଚାର କରୁଥିବା ହେତୁ ସାମାଜିକ ବ୍ୟବସ୍ଥାରେ ଘଟୁଥିବା ଦୁର୍ଘଟଣା ଗୁଡିକ ଉପରେ ସଠିକ ନ୍ୟାୟ ମିଳିପାରୁନଥିବା ଆମ ଦେହସୁହା ହୋଇ ଗଲାଣି। ନ୍ୟାୟିକ ବ୍ୟାବସ୍ଥରେ ଅବସ୍ଥାପିତ ମଣିଷ ଗୁଡିକୁ ମଧ ଅନୁରୂପ ପ୍ରଣାଳୀରେ ଚୟନ କରାଯାଉଥିବା ଏକ ସାଙ୍ଘାତିକ ଅମାନବୀୟ ପରିସ୍ଥିତି ଯାହା କେବଳ ସମାଜର ଜ୍ଞାନୀ, ସୃଜନଶୀଳ ଓ ଚାରିତ୍ରିକ ଲୋକଙ୍କୁ ଧାର୍ଯ୍ୟ ହେବା କଥା! କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ ସେମାନଙ୍କୁ ମଧ ଚୟନ କଲାବେଳେ କେବଳ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରରେ ହିଁ ବଛାଯାଇଥାଏ! ଏତଦ୍ ବ୍ୟତୀତ ବାକି ସବୁ ମଣିଷ ଯାହାଙ୍କ ଉପରେ ସମଗ୍ର ମଣିଷ ସମାଜ ଆସ୍ଥା ରଖିଥାନ୍ତି ଯେ ସେମାନେ ସମାଜରେ ଘଟୁଥିବା ଘଟଣା ସମୂହ ସାର୍ବଜନୀନ କରି ତଥ୍ୟ ଭିତ୍ତିକ ଖବର ପ୍ରଦାନ କରିବେ ବୋଲି ସେମାନଙ୍କୁ ସମାଜ ଅବସ୍ଥାପିତ କରିନଥିବା ବେଳେ ସେମାନେ ନିଜକୁ ସ୍ୱତଃପ୍ରବୃତ ସାମାଜିକ କର୍ମୀ ବୋଲି କହି ସମ୍ପୂର୍ଣ୍ଣ ସ୍ୱାର୍ଥବାଦୀ କାର୍ଯ୍ୟରେ ଲିପ୍ତ ରହି କେବଳ ସାମାଜିକ କର୍ମୀ ମାନଙ୍କ ଚାଟୁକାରିତା କରୁଥିବା ଏବଂ ଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ସାଧାରଣ ମଣିଷ ମାନଙ୍କୁ ବିଚଳିତ କରୁଥିବା ଅତ୍ୟନ୍ତ କ୍ଷୋଭର ବିଷୟ! ସମାଜସେବୀ ତଥା ସଂସ୍କାରକ ବୋଲି କହୁଥିବା ବିଭିନ୍ନ ମହଲର ମଣିଷ ଗୁଡିକ ମଧ କେବଳ ମିଥ୍ୟା, ଭ୍ରାନ୍ତି ତଥା ଶଢଯାନ୍ତ୍ର କରି ନିରୀହ ନିର୍ବୋଧ ମଣିଷ ମାନଙ୍କୁ ତଳିତଳାନ୍ତ କରୁଥିବା ସେମାନେ ପ୍ରତ୍ୟକ୍ଷରେ ଅନୁଭବ କରିନପାରି ସେମାନଙ୍କ ଶରଣାସିକ୍ତ ହୋଇଥାନ୍ତି। ସମ୍ପୃକ୍ତ ମଣିଷ ଗୁଡିକ ବ୍ୟବସାୟିକ ଭିତ୍ତିରେ ସେମାନଙ୍କ ସମ୍ବେଦନଶୀଳ ଚିନ୍ତାଧାରାକୁ କୁଠାରଘାତ କରି ଅଜସ୍ର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରୁଛନ୍ତି ଯାହା ଅକ୍ଷମଣୀୟ! ହେଲେ ସେମାନଙ୍କୁ ଦଣ୍ଡ ଦେବ କିଏ? ପ୍ରତିବାଦ କରିବ କିଏ? ସମସ୍ତେ ଅନ୍ଧ ନିଜ ନିଜ ସ୍ୱାର୍ଥରେ! ପ୍ରତିବାଦ କଲେ କେବଳ ଦେଶଦ୍ରୋହୀ ଛଡା ଆଉ କିଛି ଉପାଖ୍ୟାନ ମିଳିବ ନାହିଁ! ଅନୁରୂପ ପ୍ରତ୍ୟେକ ସ୍ଥାନରେ ଅବସ୍ଥାପିତ ସମସ୍ତ ମଣିଷ କେବଳ ନିଜର ସ୍ୱାର୍ଥକୁ ଆଖିଆଗରେ ରଖି କାର୍ଯ୍ୟ କରୁଥିବା ହେତୁ ଉନ୍ନତିର କୁହେଳିକା ସୃଷ୍ଟି ହୋଇ ସମସ୍ତ ସାଧାରଣ ମଣିଷ ନିଜର ସୃଜନଶୀଳ ବିଚାରଧାରା ସୃଷ୍ଟି କରିବାରେ ଅକ୍ଷମ, ମରୀଚିକା ପଛରେ ଧାଇଁ ଧାଇଁ ଦୁର୍ଲ୍ଲଭ ମଣିଷ ଜୀବନଟିକୁ କେବଳ ଅପ୍ରାକୃତିକ ଭାବେ ଉପଭୋଗ କରୁଥିବା ସେମାନେ ନିଜେ ମଧ ଜାଣି ପାରୁନାହାନ୍ତି!

ଶିକ୍ଷା ମଣିଷକୁ ଅନ୍ୟ କାହାଦ୍ୱାରା ଆବିଷ୍କୃତ, ଉଦ୍ଭାବିତ ଉତ୍ସ ଉପରେ କିଞ୍ଚିତ ଜ୍ଞାନ କୌଶଳ ପ୍ରଦାନ କରି ସୀମିତ କ୍ଷେତ୍ରରେ ପାରଦର୍ଶୀ କରାଇବାରେ ସକ୍ଷମ ଥିବାବେଳେ ମାନବିକତା, ସୃଜନଶୀଳତା, ଚରିତ୍ରବତ୍ତା, ସାମାଜିକ ମୂଲ୍ୟବୋଧତା ଇତ୍ୟାଦି କେବଳ ମଣିଷର ଜନ୍ମଗତ ତଥା ପ୍ରାକୃତିକ ଗୁଣ, ଧର୍ମ ହୋଇଥାଏ। ତେଣୁ କେବଳ କୌଣସି ପ୍ରଯୁକ୍ତି ବିଦ୍ୟା ଜନିତ କାର୍ଯ୍ୟରେ ପାରଦର୍ଶିତାର ଆବଶ୍ୟକତା ଅଧିକ ଥିବାବେଳେ ସାମାଜିକ ପରିଚାଳନା ପାଇଁ ସେହିସବୁ ପ୍ରାକୃତିକ ଗୁଣ, ଧର୍ମ ରହିତ ଶିକ୍ଷିତ ମଣିଷ ସମାଜକୁ ଅଗ୍ରଗାମୀ କରିବା ବିପରୀତେ ରସାତଳଗାମୀ କରିବାରେ ଅଧିକ ସହାୟକ ହେଉଥିବା ଲକ୍ଷକଲେ ଜାଣିହେବ। ତେଣୁ ଅବିଳମ୍ବେ ସେହିସବୁ ସାମାଜିକ ପରିଚାଳନା ଦାୟିତ୍ୱରେ ନିୟୋଜିତ କରାଯାଉଥିବା ମଣିଷ ଗୁଡିକୁ କଠୋର ନିୟାମକ ମଧ୍ୟରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କେବଳ ଶିକ୍ଷା ଉପରେ ପ୍ରାଧାନ୍ୟତା ଦିଆନଯାଇ ଉପଯୁକ୍ତ ଚାରିତ୍ରିକ ମାନବବାଦୀ ବିଚାରଶୀଳ ମଣିଷ ମାନଙ୍କୁ କେବଳ ଚୟନ କରାନଗଲେ ଆମର ଜ୍ଞାତ ବହିର୍ଭୁତ କେତେଯେ କ୍ଷେତ୍ର, କୋଣରୁ ଅମାପ କ୍ଷତି ଘଟି ସମାଜ ତଳି ତଳାନ୍ତ ହେବାକୁ ଲାଗିଛି ଏବଂ ଆସନ୍ତା ଭବିଷ୍ୟତ ଅନ୍ଧକାର ମୟ ହୋଇଯିବ ସେଥିରେ ତିଳେହେଲେ ଦ୍ୱିଧା ନାହିଁ! ଏହିସବୁ କରିବାକୁ ହେଲେ ସାଧାରଣ ମଣିଷ ନିଜ ସ୍ୱାର୍ଥତ୍ୟାଗ କରି ଏକ ବିଶାଳ ଜନ ଆନ୍ଦୋଳନ ପୂର୍ବକ ସାମ୍ବିଧାନିକ ପରିବର୍ତ୍ତନ ପାଇଁ ଅଗ୍ରସର ନହେଲେ ସେହିଭଳି ନୀତିହୀନ ଅଳପ ଲୋକଙ୍କୁ ଅଧିକାର ଦେଇ ଆମ ସାମାଜିକ ବ୍ୟବସ୍ଥାର ଭବିଷ୍ୟତ ଯାହା ହେବ ସମସ୍ତଙ୍କୁ ଭୋଗିବାକୁ ପଡିବ ବୋଲି ଆମର ବିଚାରଧାରା ସହିତ ଆପଣଙ୍କ ମତାମତ ଅପେକ୍ଷାରେ!

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ*
*ଦୁରଭାଷ-୯୪୩୭୭୩୨୪୯୧୭*




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**କ୍ଷମା :-**

ପହ୍ଲାଦ ବିରୋଚନଙ୍କୁ କହିଛନ୍ତି-

ନ ଶ୍ରେୟଃ ସତତଂ ତେଜୋ ନ ନିତ୍ୟଂ ଶ୍ରେୟସାଂ କ୍ଷମା।

ତସ୍ମାନିତ୍ୟଂ କ୍ଷମା ତାତ ପଣ୍ଡିତୈରପବାଦିତା।।

ପ୍ରତ୍ୟେକ ଅପରାଧ ପାଇଁ ଦଣ୍ଡଦେବା ଉଚିତ ନୁହେଁ କି ପ୍ରତ୍ୟେକ ଅପରାଧକୁ କ୍ଷମା କରିଦେବା ଉଚିତ ନୁହେଁ। ତେଣୁ ଯେଉଁମାନେ ବ୍ୟବହାରିକ ଜ୍ଞାନରେ କୁଶଳ ଅଟନ୍ତି ସେମାନେ ନିଜ ବିବେକର ପ୍ରୟୋଗ କରି କେତେବେଳେ କ୍ଷମା କରିବା ଆବଶ୍ୟକ କେତେବେଳେ ନୁହେଁ ତାହାହିଁ କରିଥାନ୍ତି। ପୂର୍ବରୁ ଗୀତାରେ ଥିବା ଏକ ଉଦାହରଣ ଦିଆଯାଇଥିଲା -"ନିର୍ଦ୍ଦୋଷ ହି ସମଂ ବ୍ରହ୍ମ" - ବାସ୍ତବରେ ଏକ ବ୍ରହ୍ମ ହିଁ ନିର୍ଦ୍ଦୋଷ ଅଟେ। ବାକି ଏହି ଜଗତ ଗୁଣ ଦୋଷମୟ ଅଟେ। ସାରା ଜଗତ ତ୍ରିଗୁଣୀ ମସଲାରେ ତିଆରି। ଶ୍ରୀରାମ ନିଜ ସଂକଳ୍ପ ମାତ୍ରକେ ରାବଣକୁ ମାରି ପାରିଥାନ୍ତି। କେବଳ ସୀତାଙ୍କୁ ଅପହରଣ କରି ସେ ଦଣ୍ଡ ଭୋଗିଲା ତାହା ନୁହେଁ। ରାବଣ ସ୍ୱାର୍ଥ ଆଉ ଅହଂକାରରେ ବଶୀଭୂତ ହୋଇ ଜଗତର ଅମଙ୍ଗଳ ସାଧନ କରୁଥିଲା।

ସେପରି ଶ୍ରୀକୃଷ୍ଣ ଶିଶୁପାଳର ଶହେ ଅପରାଧ କ୍ଷମା କରିଦେଇଥିଲେ। ପରନ୍ତୁ ଯେବେ ସେ ଦେବତା, ଋଷି, ମହର୍ଷି, ତ୍ୟାଗି, ତପସ୍ୱୀ ମାନଙ୍କର ମର୍ଯ୍ୟାଦାକୁ କୁଠାରଘାତ କଲା ସେତେବେଳେ ସେ ଦଣ୍ଡନୀୟ ହୋଇଥିଲଶ।

ସମସ୍ତ ବୃକ୍ଷଙ୍କର ରଙ୍ଗରୂପ ଏକାପରି ନୁହେଁ। ସବୁ ଫୁଲ ମଧ ଏକାପରି ନୁହଁନ୍ତି। ଗୋଟିଏ ଗାଈର ଦୁଇଟି ବାଛୁରୀରୁ ଗୋଟିଏ ହଳରେ ଯୋଚାଯାଏ ତ ଆରଟି ମହାଦେବଙ୍କ ଷଣ୍ଢ ହୋଇ ବୁଲୁଥାଏ। କୁମ୍ଭାର ଗଢ଼ିଥିବା ଘଡିରେ ଗୋଟାକରେ ଶ୍ମଶାନକୁ ନିଆଁ ନେଇ ଯିବାକୁ ପଡେ ତ ଅନ୍ୟଟିରେ ମହାଦେବଙ୍କ ଉପରେ ଜଳ ଚଢ଼ାଇବା କାମରେ ଆସିଥାଏ। ସେଭଳି ମନୁଷ୍ୟର ପ୍ରକୃତି ଭିନ୍ନ ଭିନ୍ନ ହୋଇଥାଏ। ବ୍ୟକ୍ତି ଭୁଲ ତ କରିଥାଏ ମାତ୍ର ଭୁଲ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯେ ଦଣ୍ଡଦ୍ୱାରା ସୁଧାର କରି ହେବ ତାହା ଜରୁରୀ ନୁହେଁ। ଏହି ସଂଦର୍ଭରେ ଚାଳିଶ ବର୍ଷ ପୂର୍ବେ ଏକ ସିନେମା 'ଦୋ ଆଖେ ବାରା ହାତ' ଶାନ୍ତାରାମଙ୍କ ଦ୍ୱାରା ନିର୍ମିତ ହୋଇଥିଲଶ। କିଭଳି ଅଦ୍‌ଭୁତ କଳ୍ପନା ଥିଲା। ବସ୍ତୁତଃ ଦୟା, ପ୍ରେମ, ସଦ୍‌ଭାବ, କରୁଣା, ସହାନୁଭୂତି ଓ ସମ୍ମାନ ଦ୍ୱାରା କ୍ଷମା ପ୍ରଦାନର ସୁଖାନୁଭୂତି ହୋଇପାରେ। କ୍ଷମାର ସାର୍ଥକତା ଏହା ଯେ କ୍ଷମା ପାଇଥିବା ଲୋକର କଲ୍ୟାଣ ହୋଇ ତା'ର ହୃଦୟର ପରିବର୍ତ୍ତନ ହେଉ।

(କ୍ରମଶଃ)




# ସମ୍ପର୍କର ସୂତା ଖିଅ

'ସଟ୍ ଅପ୍।' ଚିତ୍କାରଟିଏ ବାହାରି ଆସିଲା ସୁରେନ୍ଦ୍ର ଓଠରୁ।

-'ୟୁ ସଟ୍ ଅପ୍...। ୟୁ ଆର ଏ ଚିଟ୍... ଏ ହିପୋକ୍ରେଟ୍... ଏ କିଡ୍‌ନାପର... ଆଇ ହେଟ୍ ... ୟୁ...

ପ୍ରଚଣ୍ଡ କ୍ରୋଧରେ ବାକ୍‌ଶୂନ୍ୟ ହୋଇଗଲା ମମତା। ଦପ୍ ଦପ୍ କରି ଜଳି ଉଠିଲା ଆଖି। ଫିଟିଗଲା ମୁଣ୍ଡର ଖୋସା। ବେଶ ପୋଷାକ ହେଲା ଅବିନ୍ୟସ୍ତ। ପ୍ରଚଣ୍ଡ ଟେନ୍‌ସନ୍‌ରେ ଥରୁଥିଲା ତା' ଅଙ୍ଗ ପ୍ରତ୍ୟଙ୍ଗ। ହିତାହିତଜ୍ଞାନ ଭୁଲି ସେ ଘର ଭିତରେ ଅତି ଯତ୍ନରେ ସାଇତା ହୋଇଥିବା ସୁରେନ୍ଦ୍ରର ହାରମୋନିୟମ୍, ଗୀଟାର, ବହି ଖାତା ଡାଏରୀ ଆଦିକୁ ଚିରି ଫୋପାଡି ଛିନ୍‌ଭିନ୍ କରି ପକାଉଥିବା ବେଳେ ତା' ପାଟିରୁ ବାହାରୁଥିଲା- ଆଇ... ହେଟ୍...ୟୁ... ଆଇ... ହେଟ୍...ୟୁ...।

ଧୈର୍ଯ୍ୟ ଏକ ବାଲିବନ୍ଧ। ଭାଙ୍ଗିଗଲା କ୍ଷଣିକ ଭିତରେ। ହାତ ହେଲା ମୁଠାମୁଠା। ରକ୍ତ ପ୍ରବାହ ଦ୍ରୁତରୁ ଦ୍ରୁତତର ହେଲା ଧମନୀରେ। ଟକ୍‌ମକ୍ ହୋଇ ଫୁଟିଲା। ଟଣଟଣ୍ କରି ଉଠିଲା ଶରୀରର ସମସ୍ତ ଶିରା ପ୍ରଶିରା। ପର ମୁହୂର୍ତ୍ତରେ ଏକ ବ୍ରହ୍ମଚାପୁଡା ବସିଲା ମମତା ଗାଲରେ।

ଅପ୍ରତ୍ୟାଶିତ ଏ ଆଘାତରେ ଦଣ୍ଡେ ସ୍ଥାଣୁ ପାଲଟିଗଲା ମମତା। ଭୟଙ୍କର ଦେଖାଗଲା ତା' ମୁହଁ। ଆଖି ଭିତରୁ ବାହାରି ଆସୁଥିଲା ଦମ୍‌କା ଦମ୍‌କା ନିଆଁ, ସଚରାଚର ବିଶ୍ୱ ବ୍ରହ୍ମାଣ୍ଡକୁ ଜାଳି ପୋଡି ପାଉଁଶ କରିଦେବା ପାଇଁ।

ୟୁ... ବ୍ଲଡି ବାଷ୍ଟାର୍ଡ...ୟୁ... ରାସ୍କାଲ୍... ୟୁ

ତଣ୍ଟିକୁ ଭେଦ କରି ଆଉ କିଛି ଶବ୍ଦ ବାହାରି ପାରିଲା ନାହିଁ। ଚାପୁଡାର ପ୍ରତିଦାନ ସ୍ୱରୂପ ଠାଏ କରି ଗୋଟେ ଚାପୁଡା ସୁରେନ୍ଦ୍ର ଅନୁଭବ କଲା ନିଜ ଗାଲ ଉପରେ।

ତା ପରେ ସବୁ ଶୂନ୍‌ଶାନ୍। ନିରବ, ନିଶ୍ଚଳ। ପୃଥିବୀ ଉପରକୁ ଓହ୍ଲାଇ ଆସୁଥିଲା ନିରବଚ୍ଛିନ୍ନ ଅନ୍ଧକାର।

ତା' ପରଦିନ ଦ୍ୱିପ୍ରହରରେ ମେଡସିନ୍ ଷ୍ଟୋରରେ ବସି ଛଟପଟ ହେଉଥିଲା ସୁରେନ୍ଦ୍ର। କରୁଣ ମୂର୍ଚ୍ଛାଳିଆ ଭାବଟେ ଆଚ୍ଛାଦିତ କରି ପକାଉଥିଲା ତା' ସମଗ୍ର ସତ୍ତାକୁ। ତା' ଭିତରର ଉଦ୍‌ବେଗ ବଢୁଥିଲା, ଧୀରେ ଧୀରେ କାୟା ବିସ୍ତାର କରୁଥିଲା। କ୍ଲାନ୍ତିକର ଏକ ଅସ୍ଥିରତା ସବାର୍ ହେଉଥିଲା ତା' ମୁଣ୍ଡ ଉପରେ। ଅନ୍ୟ ମନସ୍କତାର ସୁଅଟେ ଭସାଇ ନେଉଥିଲା ତାକୁ କୁଆଡେ ନାଇଁ କୁଆଡେ।

ଖରାବେଳେ କେବେ ବି ଘରକୁ ଯାଉନଥିବା ସେ ଦୋକାନରୁ ବାହାରିଆସି ସାଇକେଲ୍ ଚାବି ଫିଟାଇଲା। ପ୍ରଖର ରୌଦ୍ରତାପରେ ରାସ୍ତାଘାଟ ସବୁ ଶୁନ୍‌ଶାନ୍। ରାସ୍ତା ଉପର ତତଲା ପିଚୁ ତରଳିଯାଇ ବାମ୍ଫ ଉଠୁଥିଲା ଉପରକୁ।

ମାତ୍ର କୋଡିଏ ମିନିଟ୍ ପରେ ଘର। ସୁରେନ୍ଦ୍ର ଆଶ୍ୱସ୍ତ ହେଲା ଯେ ଘରବାହାରୁ ତାଲା ପଡିନାହିଁ। ତା' ଅର୍ଥ ମମତା ଘରେ ଅଛି। ମାତ୍ର ପର ମୁହୂର୍ତ୍ତରେ ସେ ଆଶ୍ୱସ୍ତି ପରିଣତ ହୋଇଗଲା ଚରମ ଆଶ୍ୱସତ୍ତିରେ, ଯେତେବେଳେ କବାଟରେ ହାତ ମାରୁ ମାରୁ କେଁ କଟର ଆର୍ତ୍ତନାଦ କରି ତାହା ଦୁଇପାଖକୁ ଖୋଲିଗଲା।

ଆଶାତୀତ ଭାବେ ବଢ଼ିଗଲା ତା ହୃତସ୍ପନ୍ଦନ। ଶଙ୍କିତ ଓ କ୍ଷିପ୍ରତାର ସହିତ ଦୁଇବଖରା ସମ୍ବଳିତ ଆଜବେଷ୍ଟସ୍ ଘରଟାକୁ ଏକରକମ ଖାନ୍‌ତଲାସ କରିପକାଇଲା ସେ। ଦେଖିଲା ମମତାର ଲୁଗା ପଟା ନାହିଁ। ଟେବୁଲ୍ ଉପରେ ଥିବା ଆଟାଚ୍‌ଟା ମଧ୍ୟ ଅନ୍ତର୍ଦ୍ଧାନ ହୋଇଛି।

ନିର୍ବାକ ହୋଇ ସେ ଠିଆହୋଇଗଲା କିଛି ସମୟ ଚଟଣା ଉପରେ। ତାକୁ ପ୍ରବଳ ଶୋଷ ଲାଗୁଥିଲା। ତା' ତଣ୍ଟି ଅଠା ହୋଇଯାଉଥିଲା। ଏକ ଅଭୂତପୂର୍ବ ସିତ୍କାର ତା' ସମଗ୍ର ଶରୀରକୁ ଅଭିଭୂତ କରି ଉଠି ଆସୁଥିଲା ବାହାରକୁ। ଶଙ୍କୁଚିତ ହୋଇଯାଉଥିଲା ତା' ପାଞ୍ଚଫୁଟ ଦଶ ଇଞ୍ଚର ଦେହ। ଝାଳରେ ତିନ୍ତି ଯାଇ ତା ମୁଣ୍ଡ ଖୁବ୍ ବେଗରେ ଘୂରାଇ ଦେଉଥିବା ବେଳେ ଲଥ୍ କରି ସେ ବସି ପଡିଲା ଚଟାଣ ଉପରେ।

କେଜାଣି, ଗୋଟାଏ ଯୁଗ ପରେ ହୁଏତ ସେ ପ୍ରକୃତିସ୍ଥ ହେଲା। ବିକଳ ଦୃଷ୍ଟିରେ ଚାହିଁଲା ଘରର ଚାରିଆଡକୁ, କିଛି ଗୋଟାଏ ପାଇଯିବା ପାଇଁ। ଘରର କାନ୍ଥ, ଆଜବେଷ୍ଟସ୍ ଛାତ, କବାଟ, ଝରକା, ଗଛ, ଆକାଶ ଚାରିଆଡେ ଲେଖା ହୋଇଯାଇଥିଲା ଚରମ ଶୂନ୍ୟତା, ନିରବତାର ଭାଷା।

ଘର ଭିତରେ ବସି ରହିବା ଆଉ ସମ୍ଭବ ନଥିଲା ଦେହ ଓ ମନ ଭିତରେ ଏତେ ଯନ୍ତ୍ରଣା ଓ ଟେନ୍‌ସନ୍‌କୁ ଧରିରଖି। ସୁରେନ୍ଦ୍ର ଛାଟିପିଟି ହୋଇ ବାହାରି ଆସିଲା ବାହାରକୁ, ଏକଦମ୍ ରାସ୍ତା ଉପରକୁ। ଘର ସାମ୍ନାର ରାସ୍ତାରେ ଠିଆ ହୋଇ ଏଣେ ତେଣେ ଚାହିଁଲା ନିରୁପାୟ ଆଖିରେ। କାଳେ କୋଉଠି କିଛି ସନ୍ଦେଶ ଛାଡି ଯାଇଥିବ ମମତା!

କିଛି ଗୋଟାଏ ବ୍ୟବସ୍ଥା, ଗୋଟେ ପ୍ରତିକାର ନିହାତି ଦରକାର। ହେଲେ କିଭଳି ବ୍ୟବସ୍ଥା? କ'ଣ ତା'ର ରୂପରେଖ? କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲା ନାହିଁ ତା' ବିଚଳିତ ମନ। କେବଳ ତାକୁ ଲାଗିଲା, ତା ଅଜାଣତରେ ସମଗ୍ର ଦେହ ଥରୁଚି ବରଡ଼ାପତ୍ର ଭଳି।

ଏପରି ସମୟରେ କ'ଣ କରାଯାଏ? କାହାକୁ କହିବ ଏକଥା? ମୋ ସ୍ତ୍ରୀ ଘରଛାଡି ପଳେଇଛି, ମୁଁ କ'ଣ କରିବି? ଏପରି ପ୍ରଶ୍ନଟେ କେମିତି ପଚରାଯାଏ? ଯିବ କି ପୋଲିସ ଷ୍ଟେସନ୍? ଏଫ୍‌ଆଇଆରଟେ ଦେଇଦେବ କି? ଯିବ କି ମେଡିସିନ୍ ଷ୍ଟୋରକୁ? ମାଲିକକୁ ଜଣାଇଦେବ ଟିଖିନିଖି ସବୁ? ଉପସ୍ଥିତ ଥିବା ଅନ୍ୟାନ୍ୟ ସହକର୍ମୀ ଶୁଣିବେ ଏକଥା। ଖାଲି ଶୁଣିବେନି, ହସି ବି ପାରନ୍ତି! ଉପହାସ ବି କରିପାରନ୍ତି।

ଅନ୍ୟମାନଙ୍କର ଆନନ୍ଦ ଓ ପରିହାସର ସାମଗ୍ରୀ ପାଲଟିଯିବାକୁ ଗୋଟିଏ ମିନିଟ୍ ମଧ୍ୟ ଲାଗିବ ନାହିଁ। ଲାଭ କ'ଣ ସେଥିରେ?

ପ୍ରଦୀପ ବି ପାଖରେ ନାହିଁ ଏଭଳି ସମୟରେ। ଦିଲ୍ଲୀରେ ଖୋଲିଛି ଗୋଟେ କପଡା ସୋରୁମ୍। କେତେବେଳେ ଦିଲ୍ଲୀ, କେତେବେଳେ ବମ୍ବେ, ବାଙ୍ଗାଲୋର, କଲିକତା, ତା'ର ପତ୍ତା ପାଇବା ଅସମ୍ଭବ।

କ'ଣ ତେବେ କରାଯାଇପାରେ ଏପରି ଏକ ସଙ୍ଗୀନ୍ ମୁହୂର୍ତ୍ତରେ? ଏ ସହରରେ ରହିବାର ଦଶବାର ବର୍ଷ ବିତିଗଲାଣି। ଅଥଚ ଏବେ ମନେ ପଡୁନାଇଁ ଏପରି ଏକ ପରିଚିତ ମୁହଁ, ଯାହା ଆଗରେ ଅନ୍ତତଃ ସେ କହିଦିଅନ୍ତା ସବୁ କଥା ଖୋଲି। କହି ଦିଅନ୍ତା ଏବଂ କହୁକହୁ କାନ୍ଦିପକାନ୍ତା! କାନ୍ଦ ସହିତ ଝାଡିପକାନ୍ତା ମନ ଓ ହୃଦୟର ସବୁ ରିକ୍ତତା, ସବୁ ହାହାକାର!

କେହି ଜଣେ ସେପରି ଲୋକ ଅଛି କି କେଉଁଠି? ଅଛି କି?

ଦିନ ଯାଇ ରାତି ହେଲା। ବଜାରରେ ଅନିର୍ଦ୍ଦିଷ୍ଟ ଭାବେ ବୁଲିବୁଲି ରାତି ଏଗାରଟା ବେଳେ ସେ ଫେରିଲା ଘରକୁ କ୍ଳାନ୍ତ ହୋଇ। ଫେରି ଆସିଥିବ କି ମମତା? ଗୋଟେ ଅର୍ଜେଣ୍ଟ କାମ ଥିଲା, ଯାଇଥିଲି ଜଣେ ବାନ୍ଧବୀ ଘରକୁ, ଫେରୁ ଫେରୁ ଡେରି ହୋଇଗଲା ବୋଲି ଅନୁତାପ ଭରା କଣ୍ଠଟେ ତାକୁ ଅପେକ୍ଷା କରିଥିବ କି ଘର ଭିତରେ!

(କ୍ରମଶଃ)

# ଜୀବନ ଯେଉଁଠି ହାର ମାନିଯାଏ

ସୁଧାଂଶୁ ଶେଖର ଦ୍ୱିବେଦୀ



ଧୀରେ ଧୀରେ
ମାଡି ଆସୁଛି ମହାମାରୀ
ଧୀରେ ଧୀରେ ଆସେ ମୃତ୍ୟୁ
ବିଛିଡି ଯାଏ ଜୀବନର ପୃଷ୍ଠା
ବର୍ଷ ବର୍ଷ ସାଉଁଟି ରଖିଥିବା
ପୁରୁଣା ଡାଏରିରେ।
ବନ୍ଦ ହୋଇଯାଏ ଶ୍ୱାସ ପ୍ରଶ୍ୱାସ
ଧୂସର ଦିଶେ
ସ୍ମୃତିର ପ୍ରତିଛବି।
ଦିନେ ଯେଉଁଠି କଅଁଳୁଥିଲା
ସବୁଜ ପତ୍ର
ଏବେ ସେଇଠି
ରଙ୍ଗହୀନ ପତ୍ର
ତଳକୁ ଖସୁଛି।
ଶୁଭୁନାହିଁ ଆଉ
ମଟର ଗାଡିର ଶବ୍ଦ
ଦିଶୁନାହିଁ ଆଉ
କଳ କାରଖାନାର ଧୂଆଁ
ମଲ, ହଲ, ସ୍କୁଲ ସବୁ ବନ୍ଦ
ନା କୋଳାହଳ ଶୁଭୁଛି
ନା କାହାରି ମୁହଁରେ ହସ ଦିଶୁଛି!



ସମସ୍ତେ ସ୍ତବ୍ଧ, ଚକିତ, ଚୁପଚାପ
ନିରବି ଯାଇଛି ସାରା ସଂସାର
ହଜି ଯାଇଛି
ମଣିଷ ମନର ଆଶା-ଭରଷା
ଯାହା କେବଳ ହାତ ମେଲି
ସାଉଁଟୁଛି ମୃତ୍ୟୁ।
କୋଉଠିବି ନିରାପଦ ନାହିଁ
ନିର୍ଦ୍ଦୟୀ କାଳର ଚକ୍ରବ୍ୟୁହରେ
ବଞ୍ଚିବାର ରାସ୍ତା
କିଛିବି ଦେଖାଯାଉନି।
ଧୀରେ ଧୀରେ
ବୁଜି ଯାଉଛି ପଲକ
ମାଡି ଆସୁଛି ମହାମାରୀ
ଚାରିଆଡେ କିଟିମିଟି ଅନ୍ଧାର
ଆଉ ଅନ୍ଧାର ଭିତରେ
ହାତ ଗୋଡ ହଲାଉଛେ ଆମେ
ଆ - ଆ ବୋଲି
କରୋନାର ଆମନ୍ତ୍ରଣରେ
ମାଟି ମାନସ୍କ ହୋଇ
ପଡି ରହିଛି ଯାହା।

*ବିସି-୭୪, ସଲଟ ଲେକ, କୋଲକାତା*
*ଦୂରଭାଷ : ୬୨୯୧୩୪୨୨୫୯*

# ଈଶ୍ୱର

ପ୍ରଦୀପ ବନ୍ଧ





ବେଳେବେଳେ
ବିବାଦ ଘେରରେ
ଈଶ୍ୱର ବି ଛନ୍ଦି ହୋଇପଡନ୍ତି
ଆଗନ୍ତୁକ ସମ୍ଭାବନାରେ
ଅଙ୍କୁରିତ ଯାହା ହୋଇନି ଏଯାଏଁ
ସେମିତି ଦୟନୀୟ ସକାଳ ସାଜି
ପୃଥିବୀ ପୃଷ୍ଠକୁ ପାଦ ଥାପେ।

ଏଠି ମାଟି ଫାଟିବା ମନା
ବୀଜର ପ୍ରତି ଅଣୁରେ
ଈଶ୍ୱର ଏବେ ଗୃହବନ୍ଦୀ
ମଲା ପତ୍ରରେ ବି
ଶୂନ୍ୟରେ ବି
ଭିଡ଼ ଭିତରେ ବି
ନିରୁତାର ଏକଲାପଣରେ ବି।

ସବୁପରେ
ଈଶ୍ୱର ଆଶାବାଦୀ
ସେ ଅଙ୍କୁରିତ ବୀଜଟିଏ
ମଲାଜହ୍ନର ପିଠି ପେଟ
କାନ୍ଦୁରା ମୁହଁଟିଏ
ଏମିତି କି

ପତ୍ର ଝଡା ବୃକ୍ଷର
ଶୁଖିଲା ଗଣ୍ଡିଟିଏ
ମାୟା ଦର୍ପଣର ଆରପାଖେ
ତାରିଖ ବଦଳିଲା ପରି
ଚୌକାଠରେ ଲୁଚିଛପି
ଅଜବ ଖେଳ ଖେଳେ
ସତରେ ଈଶ୍ୱର ସବୁଠି
ଫର୍ଦ୍ଦେ ଜୀବନର କରୁଣ
ବିଫଳତାର ବିକଳ ପ୍ରତିବିମ୍ବ।
ସାନମଛୁଆଘାଇ
ରାଜଘର ପୋଖରୀ

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ : ୮୦୭୨୭୮୩୨୨୦*

# ଭୋକ

ଅଶୋକ କୁମାର ପ୍ରଧାନ



ମୋ ପେଟର ବାରମ୍ବାର ଧିକାର ପଣିଆକୁ
କାହାକୁ କହିବି ମନଖୋଲି
ଏଠି ତ ସମସ୍ତେ ଦେଖି କି ମୁହଁ ଫେରେଇ ନିଅନ୍ତି
ନ ଦେଖିବାର ପଣିଆରେ
କାହାକୁ ଶୁଣାଇବି ମୋ ଭୋକିଲା ଉଦରର କାହାଣୀ
ଏଠି ତ ସଭିଏଁ ଶୁଣି ବି ନ ଶୁଣିବାର ଅଭିୟନ କରନ୍ତି।
ରାଜଧାନୀର ରାଜରାସ୍ତାରେ ମୋ ପାଇଁ
କେତେ କ'ଣ ଶୋଭାଯାତ୍ରା
ଏଡାଇବାକୁ ମୋ ଭୋକର ଭୂଗୋଳ
ଖରା ବର୍ଷର ତାଡନାରେ ମୁଁ ଦରସିଝା
ଶୁଖିଲା ପତ୍ର ପରି
ମୋର ନିଜସ୍ୱ ଅସ୍ତିତ୍ୱ ହରାଇଛି
ପେଟର ଜୀବନ୍ତ ଜ୍ୱାଳାମୁଖୀରେ
ମୋ ଅଧିକାର ଆଶାରେ
କିନ୍ତୁ ସେସବୁ ପ୍ରହେଳିକା ସାଜିଛି ମୋ ପାଇଁ ବି
ସ୍ୱାଧୀନତାର ଚଉସ୍ତରୀ ବର୍ଷର ଅତିକ୍ରମ ପରେ



ମୁଁ ପାଇନି ମୋ ମୌଳିକ ଅଧିକାର।
ବଡ ବଡିଆଙ୍କ ବଡିମା ପଣରେ
ଏକଦମ ନିଃସହାୟ ମୁଁ
ସେମାନଙ୍କ ସଭା ସମିତିରେ ମୁଁ କେବଳ
ଶୋଭଯାତ୍ରୀଟିଏ ମାତ୍ର
ସେମାନେ ସମସ୍ତେ ପାଟି ଫଟେଇ ଚିତ୍କାର କରନ୍ତି
ମୋର ଭୋକକୁ ପରିସମାପ୍ତି ପାଇଁ
କିନ୍ତୁ ତା'ର ବାସ୍ତବତା ତ
ଠିକ୍ ଖରାଛାଇ ଖେଳ ପରି
ଖାଲି ଯେମିତି ଲୋକ ଦେଖାଣିଆ
ପାଲଟି ଯାଇଛି ସେମାନଙ୍କର ଲୋଲୁପଦୃଷ୍ଟିରେ।

ମୋ ଭୋକର ଇତିହାସ କ'ଣ
ଏମିତି ମଲ୍ଲାଜହ୍ନ ପରି
ଉପହାସ କରୁଥିବ ମୋତେ
ପ୍ରତିଟି ସମୟରେ
ନା ତା'ର କିଛି ସନ୍ଧାନ ମିଳିବ ଆଗାମୀ ସମୟରେ
ଏ ପର୍ଯ୍ୟନ୍ତ ପାଇନି ତାର ଗୁଡ ରହସ୍ୟକୁ
ତଥାପି ମନରେ ଅଜସ୍ର ଆଶା ବାନ୍ଧି ମୁଁ ଧାଇଁ ଚାଲିଛି ସେଇ
ଗତାନୁଗତିକ ପନ୍ଥାକୁ ଆପଣେଇ
କାଳେ କୋଉ ଗୋଟେ ଶୁଭବେଳାରେ ପିଡିଯିବ ବୋଲି
ଭୋକ ଇତିହାସର ଯବନିକା
ସମୟ ଆଉ ଭାଗ୍ୟକୁ ଦ୍ୱାହି ଦେଇ ମୁଁ ସେମିତି ଧାଇଁ ଚାଲିଛି
ସକାଳରେ ସୂର୍ଯ୍ୟୋଦୟ ନୂତନ ଜୀବନ ନେଇ
ଆଉ ସଞ୍ଜରେ ସୂର୍ଯ୍ୟାସ୍ତରେ ସବୁ ସ୍ୱପ୍ନକୁ ବଳିଦେଇ
ଆସିବ ବୋଲି ଭୋକ ଇତିହାସର ଶେଷ ଦୃଶ୍ୟ।

***ଶିକ୍ଷକ, ରୋହିଗାଁ, ଗଞ୍ଜାମ***
***ଦୂରଭାଷ : ୮୨୪୯୧୧୯୧୩୦***

# ପରିବର୍ତ୍ତନର ନାଁ କରୋନା



ପ୍ରିୟଦର୍ଶିନୀ ମହାନ୍ତି

ରିତୁ ଅନେକ ଦିନ ହେଲା ତା ମା'କୁ ଦେଖିନି। ବାପାଙ୍କ ପାଖରେ ଅଳି କରେ, କାନ୍ଦେ। ବାପା ବି ଆଉ କ'ଣ କରିବେ! ଫୋନ କରି ଶାଳିନୀ ସହ କଥା କରେଇ ଦିଅନ୍ତି। ରିତୁ କାନ୍ଦି କାନ୍ଦି କୁହେଁ, ମାଆ, ତୁମେ କେଉଁ ଦିନ ଡାକ୍ତରଖାନାରୁ ଫେରିବ? ଶାଳିନୀ ଝିଅକୁ ଆଶ୍ୱାସନା ଦେ କୁହେଁ, ହଁରେ ମା' ଫେରି ଆସିବି ବହୁତ ଜଲଦି। ତୁ ବାପାଙ୍କ କଥା ମାନିବୁ, ହଇରାଣ କରିବୁନି, ଠିକ୍ ସମୟରେ ଖାଇବୁ, ବାହାରକୁ ଯିବୁନି। ମୁଁ ଆଉ କିଛି ଦିନ ପରେ ଯିବି। ଅନେକ ପ୍ରକାର କଥା କହି ତାକୁ ଚୁପ୍ କରେଇଦିଏ ଶାଳିନୀ।

ଶାଳିନୀ ଗୋଟେ ଡାକ୍ତରଖାନାରେ ନର୍ସ ଅଛି। ରାତି ଡ୍ୟୁଟି ଥିଲେ ସେ ଦିନରେ ଝିଅ ସହ ସମୟ ବିତାଏ। ଆଉ ଦିନରେ ଡ୍ୟୁଟି ଥିଲେ ରାତିରେ ସମୟ ବିତାଏ। ପାଞ୍ଚବର୍ଷର ଝିଅ ରିତୁ। କିନ୍ତୁ ଏ କରୋନା ରୂପୀ ଭୟଙ୍କର ମହାମାରୀ ଭାରତକୁ ଗ୍ରାସ କରି ଓଡ଼ିଶା ପହଞ୍ଚିବା ଠାରୁ ଶାଳିନୀକୁ ସେଇ ଡାକ୍ତରଖାନାରେ ରହିବାକୁ ପଡୁଛି। ସବୁବେଳେ ସେଇ ଗୋଟିଏ ରୋଗର ନୂଆ ନୂଆ ରୋଗୀଙ୍କ ସହ ଶାଳିନୀର ମୁକାବିଲା ହୁଏ। ଖାଇବା, ପିଇବା, ଶୋଇବା ଯେମିତି ଏକପ୍ରକାର ଭୁଲି ଯାଇଛି ସେ।

କରୋନା ଏକ ମାରାତ୍ମକ ସଂକ୍ରାମକ ରୋଗ। ସରକାର ପକ୍ଷରୁ ସମସ୍ତ ଗଣମାଧ୍ୟମରେ ଘନ ଘନ ସଚେତନତାର ବାର୍ତ୍ତା ସାମାଜିକ ଦୂରତା ବଜାୟ ରଖନ୍ତୁ। ବାରମ୍ବାର ହାତ ଧୁଅନ୍ତୁ। ଅଯଥା ବାହାରକୁ ଯାଆନ୍ତୁ ନାହିଁ। ପରିବାର ସହ ସମୟ ବିତାନ୍ତୁ। ଏ ମହାମାରୀକୁ ସମୂଳେ ନାଶ କରିବାକୁ ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀ ଯଥାସାଧ୍ୟ ଉଦ୍ୟମ କରିବାରେ ଲାଗିଛନ୍ତି। ଏଭଳି ଏକ ଭୟଙ୍କର ପରିସ୍ଥିତିରେ ସେ କିପରି ବା ଯିବ ଝିଅକୁ ଦେଖିବାକୁ! ଅନେକ ଦିନର ବ୍ୟବଧାନରେ ଝିଅକୁ ଦେଖିବାକୁ ଯଦି ସେ ଯାଏ ତାର ମାତୃତ୍ୱ ନିଶ୍ଚୟ ବନ୍ଧ ଡେଇଁବ। ଝିଅକୁ କୋଳାଗ୍ରତ କରିବାର ଅଭିଳାଷ ଝିଅକୁ ଦେଖିବା ମାତ୍ରେ ଉଦ୍ରେକ ହେବ। ସେଥିପାଇଁ ଶାଳିନୀ ଚାହେଁନି ଝିଅ ସହ ଭେଟ ହେବା ପାଇଁ।

କରୋନା ୱାର୍ଡରେ ରାତି କାଟିବା ବେଳେ ଶାଳିନୀ ବସି ଭାବୁଥାଏ ନୀଚ ଜାତିରେ ଜନ୍ମ ହୋଇଥିବାରୁ ଅନେକ ତାକୁ ହୀନ ଦୃଷ୍ଟିରେ ଦେଖନ୍ତି। ତା' ଝିଅ ରିତୁ ଅନ୍ୟ ପିଲାଙ୍କ ସହ ଖେଳିବାର ଦେଖିଲେ ମଧ୍ୟ ଅନେକ କଥା ଶୁଣାନ୍ତି ଆପାର୍ଟମେଣ୍ଟରେ ରହୁଥିବା ଲୋକମାନେ। ପିଲା ଲୋକ ସେ ବା କାହିଁ ବୁଝିବ ଲୋକମାନଙ୍କର ମାନସିକତା। କାନ୍ଦି କାନ୍ଦି ସବୁ କଥା ମୋ ଆଗରେ କୁହେଁ। ମୁଁ ବି ବିଚାରି କଣ କହି ଆଶ୍ୱାସନା ଦେବି ଜାଣିପାରେନି।

ଏବେ ଏହି କରୋନା ଯୋଗୁ ସବୁଆଡେ ଲକ୍‌ଡାଉନ୍। କେହି ବାହାରକୁ ଯାଉନଥିବେ। ସମସ୍ତେ ନିଜ ନିଜ ଘରେ ବନ୍ଦୀ। ପିଲାଙ୍କର ଖେଳା ବୁଲା ବି ବନ୍ଦ। ଯିଏ ଯାହା ଘରେ ନିଜ ନିଜର ପରିବାର ସହ। ଏବେ କେହି ସୁଯୋଗ ପାଉନଥିବେ ରିତୁର କଅଁଳ କୋମଳ ହୃଦୟକୁ ଆଘାତ କରିବାକୁ। ସେ ଯାହା ହେଉ ପ୍ରତ୍ୟେକ ଦିନ ରିତୁର ସେଇ ଅଭିଯୋଗ ଆଉ ଲୋକମାନଙ୍କର କଟୁକଥାରୁ ତ୍ରାହି ମିଳିଲା।

ଏହିଭଳି ଶାଳିନୀ ଭାବୁ ଭାବୁ ଫୋନ ରିଙ୍ଗ ହେଲା। ଆରେ, ଏତେ ରାତିରେ ରିତୁ ବାପାଙ୍କ ଫୋନ। ବ୍ୟସ୍ତ ବିବ୍ରତ ହୋଇ ଫୋନ ରିସିଭ କରିବା ମାତ୍ରେ ସେପଟୁ ରିତୁର ବିକଳ କ୍ରନ୍ଦନ। କାନ୍ଦି କାନ୍ଦି ରିତୁ କହୁଛି, ମାଆ ତୁମେ କେବେ ଆସିବ? ମୋର ବହୁତ ମନେ ପଡୁଛି ତୁମ କଥା। କାଲି ଯଦି ନ ଆସ ତେବେ ମୁଁ ଚାଲିଯିବି ଡାକ୍ତରଖାନା। ଝିଅର ବୁକୁଫଟା କାନ୍ଦ ଶୁଣି ନିଜକୁ ଆଉ ସମ୍ଭାଳି ପାରିଲାନି। ହଁରେ ମାଆ ମୁଁ କାଲି ନିଶ୍ଚୟ ଯିବି ତତେ ଦେଖିବାକୁ। ଆଉ କିଛି କହିନପାରି ଫୋନ ରଖିଦେଲା ଶାଳିନୀ।



ସକାଳ ହେବାରୁ ଶାଳିନୀ ଡାକ୍ତରଙ୍କୁ କହି ଗୋଟେ ଘଣ୍ଟା ପାଇଁ ଘରକୁ ଯିବାକୁ ଅନୁମତି ନେଇ ଗଲା। ସେହି ୟୁନିଫର୍ମ, ଗ୍ଲୋବସ୍, ମାସ୍କ ପିନ୍ଧି ହିଁ ଯିବାକୁ ପଡିଲା ଶାଲନୀକୁ। ସ୍କୁଟିରେ ଆସୁଥିବା ସମୟରେ ଶାଲୀନିକୁ ଲୋକମାନେ ପୁଷ୍ପ ବୃଷ୍ଟି କରୁଥାନ୍ତି। ଶାଲୀନିକୁ ବହୁତ ଖୁସି ଲାଗୁଥିଲା ହୀନ ଦୃଷ୍ଟିରେ ଦେଖିଥିବା ଲୋକମାନଙ୍କର ପରିବର୍ତ୍ତନକୁ ଦେଖି। ବାଲକୁନିରେ ଠିଆ ହୋଇଥିଲେ ରିତୁ ଆଉ ତା' ବାପା। ଶାଲିନୀକୁ ଦୂରରୁ ଆସୁଥିବାର ଦେଖି ରିତୁ ଧାଇଁଲା ବିଲ୍ଡିଙ୍ଗ ବାହାରକୁ। ପଛେ ପଛେ ଧାଇଁଥାନ୍ତି ରିତୁର ବାପା। ରିତୁ ତଳକୁ ଆସି ୱାଚମ୍ୟାନ୍‌କୁ ଗେଟ୍ ଖୋଲିବାକୁ କହିଲା କିନ୍ତୁ ସେ ଖୋଲିଲା ନାହିଁ। ରିତୁ ଗେଟକୁ ଧରି ବହୁତ କାନ୍ଦିଲା। ରିତୁକୁ ପଛ ପାଖରୁ ଧରିଥାନ୍ତି ତା' ବାପା। ଗେଟ୍ ବାହାରେ ଶାଳିନୀ ପାଟିକରି କହୁଥାଏ ନା, ଲୋ ମାଆ ମୋ ପାଖକୁ ଆସେନା, ମତେ ଛୁଏଁନା। ବହୁତ ଜଲ୍‌ଦି ମୁଁ ଘର ଭିତରକୁ ଯିବି। କିନ୍ତୁ ଏ ରୋଗ ଆଉ ମୋ ବୃତ୍ତି ପାଇଁ କିଛି ଦିନ ତତେ ମୋ ଠାରୁ ଅଲଗା ରହିବାକୁ ପଡିବ। ଶାଳିନୀ ଆଖିର ତତଲା ଲୁହରେ ମାସ୍କ ଭିଜୁଥିଲା। ରିତୁର ବାପା ମଧ୍ୟ ରିତୁକୁ ଅନେକ ବୁଝେଇଲେ। ସୁନା ଝିଅ ମଧ୍ୟ ସବୁ ବୁଝିଗଲା ପରି ଶାଳିନୀ ଉଦ୍ଦେଶ୍ୟରେ ପବନରେ ଚୁମ୍ବନଟି ଆଙ୍କିଦେଲା। ଶାଳିନୀ ଫେରିଗଲା ତା' କର୍ମସ୍ଥଳକୁ। ରିତୁ ତା' ବାପା ପିଠିରେ ଲାଉ ହୋଇ ଚାଲିଗଲା ଘରକୁ।

କିନ୍ତୁ ରିତୁ ମନରେ ଗୋଟିଏ ପ୍ରଶ୍ନ ଖେଳୁଥିଲା। ପ୍ରଶ୍ନର ଉତ୍ତର ଜାଣିବା ପାଇଁ ସେ ତା' ବାପାକୁ ପଚାରିଲା, ବାପା ଆଜି ଆମ ବିଲ୍ଡିଙ୍ଗ ଆଉ ପାଖ ବିଲ୍‌ଡିର ସବୁ ଅଙ୍କଲ, ଆଣ୍ଟି କ'ଣ ପାଇଁ ମାଆ ଉପରକୁ ଫୁଲ ଫିଙ୍ଗୁଥିଲେ? ସେମାନେ ତ ମା'କୁ ପସନ୍ଦ କରନ୍ତିନି। ରିତୁର ବାପା ଟିକିଏ ହସି କହିଲେ, ତୋ ମାଆକୁ ସମସ୍ତେ ଏବେ ବହୁତ ଭଲ ପାଉଛନ୍ତି। ସେ ଅନେକ ଲୋକଙ୍କୁ ସେବା କରି କରୋନାରୁ ଆରୋଗ୍ୟ କରିଛି ସେଥିପାଇଁ। କଥା ନ ସରୁଣୁ ରିତୁ କହିଲା, ହଁ ବାପା ଠିକ୍ ତୁମେ ଯେମିତି ଅଳିଆ ଉଠେଇବା ଚାଚାଙ୍କ ସହ ମୁଁ କଥା ହୁଏ ଆଉ ସେ ମତେ ଚକଲେଟ ଦିଅନ୍ତି ବୋଲି ତାଙ୍କୁ ରାଗିକି ଅନେକ କଥା କୁହ। ମତେ ଜୋର କରି ଘର ଭିତରକୁ ନେଇ ଆସ। ଆଉ ଏଇ କିଛିଦିନ ତଳେ ତାଙ୍କ ସହ ହସି ହସି କଥା ହୋଇ ଶହେ ଟଙ୍କିଆ ନୋଟଟି ହାତକୁ ବଢ଼େଇଦେଲ। ରିତୁର କଥା ଶୁଣି ତା' ବାପା ତାକୁ କୋଳକୁ ଟାଣି ଆଣି ସାମାନ୍ୟ ହସି ମନେ ମନେ ଭାବୁଥାନ୍ତି ସତରେ, ଏ କରୋନା କେତେ ପରିବର୍ତ୍ତନ ଆଣିଦେଲା।

***ଶିକ୍ଷୟିତ୍ରୀ, ଖୋର୍ଦ୍ଧା***

# ମୁକୁଳା ପଡ଼ିଛି ସରକାରୀ ବିହନ ବିଶୋଧନାଗାର

**ଭଦ୍ରକ,(ବିକାଶ କୁମାର ଧଳ) :** ନା ଅଛି ସ୍ଥାୟୀ ପାଚେରୀ, ନା ଅଛି ବଡ଼ ଲୁହା ଫାଟକ,ନା ଅଛନ୍ତି କର୍ମଚାରୀ, ନା ତିଷ୍ଠି ରହି ପାରିଛି ପ୍ରତିଷ୍ଠା ବେଳର ସୁବିଧା ସୁଯୋଗ ତଥାପି ଚାଲିଛି ସରକାରୀ ବିହନ ବିଶୋଧନାଗାର । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଂଚାୟତ ଅର୍ନ୍ତଗତ ଶେଉଳଗଡ଼ିଆ ସରକାରୀ ବିହନ ବିଶୋଧନାଗାର ଠାରେ । ସୂଚନା ଅନୁଯାୟୀ: ବନ୍ତ ବ୍ଲକ ଏକ କୃଷି ପ୍ରାଧାନ୍ୟ ଅଂଚଳ ହୋଇଥିବାରୁ ଏହାକୁ ଆଖି ଆଗରେ ରଖି ସରକାର ୧୯୫୫ ମସିହାରେ ଉକ୍ତ ବ୍ଲକ ବ୍ଲକ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ଶେଉଳଗଡ଼ିଆ ଠାରେ ଏକ ବିହନ ବିଶୋଧନାଗାର ପ୍ରତିଷ୍ଠା କରିଥିଲେ । ୪୫ ଏକର ପରିମିତ ଜମି ସହ ଫିଲ୍ଡମ୍ୟାନ, ୪ ଜଣ ସ୍ଥାୟୀ ଶ୍ରମିକ ଓ ୮ଟି ବଳଦକୁ ନେଇ କାର୍ଯ୍ୟାରମ୍ଭ କରିଥିଲା ଏହି ବିଶୋଧନାଗାର । ପାଣିର ସୁବିଧା ପାଇଁ ୨ଟି କୂଅ, ନଳକୂପ, ଲିଫ୍ଟପଏଣ୍ଟ,୫ଏକର ପରିମିତ ସ୍ଥାନରେ ପୋଖରୀ ଆଦି ଖୋଳା ଯାଇଥିଲା । ଏହା ମଧ୍ୟରେ ଆମ୍ବ ଓ ନଡ଼ିଆ ପରି ଅନେକ ଚରା ରୋପଣ କରାଯାଇଥିଲା । ବିଶୋଧନାଗାର ଚରି ପାଖକୁ ଲୁହା ତାର ବାଡ଼ ଦ୍ୱାରା ଆବଦ୍ଧ କରାଯିବା ସହ କର୍ମଚରୀଙ୍କ ପାଇଁ କ୍ୱାର୍ଟର ଓ ବଳଦଙ୍କ ପାଇଁ ଗୁହାଳଘର ଆଦି ନିର୍ମାଣ କରାଯାଇଥିଲା । ଇତି ମଧ୍ୟରେ ୬୫ ବର୍ଷ ବିତି ଯାଇଛି ଓ ଏହାର ରୂପରେଖରେ ବହୁ ପରିବର୍ତ୍ତନ ଆସିଛି । ପ୍ରବେଶ ପଥରେ ଥିବା ବଡ଼ ଲୁହା ଫାଟକ ଆଉ ନାହିଁ କି ପୂର୍ବରୁ ଲୁହା ତାର ବାଡ଼ ଦ୍ୱାରା ଆବଦ୍ଧ ପରିବେଶବି ନାହିଁ । ତାର ବାଡ଼ ସବୁ ନଷ୍ଟ ହୋଇଯିବା ଦ୍ୱାରା ପରିବେଶ ମୁକୁଳା ପଡ଼ିଛି । କିଛି ଅଂଶରେ ପାଚେରୀ ନିର୍ମାଣ କରାଯାଇଥିଲେ ସୁଦ୍ଧା ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ପାଲଟିଛି ଯଦ୍ୱାରା ଗୋରୁ ଗାଇ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଘଟୁଛି । ଏଠାରେ ନର୍ସରୀ ବନ୍ଦ ହୋଇଯିବା ଫଳରେ ଆଉ ଚରା ଉତ୍ପାଦନ ହୋଇପାରୁ ନଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ନଡ଼ିଆ ଓ ଆମ୍ବ ଆଦି ଉତ୍ପାଦନ ପୁରାପୁରି ହ୍ରାସ ପାଇଛି । ଲିଫ୍ଟପଏ , କୂଅ ଓ ଟ୍ୟୁବୱେଲ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । କର୍ମଚରୀ କ୍ୱାର୍ଟର, ଗୁହାଳ ଘର ଆଦି ପରିତ୍ୟକ୍ତ ଅବସ୍ଥାରେ ରହିଛି । ବିହନ ବିଶୋଧନାଗାରର ମୁଖ୍ୟ ଆଭିମୁଖ୍ୟ ହେଲା ଧାନକୁ ପ୍ରେସେସିଂ କରାଯାଇ ବିହନକୁ ଚଷୀମାନଙ୍କୁ ଦିଆଯିବା । କିନ୍ତୁ ବିଭିନ୍ନ ପରିପାର୍ଶ୍ୱିକ ପରିସ୍ଥିତି ଯୋଗୁଁ ପୂର୍ବରୁ ପାଖାପାଖି ୧ ହଜାର କ୍ୱିଣ୍ଟାଲ ଫାଉଣ୍ଡେସନ ବିହନ ସଂଗ୍ରହ କରାଯାଉଥିବା ବେଳେ ବର୍ତ୍ତମାନ ମାତ୍ର ୫ ଶହ କ୍ୱିଣ୍ଟାଲ ଫାଉଣ୍ଡେସନ ବିହନ ସଂଗ୍ରହ କରିବା କଷ୍ଟକର ହୋଇପଡୁଛି । ବର୍ତ୍ତମାନ ୧ଟି ଟ୍ରାକ୍ଟର, ୧ଟି ଧାନ କଟା ରିପର, ଧାନ ଅମଳ ପାଇଁ ଏକଟି ପ୍ରାଚି ଓ ବିଷ ଛିଞ୍ଚଣ ଯନ୍ତ୍ର ସହ ଜଣେ କୃଷି ଓଭରସିୟରଙ୍କୁ ନେଇ ଚଲିଛି ଏହି ବିହନ ବିଶୋଧନାଗାର । ଟ୍ରାକ୍ଟରଟିଏ ଥିଲେ ସୁଦ୍ଧା ଏହାକୁ ଚଲାଇବା ପାଇଁ ସ୍ଥାୟୀ ଚାଳକଟିଏ ନାହିଁ । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଇତି ମଧ୍ୟରେ ବିଭାଗ ଦ୍ୱାରା କର୍ମଚରୀ କ୍ୱାର୍ଟର ନିର୍ମାଣ କରାଯାଇଥିବା ବେଳେ ସୋଲାର ଲାଇଟର ବନ୍ଦୋବସ୍ତ କରାଯାଇଛି । ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୋଖରୀ ସହ ୫ ଏକର ପରିମିତ ଜାଗାରେ ଗେଣ୍ଡୁ ଚଷ ଓ ନାନାଦି ପନିପରିବା ଚଷ କରିବାର ପାଇଁ ଅନୁମତି ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଚଳିତବର୍ଷ ୩୫ ଏକର ଜମିରେ ଧାନ ଚଷ କରାଯାଇଥିବାରୁ ଏହାର ଚରିପଟରେ ସୁରକ୍ଷା ପାଚେରୀ ନଥିବାରୁ ଅମଳରେ କ୍ଷୟକ୍ଷତି ଘଟିବା ଆଶା କରାଯାଉଥିବାରୁ ସ୍ଥାୟୀ ପାଚେରୀ ନିର୍ମାଣ ଜରୁରୀ ହୋଇପଡୁଛି । ଏହି ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ପାଚେରୀ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଯାଇଛି ଓ ପର୍ଯ୍ୟାୟ କ୍ରମେ ଏହା ନିର୍ମାଣ ହେବ ବୋଲି ସୂଚନା ଦେଇଥିଲେ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାସନ ...

ପାଣ୍ଡିଆନଙ୍କ ଚକ୍ରବ୍ୟୁହରେ ଫସି ଯାଇଥିଲା । ୨୦୦୦ ବ୍ୟାଚ୍‌ର ଏହି ଆଇଏଏସ୍ ଅଫିସର ଜଣଙ୍କ ସବୁବେଳେ ଉଭୟ ଶାସକ ଓ ବିରୋଧୀ ଦଳ ମାନଙ୍କ ପାଇଁ ବିତର୍କ ଓ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ ବି ଜନସାଧାରଣଙ୍କ ପାଇଁ ସେ ସର୍ବାଧିକ ପ୍ରଭାବଶାଳୀ ଅଧିକାରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଲେଣି । ୫-ଟି ସଚିବ ଭାବେ ଗୁରୁ ଦାୟିତ୍ୱ ଗ୍ରହଣ କରି ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ ତାଙ୍କର ଚର୍ଚ୍ଚା ହେଉଛି । ଚା' ଦୋକାନ ହେଉ କି ପାନ ଦୋକାନ ଯେଉଁଠି ବି ରାଜ୍ୟ ରାଜନୀତିର କଥା ଉଠେ ସେଠାରେ ପାଣ୍ଡିଆନଙ୍କ ପ୍ରସଙ୍ଗ ହିଁ ମୁଖ୍ୟ ପ୍ରସଙ୍ଗ ଭାବେ ଆଲୋଚନା ହୋଇଥାଏ । ରାଜନୈତିକ ସ୍ତରରେ ତାଙ୍କୁ ନେଇ ଚାଲୁଥିବା ବିବାଦ, ନିନ୍ଦା, ଅପବାଦ ଓ ତୃତୀୟ ମହଲା ଘଟଣାକୁ ନେଇ ସେ କେବେ ମନ ଉଣା କରିନାହାଁନ୍ତି କି ଗଣମାଧମ ଆଗରେ ନିଜତ ମତ ପ୍ରକାଶ କରୁନାହାଁନ୍ତି । ସମସ୍ତ ପ୍ରକାର ବାଧାବିଘ୍ନ ଓ ଧୂଳିଝଡର ଶିକାର ହେଉଥିଲେ ବି ଖୁବ୍ ନିର୍ଭରଶୀଳ ପ୍ରଶାସକ ଭାବେ ରାଜନୈତିକ ବିଶେଷଜ୍ଞଙ୍କ ମହଲରେ ଆଲୋଚିତ ହେଉଛନ୍ତି । ଏପରିକି ଦୁର୍ନୀତିଗ୍ରସ୍ତ ଅଫିସର ଓ କର୍ମଚାରୀ ମାନଙ୍କ ପାଇଁ ଶ୍ରୀ ପାଣ୍ଡିଆନ୍‌ଙ୍କ ପ୍ରଭାବୀ କାର୍ଯ୍ୟଧାରା କୋକୁଆ ଭୟ ସୃଷ୍ଟି କରିଛି । ଆଜିଯାଏ କୌଣସି ରାଜନୈତିକ ଦଳ କ୍ଷମତାରେ ଥିବାବେଳେ ବି ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କ ଉପରେ ଲଗାମ ଲଗାଇ ପାରୁନଥିବାବେଳେ ୫-ଟି ସଚିବଙ୍କ ନିର୍ଦ୍ଦେଶ ଫଳରେ ଆଜିପର୍ଯ୍ୟନ୍ତ କେତେକ ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଫିସରଙ୍କୁ ଚାକିରିରୁ ବାଧ୍ୟତା ମୂଳକ ଅବସର ଦେବା ଓ ବରଖାସ୍ତ କରିବା ଘଟଣା ପାଇଁ ସାରା ରାଜ୍ୟରେ ଏକପ୍ରକାର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ପାଣ୍ଡିଆନ । ଏଥିସହିତ ଆଇଏଏସ୍, ଓଏଏସ୍ ଅଧିକାରୀମାନେ ଜିଲ୍ଲା ଗସ୍ତ କରି ଆହାର କେନ୍ଦ୍ର ମାନଙ୍କୁ ପରିଦର୍ଶନ କରିବା ସହିତ ତାହାର ସଠିକ୍ ମାନ ନିରୂପଣ କରି ରିପୋର୍ଟ ଦେବାକୁ ବି ନିର୍ଦ୍ଦେଶ ପ୍ରଦାନ କରାଯାଉଛି । ଯେଉଁଥିପାଇଁ ଅପାରଗ ପ୍ରଶାସନିକ ଅଧିକାରୀମାନେ ଛାନିଆ ହୋଇପଡିଛନ୍ତି । ସେହିପରି ଆର୍‌ଟିଓ କାର୍ଯ୍ୟାଳୟ ମାନଙ୍କରେ ଦଲାଲରାଜ ଏକ ପ୍ରକାର ବନ୍ଦ ହୋଇଗଲାଣି । ଶ୍ରୀକ୍ଷେତ୍ରକୁ ନୂଆ ରୂପ ଦେବାରେ ହେଉ କି ରାଜଧାନୀକୁ ସ୍ମାର୍ଟସିଟି କରିବାରେ ପାଣ୍ଡିଆନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ନିକଟରେ ମୁଖ୍ୟମନ୍ତ୍ରୀ ଡ୍ରାଇଭର ସିଟ୍‌ରେ ବସି ସେ ନିଜର ଆଉ ଏକ ପରିଚୟ ସୃଷ୍ଟି କରିବା ସହିତ ବିଶ୍ୱସନୀୟତା ପ୍ରମାଣ ଦେଇଥିଲେ । ଯାହାକି ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଥିଲା । ଏ ସମସ୍ତ ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି ଯେ ୫-ଟି ସଚିବଙ୍କ କାର୍ଯ୍ୟଧାରା ଏକ ସ୍ୱଚ୍ଛ ଓଡ଼ିଶା ଗଠନ କରିପାରିବ ।

### ସୁସ୍ଥ ରୋଗୀ ...

ହେବାର ଆଶଙ୍କା ରହିଛି । ତେଣୁ ରୋଗୀଙ୍କ ପାଖରେ ଯେତିକି କମ ସମୟ ରହିବେ, ସେତିକି ଭଲ । ଆକ୍ରାନ୍ତମାନେ ବିଶେଷ କରି ଶିଶୁ, ବରିଷ୍ଠ ନାଗରିକ ଓ ଗର୍ଭବତୀଙ୍କ ପାଖକୁ ଯାଆନ୍ତୁ ନାହିଁ । ଆକ୍ରାନ୍ତଙ୍କ ପାଖକୁ କେବଳ ପରିବାରର ଜଣେ ମାତ୍ର ଲୋକ ରୋଗୀଙ୍କ କୋଠରୀକୁ ଯିବା ଦରକାର । କିନ୍ତୁ ସେମାନେ ମାସ୍କ ଓ ଗ୍ଲୋଭସ ପିନ୍ଧିବା ଦରକାର । ସେ ଆହୁରି ମଧ୍ୟ କହିଛନ୍ତି ଯେ ଯେଉଁମାନେ ହୃଦରୋଗ, ମଧୁମେହ, କିଡ଼ନି ସହିତ ଅନ୍ୟ ରୋଗରେ ପୀଡ଼ିତ ଅଛନ୍ତି, ସେମାନେ ହୋମ ଆଇସୋଲେସନରେ ରହିପାରିବେ ନାହିଁ । ସେମାନେ କୋଭିଡ ହସ୍ପିଟାଲ ଅଥବା ଉତ୍ସର୍ଗୀକୃତ କୋଭିଡ ହସ୍ପିଟାଲରେ ରହି ଚିକିତ୍ସିତ ହେବେ । ଗୁରୁତର ରୋଗୀଙ୍କୁ କୋଭିଡ୍ ହସ୍ପିଟାଲରେ ରହିବାକୁ ପରାମର୍ଶ ଦିଆଯାଉଛି । ନାକ ବନ୍ଦ ହେବା, କାଶ ହେବା, ଛାତି ଧକଧକ ହେଲେ, ମୁଣ୍ଡବିନ୍ଧା ହେବା, ଧଇଁସଇଁ ଲାଗିଲେ ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରନ୍ତୁ । ସେହିପରି ରୋଗୀ ହୋମ ଆଇସୋଲେସନରେ ଥିବା ବେଳେ ସ୍ୱତନ୍ତ୍ର କିଟ୍ ଦିଆଯାଉଛି । ଏଥିରେ ଭିଟାମିନ-ବି, ଭିଟାମିନ-ସି, ଭିଟାମିନ-ଡି, ପାରାସିଟାମଲ, ଆଣ୍ଟିବାୟୋଟିକ ରହୁଛି । ଏଥିରେ ଏକ ସୂଚନା ଭିତ୍ତିକ ଚାର୍ଟ ରହୁଛି, ଯାହାକି ରୋଗୀ ଅସୁବିଧା ଅନୁଭବ କଲେ ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରି ଅଧିକ ପରାମର୍ଶ ନେଇପାରିବେ ।

### ନିର୍ବାଚନୀ ସଭାରେ ...

ଭୋଟ୍ ବ୍ୟବଧାନରେ ହାରି ଯାଇଥିଲେ । ଶୁକ୍ରବାର ମିନ୍ନେସୋଟାରେ ଏକ ନିର୍ବାଚନ ପ୍ରଚାର ଶୋଭାଯାତ୍ରାରେ ଯୋଗଦେଇ ଟ୍ରମ୍ପ କହିଥିଲେ,'ଆପଣମାନେ ଜାଣିଥିବେ ନିଶ୍ଚୟ, ଉଦ୍ବ୍ୟକ୍ତ ଆନ୍ଦୋଳନକାରୀମାନେ ପ୍ରଥମେ ଆବ୍ରାହାମ ଲିଙ୍କନଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଲେ । ମୁଁ ସେମାନଙ୍କୁ ଟିକେ ଅପେକ୍ଷା କରିବାକୁ କହିଲି । ମାତ୍ର ସେମାନେ ଜର୍ଜ ୱାଶିଂଟନ୍‌ଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାରୁଜା କରିଥିଲେ । ତା'ପରେ ପରେ ଥମାସ୍ ଜେଫେରସନ୍‌ଙ୍କ ପ୍ରତିମୂର୍ତ୍ତିକୁ ଛାଡ଼ି ନଥିଲେ । ଶେଷକୁ ଅଜ୍ଞାତ ଲୋକମାନେ ଶାନ୍ତିର ଦୂତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାରୁଜା କରି ଚାଲିଗଲେ । ଶାନ୍ତି ଓ ଅହିଂସାର ପୂଜାରୀ ମହାତ୍ମାଙ୍କ ପ୍ରତି ସେମାନେ ଏଭଳି ଆଚରଣ କରିବେ ବୋଲି ମୁଁ କେବେ ଆଶା କରିନଥିଲି । ମୁଁ ଭାବୁଛି, ମହାତ୍ମାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିଥିବା ଅଜ୍ଞାତ ଲୋକମାନେ ନିଶ୍ଚିତ ରୂପେ ଗୁଣ୍ଡା ହୋଇଥିବେ ।' ପ୍ରବଳ କରତାଳି ଭିତରେ ଟ୍ରମ୍ପ କହିଥିଲେ ଯେ ସେ ଗାନ୍ଧୀ ପ୍ରତିମୂର୍ତ୍ତିକୁ ଭାଙ୍ଗିଥିବା ଅପରାଧୀଙ୍କ ପାଇଁ ୧୦ ବର୍ଷ ଜେଲଦଣ୍ଡ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିଛନ୍ତି । ଏବେ କୌଣସି ବ୍ୟକ୍ତି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ମହାତ୍ମା ଗାନ୍ଧୀଙ୍କ ଭଙ୍ଗାରୁଜା ପ୍ରତିମୂର୍ତ୍ତି ଏବେ ଭାରତୀୟ ଦୂତାବାସ ପରିସରରେ ସାଇତା ହୋଇ ରଖାଯାଇଛି । ଚାରିମାସ ତଳେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଲୋକଙ୍କୁ ଟ୍ରମ୍ପ 'ପାଗଳ' ସଙ୍ଗେ ତୁଳନା କରି ସେମାନେ କୌଣସି ପ୍ରତିମୂର୍ତ୍ତି ଓ ଐତିହାସିକ ଅସ୍ତିତ୍ୱକୁ ଅଭଙ୍ଗା ରଖିନାହାନ୍ତି ବୋଲି କହିଛନ୍ତି । ଏହି ଅବସରରେ ଟ୍ରମ୍ପ ବିରୋଧୀ ଦଳକୁ ମଧ୍ୟ ଛାଡ଼ିନାହାନ୍ତି । ବିରୋଧୀ ଦଳର ଭୂମିକାକୁ ସମାଲୋଚନା କରି ଟ୍ରମ୍ପ କହିଛନ୍ତି, 'ସେମାନେ ନିଜେ ସବୁ ଗଢୁଛନ୍ତି ଓ ପରେ ଭାଙ୍ଗୁଛନ୍ତି । ଠିକ୍ ମଧ୍ୟପ୍ରାଚ୍ୟରେ ଆଇଏସ୍ ଆତଙ୍କୀ ସଂଗଠନ ଯେପରି ହୀନମନ୍ୟତା ପୋଷଣ କରିଛି । ସେମାନେ ଆମର ଅତୀତକୁ ନଷ୍ଟ କରିବାକୁ ବସିଛନ୍ତି । ମୁଁ ଥିବା କପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାର ଗୌରବକୁ ମାଟିରେ ମିଶିବାକୁ ଦେବିନାହିଁ ।

### ଓଡ଼ିଶା ସମେତ ...

ଆସନ୍ତା ୨ ମାସ ମଧ୍ୟରେ ଓଡ଼ିଶା, ତେଲେଙ୍ଗାନା ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ସେମାନଙ୍କ ଚିନ୍ତା ଦୂରକରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏହି ଆଲୋଚନାବେଳେ ଉପରମୁଣ୍ଡରେ ଥିବା ରାଜ୍ୟ ତେଲେଙ୍ଗାନା, ଛତିଶଗଡ଼ ଓ ଓଡ଼ିଶା ସରକାର ନିଜ ନିଜର ଚିନ୍ତା ଜଣାଇବେ । ଏସବୁ ଚିନ୍ତା ଦୂର କରିବାର ସମାଧାନ ଆନ୍ଧ୍ରପ୍ରଦେଶ ସରକାର ଓ ପିପିଏ ଉପରୋକ୍ତ ୩ ରାଜ୍ୟକୁ ଜଣାଇବା ସହ ଆଲୋଚନାର ନିଷ୍କର୍ଷକୁ ଏନ୍‌ଜିଟି ପାଖରେ ଦାଖଲ କରିବେ । ତେବେ ଏହି ମାମଲାକୁ ସୁପ୍ରିମକୋର୍ଟ ସ୍ଥାନାନ୍ତରଣ ଆବେଦନକୁ ଟ୍ରିବ୍ୟୁନାଲ ଖାରଜ କରିଦେଇଛନ୍ତି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ଏହି ପ୍ରକଳ୍ପ ସମ୍ପର୍କରେ ନିଜର ରିପୋର୍ଟ ଦେବାକୁ ଗଠିତ ୪ ଜଣିଆ ବିଶେଷଜ୍ଞ କମିଟି ଗତ ୮ ତାରିଖରେ ନିଜର ରିପୋର୍ଟ ଦାଖଲ କରିଥିଲେ । କମିଟି ପକ୍ଷରୁ ୯ଟି ସୁପାରିଶ ଦାଖଲ କରାଯାଇଥିବା ବେଳେ ସେଥିମଧ୍ୟରୁ ୮ଟି ସୁପାରିଶକୁ ଏନ୍‌ଜିଟି ଗ୍ରହଣ କରିଥିବା ଜଣାପଡ଼ିଛି । ସୁପାରିଶଗୁଡ଼ିକ ମଧ୍ୟରେ ଅନ୍ତଃରାଜ୍ୟ ରାଜିନାମା ଅନୁସାରେ ପୋଲାଭରମ୍ ଅଥରିଟି କାମ କରିବା, ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲ ଦେଇଥିବା ୧୯୮୦ ରାୟକୁ ମାନିବା, ଜଳ ମଗ୍ନ ହେଉଥିବା ଅଞ୍ଚଳର ଅନୁଧ୍ୟାନ କରିବା ପ୍ରଭୃତି ରହିଛି । ସେହିପରି ପ୍ରକଳ୍ପର ବ୍ୟାକ୍ ୱାଟର୍ କ୍ଷତି, ପ୍ରକଳ୍ପ ଯୋଗୁଁ ଏହାର କୌଣସି କୁପ୍ରଭାବ ପଡ଼ିଲେ ଏଥିପାଇଁ ଆନ୍ଧ୍ର ସରକାରଙ୍କ ଜଳ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ ପ୍ରସ୍ତାବକୁ ଏନ୍‌ଜିଟି ଗ୍ରହଣ କରିଛନ୍ତି । ଅନ୍ୟପକ୍ଷରେ ପ୍ରକଳ୍ପ ନେଇ ତେଲେଙ୍ଗାନା, ଓଡିଶା, ଆନ୍ଧ୍ର, ଛତିଶଗଡ଼ ଉଭୟ ଆଲୋଚନା କରିବା ସହ ଓଡ଼ିଶାର କ୍ଷତିଗ୍ରସ୍ତ ହେବାକୁ ଥିବା ୬୩୧୬ ଲୋକଙ୍କୁ ଥଇଥାନ ପାଇଁ ବିଶେଷଜ୍ଞ କମିଟି ପରାମର୍ଶ ଦେଇଥିବା ବେଳେ ଏନ୍‌ଜିଟି ତାହାକୁ ଗ୍ରହଣ କରିଛନ୍ତି ।

### ବର୍ଦ୍ଧିତ ସଂକ୍ରମଣ ...

ଆକଳନରେ ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପିରେ ୯ ପ୍ରତିଶତ ହ୍ରାସ ଘଟିବ ବୋଲି କୁହାଯାଇଥିଲା ବେଳେ ଅର୍ଗାନାଇଜେସନ ଫର୍ ଇକୋନୋମିକ୍ କୋ ଅପରେସନ ଆଣ୍ଡ ଡେଭଲପମେଣ୍ଟ ଭଳି ଅନ୍ୟତମ ବିଶ୍ୱସ୍ତରୀୟ ସଂଗଠନ ପକ୍ଷରୁ ଏହି ହାର ବିଯୁକ୍ତାତ୍ମକ ଭାବେ ୧୦.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା । ତେବେ ଆନ୍ତର୍ଜାତିକ ରେଟିଂ ଏଜେନ୍ସି ଗୋଲ୍ଡମ୍ୟାନ ସାକ୍ସ ପକ୍ଷରୁ ସଦ୍ୟ ପ୍ରକାଶିତ ଆକଳନଭିତ୍ତିକ ରିପୋର୍ଟରେ ଯେଉଁ ଆକଳନ କରାଯାଇଛି ତା' ଭାରତୀୟ ଅର୍ଥନୀତି ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଉଦ୍‌ବେଗଜନକ । ବିଭିନ୍ନ କ୍ଷେତ୍ରର ଅଭିବୃଦ୍ଧି ହ୍ରାସକୁ ନେଇ ଚଳିତବର୍ଷ ଜିଡିପିରେ ୧୪.୮ ପ୍ରତିଶତ ହ୍ରାସ ଘଟିବ ବୋଲି ଏହି ରିପୋର୍ଟରେ କୁହାଯାଇଥିଲା ବେଳେ ଏହାକୁ ନେଇ ବିଭିନ୍ନସ୍ତରରେ ଚିନ୍ତାପ୍ରକଟ କରାଯାଇଛି । କରୋନା ସଂକ୍ରମଣକୁ ନେଇ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଲକ୍‌ଡାଉନ୍ ଜାରି କରାଯାଇଥିଲେ ହେଁ ଭାରତରେ ଲକ୍‌ଡାଉନ୍‌ର ଅବଧି ସବୁଠୁ ଅଧିକ ରହିଛି । କିନ୍ତୁ ସଂକ୍ରମଣକୁ ନିୟନ୍ତ୍ରଣ କରାଯିବାରେ ସେଭଳି ସଫଳତା ହାସଲ କରାଯାଇପାରି ନାହିଁ । ଗତ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ଲକ୍‌ଡାଉନ୍ ଭାରତ ଭଳି ଏକ ସର୍ବାଧିକ ଜନବହୁଳ ରାଷ୍ଟ୍ରର ଅର୍ଥନୀତି ବ୍ୟବସ୍ଥା ପାଇଁ ଘାତକ ସଦୃଶ ହୋଇଥିଲା ବେଳେ ବାଣିଜ୍ୟ ବ୍ୟବସାୟ ଠାରୁ ଆରମ୍ଭ କରି ସାଧାରଣ ଯୋଗାଣ ଓ ଚାହିଦା ଶୃଙ୍ଖଳ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି । ଏହାବ୍ୟତୀତ ବିଶ୍ୱର କେତେକ ଭାଗରେ ବର୍ତ୍ତମାନ ସଂକ୍ରମଣର ଦ୍ୱିତୀୟ ପର୍ଯ୍ୟାୟ(ସେକେଣ୍ଡ ୱେଭ୍) ଆରମ୍ଭ ହୋଇଥିଲା ବେଳେ ଭାରତ ପ୍ରଥମ ପର୍ଯ୍ୟାୟ ସଂକ୍ରମଣରୁ ବର୍ତ୍ତିପାରିନଥିବା ଅର୍ଥନୀତି ବ୍ୟବସ୍ଥା ପ୍ରତି ବାଧକ ହୋଇଛି ବୋଲି ଆନ୍ତର୍ଜାତିକ ରେଟିଂ ସଂସ୍ଥା ଫିଚ୍‌ର ଭାରତୀୟ ସହଯୋଗୀ ଏଜେନ୍ସି ଇଣ୍ଡିଆ ରେଟିଂସ୍‌ର ପ୍ରମୁଖ ଅର୍ଥନୀତିଜ୍ଞ ସୁନୀଲ କୁମାର ସିହ୍ନା କହିଛନ୍ତି ।

### ତିର୍ତ୍ତୋଲ ...

କିନ୍ତୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଅସନ୍ତୁଷ୍ଟ ବିଜେଡି କର୍ମୀ ମାନଙ୍କୁ ଦଳ ପକ୍ଷରୁ ବୁଝାଇବାରେ ସକ୍ଷମ ହୋଇନଥିବାରୁ ବିଜେପି ପଲ୍ଲା ଭାରି ହେବାର ସମ୍ଭାବନା ସୃଷ୍ଟି ହେଲାଣି । ଜିଲ୍ଲାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଯଦିଓ ବିଜେଡିର ଦବ୍‌ଦବା ଥିଲା ତାହା ବର୍ତ୍ତମାନର ସାଂସଦଙ୍କ ବଡଭାଇ ପଣିଆ ଘଟଣା ଯୋଗୁ ସ୍ୱର୍ଗତ ଦାସଙ୍କ କର୍ମୀ ମାନଙ୍କୁ ଅଣଦେଖାକରି ନୂତନ ଏକ ପ୍ରାର୍ଥୀ ଚୟନ କରିବାକୁ ନେଇ ଉପନିର୍ବାଚନରେ ଏହାର ପ୍ରଭାବ ପଡିବାକୁ ଦେଖି ବିଜେପି ତାର ଗୋଟିଚାଳନା ଆରମ୍ଭକରି ବିଜେଡି ଶିବିରର ଅସନ୍ତୁଷ୍ଟ ମାନଙ୍କୁ ହାତକରି ଭୋଟ ହାତେଇ ନେବାପାଇଁ ଜଗତସିଂହପୁରର ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇଙ୍କୁ ଆଣି ପ୍ରଚାର ପ୍ରସାର ଆରମ୍ଭ କରିଥିବାର ଦେଖିବାକୁ ମିଳୁଥିବା ବେଳେ ୨୦୧୯ ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ବାଦ ଦେଇଥିବାର ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ଖବର ପ୍ରକାଶ ପାଉଛି । ଏସବୁ ଘଟଣାକୁ ଦେଖିଲେ ଯେପରି ଅସନ୍ତୁଷ୍ଟ ବିଜେଡି ନେତା ମାନଙ୍କ ହାତ ନାହିଁତ ବୋଲି ବିଜେପି ଶିବିରରେ ଚର୍ଚ୍ଚା ମଧ୍ୟ ଯୋର ଧରିଛି । ପୂର୍ବତନ ସାଂସଦ ତରାଇଙ୍କୁ ପ୍ରାର୍ଥୀ କରାଗଲେ ତାଙ୍କର ଦବ୍‌ଦବା ଉଭୟ ବିଜେଡି ଓ କଂଗ୍ରେସ ଶିବିର ଉପରେ ପ୍ରଭାବ ପଡିବା ସହିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀଟିରେ ପଦ୍ମ ପାଖୁଡା ଫୁଟିବାର ରାଜନୈତିକ ବିଶେଷଜ୍ଞମାନେ ଆଲୋଚନା କଲେଣି । ବିଜେଡି ଓ ବିଜେପିର ଅସନ୍ତୁଷ୍ଟଙ୍କୁ ଦେଖି ବହୁ ଦୁର୍ଦ୍ଦିନ ଅବସ୍ଥାରେ ଗତି କରୁଥିବା କଂଗ୍ରେସ ପରି ଏକ ଜାତୀୟ ଦଳ ମଧ୍ୟ ତାର ପୁରୁଣା ପ୍ରାର୍ଥୀକୁ ବଦଳାଇ ଆଉ ଏକ ନବାଗତ ଯୁବ ନେତା ହିମାଂଶୁ ଭୁଷଣ ମଲ୍ଲିକଙ୍କୁ ଆଣି ପ୍ରଚାର ପ୍ରସାର ଆରମ୍ଭ କରୁଥିବାର ଦେଖାଯାଉଛି । ଗତ ବନ୍ୟା ସମୟରେ ନବାଗତ ଶ୍ରୀ ମଲ୍ଲିକ ବିରିଡି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ବର୍ଷା ପାଣିରେ ବୁଡିରହିଥିବା ଦୁର୍ଦ୍ଦିନ ମାନଙ୍କୁ ମାସ୍କ, ସାନିଟାଇଜର ଓ ପଲିଥିନ ମାନ ବଣ୍ଟନ କରୁଥିବାବେଳେ ତାଙ୍କ ସହିତ ଦେଖିବାକୁ ମିଳିଥିଲା କଂଗ୍ରେସ ଦଳର ନାମିଦାମି ଟାଣୁଆ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ, କଂଗ୍ରେସ ଦଳ ଚାଷିନେତା ତଥା ପଛୁଆ ବର୍ଗ ସଭାପତି ଶରତ ଚନ୍ଦ୍ର ବାରିକ ଓ ରଘୁନାଥପୁର ବ୍ଲକର ସମସ୍ତଙ୍କ ପ୍ରିୟପାତ୍ର ତଥା କଂଗ୍ରେସ ନେତା ପ୍ରଭାସ ପଣ୍ଡା(ଜିଲୁ ନନା) ପ୍ରମୁଖ ବୁଲୁଥିବାବେଳେ ଏହି ନିର୍ବାଚନ ମଣ୍ଡଳୀର କିଛି ସୁନାମଧନ୍ୟ ଯୁବ ନେତୃତ୍ୱ ଗୋଷ୍ଠି ମାନେହିଁ ଦଳର ଭାବମୂର୍ତ୍ତିକୁ ଲୋକମାନଙ୍କ ପାଖରେ ପହଁଚାଇବା ପାଇଁ ଶ୍ରୀ ମଲ୍ଲିକଙ୍କୁ ସର୍ମଥନ କରି ପ୍ରଚାର ପ୍ରସାର କରିବା ସହିତ ବିଭିନ୍ନ ସ୍ଥାନରେ ବ୍ୟାନର ମାନ ମାରି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଏକ ନିଆରା ପରମ୍ପରା ସୃଷ୍ଟି କରୁଥିବାର ଦେଖାଯାଉଛି ।

## 'ନରେନ୍ଦ୍ର ମୋଦି ଅଦ୍ୱିତୀୟ ରାଷ୍ଟ୍ରନେତା'




**ଭୁବନେଶ୍ୱର :** ଭାରତବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦିଜୀଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱକୁ ନେଇ ୱେବିନାର ଭିଡିଓ କନଫରେନ୍ସ ଜରିଆରେ ରାଜ୍ୟର ୨ଟି ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ସମାଜର ପ୍ରମୁଖ ବୁଦ୍ଧିଜୀବୀ ଓ ପ୍ରବୃଦ୍ଧ ନାଗରିକମାନେ ଯୋଗଦାନ କରି ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ନିରାମୟ ଓ ଦୀର୍ଘଜୀବନ କାମନା କରିଛନ୍ତି । ଗତ କାଲି ପ୍ରଥମ ଦିନର ସମ୍ମିଳନୀରେ ରାଜ୍ୟର ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି, ବରଗଡ, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ, ମୟୁରଭଞ୍ଜ ଓ ଢେଙ୍କାନାଳ ପ୍ରମୁଖ ୯ଟି ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରମୁଖ ବୁଦ୍ଧିଜୀବୀ, ନାଗରିକ, ବ୍ୟକ୍ତିବିଶେଷମାନେ ଉପସ୍ଥିତ ରହି ମାନନୀୟ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ, ନେତୃତ୍ୱ ଏବଂ କର୍ତ୍ତୃତ୍ୱକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବକ୍ଷେତ୍ର ବିଦ୍ୟାଭାରତୀ ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା.ବାଂଚାନିଧି ପଣ୍ଡା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ପ୍ରକୃତ ରାଷ୍ଟ୍ରନାୟକ ବୋଲି ସମ୍ବୋଧନ କରିଥିଲେ । "ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ"କୁ ପାଥେୟ କରି ପ୍ରଧାନ ସେବକ ଭାବେ ଗତ ୬ ବର୍ଷ ମଧ୍ୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଭାରତବର୍ଷକୁ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି । "ମନ୍‌କି ବାତ୍" କାର୍ଯ୍ୟକ୍ରମ ଦ୍ୱାରା ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦି ଦେଶବାସୀଙ୍କ ସହ ଯୋଡି ହୋଇ ରହିବାର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ । ଦେଶର ବହୁ ଜନ ଓ ଗରୀବକଲ୍ୟାଣ ଯୋଜନାର ଶୁଭାରମ୍ଭଠୁ ଆରମ୍ଭ କରି ଦେଶ ହିତ ଏବଂ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀଙ୍କ କଠୋର ଓ ଦୃଢ ନିଷ୍ପତିକୁ ବିସ୍ତୃତ ଭାବେ ଡା.ପଣ୍ଡା ଆଲୋଚନା କରିଥିଲେ । ରାଷ୍ଟ୍ର ସେବାରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଯେଉଁ ଭଳି ନିଜ ସମଗ୍ର ଜୀବନକୁ ସମର୍ପିତ କରିଛନ୍ତି, ତାହା ସମସ୍ତ ଦେଶବାସୀଙ୍କୁ ପ୍ରେରଣା ଯୋଗାଇଛି ବୋଲି ଡା.ପଣ୍ଡା କହିଛନ୍ତି । ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଅଧକ୍ଷତା କରିଥିବାବେଳେ ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ ସ୍ୱାଗତ ଜଣାଇଥିଲେ ଏବଂ ଅନ୍ୟତମ ରାଜ୍ୟ ଉପସଭାପତି ବିଧାୟକ ନାଉରୀ ନାଏକ ଧନ୍ୟବାଦ ଜଣାଇଥିଲେ ।

## ନରସିଂହପୁର ସାମ୍ବାଦିକ ସଙ୍ଘର ବିଦାୟୀ ସମ୍ବର୍ଦ୍ଧନା




**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ ନିଜିଗଡ ପଞ୍ଚାୟତ ପରିସରରେ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ନରସିଂହପୁର ସାମ୍ବାଦିକ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଙ୍ଘର ସଭାପତି ଦେବଦତ୍ତ ମଳୟ କୁମାର ବରାଳ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଓକିଲ ସଙ୍ଘ କମିଟିର ଅଧକ୍ଷ ତ୍ରିଲୋଚନ ମହାପାତ୍ର, ନିଜିଗଡ ସରପଞ୍ଚ ପ୍ରଭାକର ମିଶ୍ର , ଶିକ୍ଷାବିତ୍ ଦେବରାଜ ସ୍ୱାଇଁ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ବିଡିଓ ପ୍ରଶାନ୍ତ କୁମାର ତରାଇ ତିନି ବର୍ଷର ଅବଧିକାଳ ମଧ୍ୟରେ ଗରିବ ଲୋକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାର୍ଯ୍ୟ ସହେଯାଗ କରିବା ସହିତ କରୋନା ସଂକ୍ରାମଣ ଭୂତାଣୁ ଏ ଅଞ୍ଚଳରୁ କିଭଳି ଦୁରୀଭୁତ ହେବ ପ୍ରଶାସନିକ କ୍ଷେତ୍ରରେ ସମସ୍ତ ସହଯୋଗ ସହାୟତା ଠାରୁ ଆରମ୍ଭ କରି ଜଣେ ଭଲ ମଣିଷ ଭାବେ ଅଞ୍ଚଳର ବହୁ ଉନ୍ନୟନ କାର୍ଯ୍ୟ କରିଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି କାର୍ତ୍ତିକେଶ୍ୱର ନାଥ ସହସମ୍ପାଦକ ସାନ୍ତନୁ କୁମାର ଗାଆଣ, ମୁଖ୍ୟ ପ୍ରବକ୍ତା ଅଜୟ କୁମାର ପଣ୍ଡା, ସୁସାନ୍ତ କୁମାର ବାଇ, ବିନୋଦ କୁମାର ସାହୁ, କୋଷାଧକ୍ଷ ରମେଶ ଚନ୍ଦ୍ର ପାଢ, ସଂଯୋଜକ ପ୍ରମୋଦ କୁମାର ଉପାଧ୍ୟାୟ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରି ବିଡିଓ ଶ୍ରୀ ତରାଇଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସମ୍ପାଦକ ଭୁପେନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦକ୍ଷିଣ ଓଡ଼ିଶାର କୋଠିଶାଳା ଚିତ୍ର



ରବୀନ୍ଦ୍ର କୁମାର ମହାରଣା

ଓଡ଼ିଶାର ଗ୍ରାମ୍ୟକଳା ସଂସ୍କୃତିର ଧାରା ଚିରପ୍ରବାହମାନ। ଦକ୍ଷିଣ ଓଡ଼ିଶାର ଚିତ୍ରକଳା ଶୈଳୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ପୁରୀ ପଟ୍ଟଚିତ୍ର ଠାରୁ ଏହା ପ୍ରାଚୀନତମ। ଦକ୍ଷିଣ ଓଡ଼ିଶାର ବହୁ ସ୍ଥାନରେ ମଠ, ମନ୍ଦିର, ରାଜପ୍ରାସାଦ ଇତ୍ୟାଦିର ଅଙ୍କିତ ସହସ୍ରାଧିକ ଭିତ୍ତିଚିତ୍ର ଅବଶେଷ ଆଜି ବି ଚିତ୍ର ପ୍ରେମୀମାନଙ୍କୁ ମୁଗ୍ଧ କରେ। ବିଗତ ଦୁଇଶହ ମଧ୍ୟରେ ଅଙ୍କିତ ହୋଇଥିବା ଭିତ୍ତିଚିତ୍ର ଓ ଅନ୍ୟାନ୍ୟ ପ୍ରାଚୀନ ମନ୍ଦିର ସ୍ଥାପତ୍ୟର କଳାଚାତୁରୀ ଦକ୍ଷିଣ ଅଞ୍ଚଳର ଶିଳ୍ପୀମାନଙ୍କୁ ଅମର କରି ରଖିଛି। ପଟ୍ଟଚିତ୍ରର ଚରିତ୍ର ଅଙ୍କନ ଭାବ, ଭଙ୍ଗୀ, ଶୈଳୀର ଅନୁପମ ଛଟା ଆଜି ବି ବୁଗୁଡା ବିରଞ୍ଚିନାରାୟଣ ମନ୍ଦିର କାନ୍ଥରେ କ୍ଷୟିଷ୍ଣୁ ଅବସ୍ଥାରେ ତା'ର ଉଚ୍ଚକୋଟୀର ପରକାଷ୍ଠା ଦେଖାଉଛି।

ଦକ୍ଷିଣ ଓଡ଼ିଶା ପଟ୍ଟଚିତ୍ରର ଏକ ବିଭାଗ ଲୋକଚିତ୍ର ଶୈଳୀର ସ୍ୱତନ୍ତ୍ର ଆବେଦନ ହେଉଛି କୋଠିଶାଳଚିତ୍ର। ଏହି ଚିତ୍ରର ପ୍ରାସଙ୍ଗିକତା ପଲ୍ଲୀ ଗ୍ରାମର ଏକ ବିଶେଷ ପର୍ବକୁ ନେଇ ବେଶ ଚର୍ଚ୍ଚିତ। ଗ୍ରାମର ବିପଦ ଆପଦର ରକ୍ଷାକର୍ତ୍ତା ଭାବେ ଝିଅ ବୋହୂମାନେ ପରିବାରର ଅନ୍ୟମାନଙ୍କର ମଙ୍ଗଳକାମନା କରି ମା' ମଙ୍ଗଳାଙ୍କୁ ଆରାଧନା କରିଥାଆନ୍ତି। ଗଞ୍ଜାମ ଜିଲ୍ଲାର 'ମଙ୍ଗଳା ଓଷା'ର ପୃଷ୍ଠଭୂମିର ପ୍ରାସଙ୍ଗିକତା ଜନସାଧାରଣଙ୍କୁ ବେଶ୍ ଆଲୋଡିତ କରେ। ଏପରି ଏକ ଚିତ୍ରକଳା ଯେ ଗ୍ରାମ୍ୟକଳା ସଂସ୍କୃତି ସହିତ ମୁଖ୍ୟ ଉପଜୀବ୍ୟ ରୂପେ ସାଧାରଣ ଜନଜୀବନକୁ ଏତେ ଦୂର ପ୍ରଭାବିତ କରିପାରେ ତାହା ଏହି କୋଠିଶାଳ ଚିତ୍ରର ପୂଜାନୁଷ୍ଠାନରୁ ଜଣାପଡିଥାଏ।

ଗଞ୍ଜାମ ଜିଲ୍ଲାର ମୁଖ୍ୟ ଦେବୀପୀଠ ପୁରୁଷୋତ୍ତମପୁର ନିକଟସ୍ଥ ତାରାତାରିଣୀ ଏବଂ ପୋଲସରା ନିକଟବର୍ତ୍ତୀ ସିଂହାସନପୀଠ। ପ୍ରତିବର୍ଷ ଆଶ୍ୱିନ ଓ ଚୈତ୍ରମାସର ପ୍ରତ୍ୟେକ ମଙ୍ଗଳବାରରେ ଯେଉଁ ଲୋକଯାତ୍ରା ଅନୁଷ୍ଠିତ ହୁଏ, ତାହା ଏହି ପର୍ବ ଅନୁସାରେ ଆଲୋଚ୍ୟ କୋଠିଶାଳା ବା ଉଷାକୋଠୀ ଉପାସନା ମୁଖ୍ୟତଃ ଆଶ୍ୱିନ ମାସରେ ଆରମ୍ଭ ହୋଇ କାର୍ତ୍ତିକ ମାସରେ ଉଦ୍‌ଯାପିତ ହୋଇଥାଏ। ଏହି ଓଷା ଆରମ୍ଭ ହେବା ପୂର୍ବରୁ ଶକ୍ତିପୀଠ ମାନଙ୍କରେ କାନ୍ଥରେ ଚୂନ ଲିପାଯାଇ ଚିତ୍ରକରମାନଙ୍କ ଦ୍ୱାରା ମା' ମଙ୍ଗଳାଙ୍କର ଚିତ୍ର ଏବଂ ତତ୍ ସମ୍ବନ୍ଧୀୟ ଚିତ୍ରମାନ ଅଙ୍କାଯାଇଥାଏ।





ଠାକୁରାଣୀଙ୍କ ଆସ୍ଥାନ ପୀଠର ମଧ୍ୟ ଭାଗ ମଙ୍ଗଳାଙ୍କୁ ଘଟ ହସ୍ତରେ ଚିତ୍ରିତ କରାଯାଏ ଏବଂ ତାଙ୍କ ବାମ ପାର୍ଶ୍ୱରେ ମଙ୍ଗଳାଙ୍କର ଅନ୍ୟ ରୂପ ମହିର୍ଷାମର୍ଦ୍ଦିନ ଏବଂ ବନଦୁର୍ଗାଙ୍କ ଚିତ୍ର ଅଙ୍କାଯାଏ। ଡାହାଣ ପାର୍ଶ୍ୱରେ ସ୍ୱାମୀ ଶିବ ଏବଂ କାଳୀଙ୍କ ଚିତ୍ର ଅଙ୍କାଯାଏ। ଏଥିସହିତ ଅନ୍ୟ ଦୁଇ ପାର୍ଶ୍ୱ କାନ୍ଥରେ ମଙ୍ଗଳାଙ୍କ ସମ୍ବନ୍ଧୀୟ ନାନା ପୌରାଣିକ ଆଖ୍ୟାୟିକାମାନ ଏବଂ ଗ୍ରାମ୍ୟଦେବୀଙ୍କ ଚିତ୍ରମାନ ଅଙ୍କାଯାଇଥାଏ। ଏହି ଚିତ୍ରଗୁଡିକ ମଧ୍ୟରେ ଐରାବତହସ୍ତୀ, ଗଜାନନ, କାର୍ତ୍ତିକେୟ, ରାମ ଲକ୍ଷ୍ମଣ ସୀତା, ବାଘ ଓ ବଳଦ ହଳ କରିବା ଜାନୀ, ଜାନୀଆଣି, ମଶାଣିଚଣ୍ଡି, କନ୍ଧୁଣୀଦେଇ, ଗାହାଣ, କୋଠିନାୟିକାଣୀ, ଶିରିହାଡିଆଣୀ, ଧୋବାଧୋବଣୀ, ତାରାତାରିଣୀ, ନାରଦ, ଉଲ୍ଲିବାଙ୍କୀ, ଫୁଲସୁନ୍ଦରୀ, ଭରାଣ୍ଡି, ଖମ୍ବଶିରୀ, ବାଙ୍କଶିରୀ, ପାର୍ବତୀ, ବାୟାଣୀ, ସାଆନ୍ତାଣୀ, ଅଗ୍ନିକୁହୁଁରୀ, କାତ୍ୟାୟିନୀ, ଗଡଚଣ୍ଡୀ, ଗ୍ରାମ୍ୟଦେବୀ ଓ ସିଦ୍ଧେଶ୍ୱରୀଙ୍କ ଚିତ୍ର ଅଙ୍କାଯାଇଥାଏ। ଅନ୍ୟ ପାର୍ଶ୍ୱରେ ନବଗୁଞ୍ଜର, ବାଇଧର, ସାତଘୋଡା, ସାତଝିଅ, ବୁଢ଼ୀମା, ବୁଢ଼ୀମା'ର ସାତବୋହୂ, ପଞ୍ଚୁପାଣ୍ଡବ, କାଳୀମୁଖୀ, ବ୍ୟାଘ୍ରମୁଖୀ, ସିଂହାସନୀ, କାଳୀପାଟ, ତଅପୋଇ, ଡାଳଖାଇ, ନାଗକନ୍ୟା, ରତନେଇ, ସିଦ୍ଧଭୈରବୀ, ଭୋଇଆଣି, ସାଧବ ସାତପୁଅ, ସାତବୋହୂ ବୋଇତବନ୍ଦାଣ ଦୃଶ୍ୟ ସହ ଇତ୍ୟାଦି ଅଙ୍କାଯାଇଥାଏ।







କେତେକ ସ୍ଥାନରେ ଏହି ଚିତ୍ର କାନ୍ଥରେ ପ୍ରତିବର୍ଷ ଅଙ୍କା ନଯାଇ ବଡ ବଡ କାଗଜ ପଟ୍ଟିରେ ଚିତ୍ରକରମାନେ ଆଙ୍କିଥାଆନ୍ତି ଓ ପୂଜା ପରେ ଗୁଡାଇ ସାଇତି ରଖି ପୁନର୍ବାର ତହିଁଆର ବର୍ଷକୁ ଲଗାଇ ପୂଜା କରିଥାନ୍ତି। ଏହି ଚିତ୍ର ଆକାର କାନ୍ଥର ସ୍ଥାନକୁ ନେଇ ନିରୂପିତ ହୋଇଥାଏ। ସାଧାରରତ ଗୋଟିଏ ଗୋଟିଏ ଚିତ୍ର କୋଡିଏ ଫୁଟ ଲମ୍ବ ଏବଂ ପନ୍ଦର ଫୁଟ ଓସାର ହୋଇଥାଏ ତ ଆଉ କେତେକ ସ୍ଥାନରେ ପ୍ରତିବର୍ଷ ନୂତନ କାନ୍ଥରେ ଚୂନ ଲିପାଯାଇ ସେଇ ଆକାରର ଚିତ୍ର ନୂତନ ଭାବେ ଅଙ୍କାଯାଇଥାଏ।

ପୂଜକମାନଙ୍କ ମତରେ ଚିତ୍ର ପୂଜାପରେ ବିସର୍ଜନ ହୋଇଥାଏ। ତେଣୁ ଏହି ଚିତ୍ରକୁ ସାଇତି ରଖିବା ଉଚିତ୍ ନୁହେଁ। ଚିତ୍ରରେ ସମସ୍ତ ଦେବଦେବୀ ସ୍ଥାନିତ ହୋଇଥିବାରୁ ଭକ୍ତର ମନସ୍କାମନା ଅଚିରେ ପୂରଣ ହୋଇଥାଏ। ଚିତ୍ରକରମାନେ ଏହି ଚିତ୍ର ନିଜସ୍ୱ ଲୋକଚିତ୍ର ଶୈଳୀରେ ଆଙ୍କିଥାଆନ୍ତି। ଏଥିନିମନ୍ତେ ଦେଶୀତୂଳୀ ଓ ସ୍ଥାନୀୟ ବଜାରରୁ ମିଳୁଥିବା ପାଣି ରଙ୍ଗରେ ସମୁଦାୟ ଚିତ୍ରକୁ ଆଙ୍କିଥାଆନ୍ତି।

କୋଠିଶାଳ ଚିତ୍ର ଗ୍ରାମ୍ୟ ଚିତ୍ରକଳା ସଂସ୍କୃତିର ପରମ୍ପରା ଏହି ପର୍ବ ମାଧ୍ୟମରେ ପ୍ରାଚୀନକଳାରୁ ଜନସାଧାରଣଙ୍କ ଧର୍ମୀୟ ଜନଜୀବନ ସହିତ ଜଡିତ ହୋଇ ଏକ ବଳିଷ୍ଠ ପରମ୍ପରାର ପରିଚୟ ଦେଇଥାଏ। ଦକ୍ଷିଣ ଓଡ଼ିଶାର ସୋରଡା, ପଙ୍କଳବାଡି, ପଙ୍କଜସାହି, ଗୋଲାଗାଁ, ଚଡିଅପଲ୍ଲୀ, ଗୋଲିଆ, ଜଗମୋହନ, ମୁଣ୍ଡମରାଇ, ଶରଧାପୁର, ମାଗୁରାପଲ୍ଲୀ, ଆସିକା, ଜଳନ୍ଧରପୁର, ଧରାକୋଟ, କାଳପଲ୍ଲୀ, କାଲୁପାଟଣା, ଧୋବାପଲ୍ଲୀ, ଆଠଗଡ, ହାତୀଓଟ, ଗଙ୍ଗାପୁର, ପୀଠାପୁର, ରଘୁନାଥପଲ୍ଲୀ, ବିଲେଇପୁରୀ ଇତ୍ୟାଦି ଗ୍ରାମରେ ପ୍ରତିବର୍ଷ ଉଷାକୋଠି ପର୍ବ ପାଳନ କରାଯାଇଥାଏ। ଏହି ଗ୍ରାମ ମାନଙ୍କରେ ବାଉରୀ ସମ୍ପ୍ରଦାୟର ଭକ୍ତମାନେ ପାଳନ କରୁଥିବା ବେଳେ ଉପାସନା ପୀଠରେ ମଥୁରା, ଦିଗପହଣ୍ଡି ଓ ଧରାକୋଟ ନିମ୍ନ ଲିଖିତ ପାରମ୍ପରିକ ଚିତ୍ରକରମାନେ ବଂଶାନୁକ୍ରମିକ ଭାବେ ୨୫୦ ବର୍ଷ ଧରି କୋଠିଶାଳଚିତ୍ର ଆଙ୍କି ଆସୁଛନ୍ତି।

କାରିଗରଙ୍କ ନାମ : (୧) ଦେବରାଜ ମହାପାତ୍ର, ପିତା : ବୃନ୍ଦାବନ ମହାପାତ୍ର, ଜଗନ୍ନାଥ ଚିତ୍ରକର ସେବକ, ମଥୁରା। (୨) ନାରାୟଣ ମହାରଣା, ପିତା : ବସୁ ମହାରଣା, ମଥୁରା। (୩) ସୂର୍ଯ୍ୟ ମହାପାତ୍ର, ପିତା : ବୀର ମହାପାତ୍ର, ମଥୁରା। (୪) ବାଲାଜୀ ମହାପାତ୍ର, ପିତା : ସୋମନାଥ ମହାପାତ୍ର, ମଥୁରା। (୫) ଯୋଗେନ୍ଦ୍ର ମହାପାତ୍ର, ଧରାକୋଟ। (୬) ସୁରେନ୍ଦ୍ର ମହାପାତ୍ର, ଧରାକୋଟ। (୭) ପ୍ରହଲ୍ଲାଦ ମହାରଣା, ମଥୁରା।

ଏହାବ୍ୟତୀତ ଦକ୍ଷିଣ ଓଡ଼ିଶାର ନିମ୍ନ ଲିଖିତ ମନ୍ଦିରମାନଙ୍କରେ ବହୁପ୍ରାଚୀନ କାନ୍ଥଚିତ୍ରମାନ ଦେଖିବାକୁ ମିଳେ। ଯଥା : ରଘୁନାଥମନ୍ଦିର, ଚଢ଼େୟାପଲ୍ଲୀ (୧୯୪୬), ରଘୁନାଥମନ୍ଦିର, ସୋରଡା (୧୯୪୮), ନାଉଳୀ ରଘୁନାଥମନ୍ଦିର (୧୯୪୮), ବଡକୋଦଣ୍ଡା (ରାଧାକୃଷ୍ଣ ମନ୍ଦିର) ଏବଂ ବିରଞ୍ଚି ନାରାୟଣ ମନ୍ଦିର, ବୁଗୁଡା।

*ଯୁବ ପଟ୍ଟଚିତ୍ରଶିଳ୍ପୀ, ମଥୁରା*

# ବିଜେପିରେ ସାମିଲ ହେଲେ ରାଜକିଶୋର

**ଭୁବନେଶ୍ୱର :** ଓଡିଶା ସମେତ ସମଗ୍ର ଭାରତବର୍ଷରେ କଂଗ୍ରେସ ଦଳ ଜନସାଧାରଣଙ୍କ ଆସ୍ଥା ହରାଇଛି। ଦଳୀୟ ଗୋଷ୍ଠୀକନ୍ଦଳରେ ଛନ୍ଦି ହୋଇ ପଡିଥିବା କଂଗ୍ରେସ ଦଳ ଏବଂ ଏହାର ନେତୃବୃନ୍ଦ ରାଜ୍ୟର ବିକାଶ ତଥା ଜନହିତ ପ୍ରସଙ୍ଗକୁ ଭୁଲିଯାଇ କେବଳ ସ୍ୱାର୍ଥବାଦୀ ହୋଇ କାର୍ଯ୍ୟ କରୁଛନ୍ତି। ଅନ୍ୟ ପଟେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜନକଲ୍ୟାଣ ଓ ରାଷ୍ଟ୍ରହିତକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରି ଭାରତବର୍ଷକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ସମର୍ଥକଙ୍କ ଗ୍ରହଣରେ ବିଜେପିରେ ସାମିଲ ହେବା ଅବସରରେ ବରିଷ୍ଠ ନେତା ଶ୍ରୀ ରାଜକିଶୋର ବେହେରା କହିଛନ୍ତି। କଂଗ୍ରେସ ଦଳର ବରିଷ୍ଠ ନେତା ତଥା ଗତ ୨୦୧୯ ସାଧାରଣ ନିର୍ବାଚନରେ ତିର୍ତୋଲ ବିଧାନସଭା ପ୍ରାର୍ଥୀ ଶ୍ରୀ ରାଜକିଶୋର ବେହେରା ନିଜ ସମର୍ଥକଙ୍କ ଗ୍ରହଣରେ ବିଜେପିରେ ଯୋଗଦାନ କରିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ବେହେରାଙ୍କ ସମେତ ଜଗତସିଂହପୁରର ପୂର୍ବତନ ବିଧାୟକ ଶ୍ରୀ କୈଳାଶ ମଲ୍ଲିକ, ତିର୍ତୋଲ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ୍ତ ନାୟକ, ବିରତୋଳା ସରପଂଚ ରୁକସାନା ବେଗମ୍, ମୁଳିସିଙ୍ଗ ସରପଂଚ ଅନ୍ନପୂର୍ଣ୍ଣା ବିଶ୍ୱାଳ, ପଂଚାୟତ ସମିତି ସଦସ୍ୟା ଜ୍ୟୋତିର୍ମୟୀ ମହାନ୍ତି, ସଂଯୁକ୍ତା ଜେନା, ରାଣୀ ଚାପେବାର, ବିରତୋଳା ନାଏବ ସରପଂଚ ଅବଦୁଲ୍ କାଦିର ଖାନ୍, ପୂର୍ବତନ ସମିତି ସଭ୍ୟ ଶରତ ମଲ୍ଲ, ମିନତୀ ଦଳେଇ, କଟରା ଅଂଚଳର ବରିଷ୍ଠ ନେତା ଅଶୋକ ମଲ୍ଲିକ, ମୁଳିସିଙ୍ଗ ଗ୍ରାମର ରଶ୍ମୀରଂଜନ ବିଶ୍ୱାଳ, ବିରିତୋଳା ଗ୍ରାମର ଲତିଫୁଦ୍ଦିନ, ବନବିହାରୀ ସାମଲ, ମେହେତାବ ଅଲ୍ଲୀ, ନିଆଜ ହକିମ୍, ସଦ୍ଦାମ ହୁସେନ୍, ସିକନ୍ଦର ଆଲମ ପ୍ରମୁଖ ଏବଂ ଚପଡା ଗ୍ରାମ ପୂର୍ବତନ ସରପଂଚ ଅଲେଖ ନାୟକ, ବରଗୋଳା ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ବିମଳା ଜେନା, ତରିକୁନ୍ଦ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ସୁରେନ୍ଦ୍ର ରାଉତ, ବରଗୋଳା ଗ୍ରାମର ପ୍ରଦୀପ ସ୍ୱାଇଁ ପ୍ରମୁଖ ଅନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ପ୍ରଭାତି ପରିଡା, ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ବିଭୁ ତରାଇ, ଜଗତସିଂହପୁର ଜିଲ୍ଲା ପ୍ରଭାରୀ ଶାରଦା ପ୍ରଧାନ ପ୍ରମୁଖ ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ।



# କରୋନା ପାଇଁ ଭର୍ଚୁଆଲ ଆଇସିୟୁ

**ଭୁବନେଶ୍ୱର :** କରୋନା ଭାଇରସ୍ ବା କୋଭିଡ୍-୧୯ ମହାମାରୀର ମୁକାବିଲା ଲାଗି ରାଜ୍ୟ ସରକାର ଭର୍ଚୁଆଲ ଆଇସିୟୁକୁ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଖୁବ୍‌ଶୀଘ୍ର ଭର୍ଚୁଆଲ ଆଇସିୟୁ ସେବା ଆରମ୍ଭ ହେବ। ଏନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରାଜ୍ୟର ସମସ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ପୌର କମିଶନରମାନଙ୍କୁ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଗୁରୁତର କୋଭିଡ୍ ରୋଗୀଙ୍କୁ ଜିଲ୍ଲାସ୍ତରୀୟ ହସ୍ପିଟାଲରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଉ। ଅତ୍ୟାବଶ୍ୟକ ନ ହେଲେ କୋଭିଡ୍ ରୋଗୀଙ୍କୁ ଭୁବନେଶ୍ୱର କିମ୍ବା କଟକ ପଠା ନ ଯାଉ। ରାଜ୍ୟ ସରକାର କୋଭିଡ୍ ଚିକିତ୍ସାକୁ ଆହୁରି ସହଜ କରିବାକୁ ଚିନ୍ତା କରିଛନ୍ତି। ସେଥିଲାଗି ଗୁରୁତର କୋଭିଡ୍ ରୋଗୀଙ୍କ ଚିକିତ୍ସା ସହଜରେ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁତର କୋଭିଡ୍ ରୋଗୀଙ୍କୁ ଜିଲ୍ଲାରେ ଥିବା ଆଇସିୟୁ ଅଥବା ଏଚ୍‌ଡିୟୁରେ ଚିକିତ୍ସା କରାଯାଇପାରିବ। ଏଥିଲାଗି ତୃଣମୂଳ ସ୍ତରରେ ତାଲିମ ବ୍ୟବସ୍ଥାକୁ ମଜଭୁତ କରିବାକୁ ପଡିବ। ତାଲିମ ବ୍ୟବସ୍ଥା ଶକ୍ତ ହେଲେ, କୋଭିଡ୍ ରୋଗୀଙ୍କୁ ନିଜ ଜିଲ୍ଲା ଛାଡି ବାହାରକୁ ଯିବାକୁ ପଡିବ ନାହିଁ। ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି ଯେ, ଜରୁରୀକାଳୀନ ପରିସ୍ଥିତି ଦେଖାଗଲେ ମେଡିକାଲ ଯେକ୍ସିନିଆନଙ୍କ ସହିତ ରୋଗୀଙ୍କୁ ଭୁବନେଶ୍ୱର ଓ କଟକ ପଠାଯାଉ। ସେହିପରି ସୁସ୍ଥ ହୋଇଥିବା ରୋଗୀଙ୍କୁ ଆଇସିୟୁରୁ ସ୍ଥାନାନ୍ତର କରିବା ଲାଗି ପରାମର୍ଶ ଦେଇଛନ୍ତି।



# ଟପ୍-୧୦୦ ର୍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ୧୧ ଆଇଟିଆଇ

**ଭୁବନେଶ୍ୱର :** ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାରେ ତାଲିମ୍‌ପ୍ରାପ୍ତ ବ୍ରାଣ୍ଡ୍ ଜାତୀୟ ଓ ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିବା ପରେ ଏହାକୁ ଆଉ ପାଦେ ଆଗକୁ ନେଇ ରାଜ୍ୟ ସରକାର ଖଣିଜ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡ୍‌ସି) ଜିଲ୍ଲାମାନଙ୍କରେ ଉତ୍କୃଷ୍ଟ ବୈଷୟିକ ଦକ୍ଷତା ତାଲିମ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିପାଇଁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ ସିଂ ଓମ୍ବାଡ୍‌ସି ଅଞ୍ଚଳରେ ଏ ପ୍ରକାର ତାଲିମ୍ କେନ୍ଦ୍ର ବିକଶିତ କରିବାର ଆବଶ୍ୟକତା ଓ ସମ୍ଭାବନା ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। ଓମ୍ବାଡ୍‌ସି ଅଞ୍ଚଳର ଯୁବକଯୁବତୀଙ୍କୁ ଅତ୍ୟାଧୁନିକ ସେକ୍ଟରଗୁଡ଼ିକରେ ନିଯୁକ୍ତି-ଦକ୍ଷ କରାଇବା ନିମନ୍ତେ ଏହି ସବୁ ଜିଲ୍ଲାରେ ନୂଆ-ଯୁଗ ଟ୍ରେଡ୍‌ଗୁଡ଼ିକରେ ତାଲିମ୍ କାର୍ଯ୍ୟ ଆରମ୍ଭ କରିବା ପାଇଁ ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଡ୍ରୋନ୍ ପାଇଲଟିଂ, ସୌରଶକ୍ତି ବୈଷୟିକ କୌଶଳ, ସ୍ମାର୍ଟ କୃଷି, ସ୍ମାର୍ଟ ଉଦ୍ୟାନଚାଷ, ରୋବଟିକ୍ସ, ମେକାଟ୍ରୋନିକ୍ସ, ଥ୍ରୀ-ଡି କୌଶଳ ଆଦି ବିଷୟରେ ତାଲିମ୍ ଆରମ୍ଭ କରିବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକ ସମନ୍ୱୟରେ ସେମାନେ ଦରକାର କରୁଥିବା ମାନବ ସମ୍ବଳ ଅନୁଯାୟୀ ତାଲିମ୍ ପାଠ୍ୟକ୍ରମ ସ୍ଥିର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଷୟିକ ଶିକ୍ଷାନୁଷ୍ଠାନ ଏବଂ କୌଶଳ ବିକାଶ ତାଲିମ କେନ୍ଦ୍ରଗୁଡ଼ିକରେ ୱାର୍କଶପ୍ ଏବଂ ଆଧୁନିକ ପରୀକ୍ଷାଗାର ସବୁରେ ଉତ୍ପାଦନ କାର୍ଯ୍ୟ କରି ସେ ଗୁଡ଼ିକର ନିଜସ୍ୱ ରୋଜଗାର ବଢ଼ାଇବାକୁ ମଧ୍ୟ ମୁଖ୍ୟ ସଚିବ ପରାମର୍ଶ ଦେଇଥିଲେ। ବିଭାଗୀୟ ସଚିବ ଶ୍ରୀ ସିଂ କହିଥିଲେ, ଶିଳ୍ପାନୁଷ୍ଠାନ ସହଯୋଗରେ କଟକ, ପଟ୍ଟାମୁଣ୍ଡାଇ ଏବଂ ବାଲେଶ୍ୱର ଆଇଟିଆଇଗୁଡ଼ିକରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ କାର୍ଯ୍ୟ କରୁଛି। ଯାଜପୁର ଆଇଟିଆଇ, ଯାଜପୁର ପଲିଟେକ୍‌ନିକ୍, ବାରିପଦା ଆଇଟିଆଇ, ତାକତପୁର ଆଇଟିଆଇ ଆଦିରେ ଅଟୋମେସନ୍ ଟେକ୍ନୋଲୋଜି, ଆଡ୍‌ଭାନ୍ସଡ୍ ୱେଲ୍‌ଡିଂ, ଥର୍ମାଲ୍ କଟିଂ, ମିନି ଟୁଲ୍ ରୁମ୍ ଆଦି ବିଷୟରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ବିକଶିତ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। କରଞ୍ଜିଆ, ଉଦଳା, କପ୍ତିପଦା, ଆନନ୍ଦପୁର, କେନ୍ଦୁଝର, ରାଉରକେଲା, ବଡ଼ବିଲ, ବରକୋଟ ଆଇଟିଆଇ, ମୟୂରଭଞ୍ଜ ପଲିଟେକ୍‌ନିକ୍, ଦେବଗଡ଼ ପଲିଟେକ୍‌ନିକ୍ ଓ କେନ୍ଦୁଝର ମାଇନିଂ ଇଞ୍ଜିନିୟରିଂ ଅନୁଷ୍ଠାନ ଆଦିରେ ବିଭିନ୍ନ ଅତ୍ୟାଧୁନିକ ଟ୍ରେଡ୍‌ରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ବିକଶିତ କରିବା ବିଷୟ ମଧ୍ୟ ବୈଠକରେ ଅନୁମୋଦିତ ହୋଇଥିଲା। ସମୀକ୍ଷାରୁ ଜଣାପଡ଼ିଥିଲା ଯେ, ବର୍ତ୍ତମାନ କଟକ, ବ୍ରହ୍ମପୁର ଏବଂ ହୀରାକୁଦ ଆଇଟିଆଇରେ ତିନିଟି ମିନି ଟୁଲ୍ ରୁମ୍ ଭୁବନେଶ୍ୱରର ସିଟିଟିସି ସହଭାଗିତାରେ କାର୍ଯ୍ୟ କରୁଛି। କଟକ ଟୁଲ୍‌ରୁମ୍‌ରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ପାଇଁ କେତେକ ଯନ୍ତ୍ରପାତି ଉତ୍ପାଦନ କରାଯାଉଛି। ଓଡ଼ିଶାର ୧୧ଟି ଆଇଟିଆଇ ଜାତୀୟ ସ୍ତରରେ ଟପ୍-୧୦୦ ଅନୁଷ୍ଠାନ ମଧ୍ୟରେ ସ୍ଥାନ ହାସଲ କରିଛି ବୋଲି ଶ୍ରୀ ସିଂ କହିଥିଲେ। ଏହି ୧୧ଟି ଉତ୍କୃଷ୍ଟ ବିବେଚିତ ଅନୁଷ୍ଠାନ ମଧ୍ୟରୁ ୭ଟି ସରକାରୀ ଏବଂ ୪ଟି ବେସରକାରୀ ଅନୁଷ୍ଠାନ। ୭ଟି ସରକାରୀ ଅନୁଷ୍ଠାନ ମଧ୍ୟରେ ଅଛନ୍ତି, ବ୍ରହ୍ମପୁର ଆଇଟିଆଇ (୧୧ତମ ସ୍ଥାନ), ହିଞ୍ଜିଳିକାଟୁ ଆଇଟିଆଇ (୧୫ତମ ସ୍ଥାନ), ଯାଜପୁର ଆଇଟିଆଇ (୨୪ତମ ସ୍ଥାନ), ଝାରସୁଗୁଡ଼ା ଆଇଟିଆଇ (୪୫ତମ ସ୍ଥାନ), ପୁରୀ ଆଇଟିଆଇ (୬୧ ତମ ସ୍ଥାନ), ତାକତପୁର ଆଇଟିଆଇ (୭୩ ତମ ସ୍ଥାନ) ଏବଂ ଭୁବନେଶ୍ୱର ଆଇଟିଆଇ (୮୮ତମ ସ୍ଥାନ)। ସେହିପରି ୪ଟି ବେସରକାରୀ ଅନୁଷ୍ଠାନ ମଧ୍ୟରେ ରହିଛନ୍ତି, ଏଟିଆଇ ଭଦ୍ରକ (୫୨ତମ ସ୍ଥାନ), ଆଇଟିଆଇ ଚରମ୍ପା (୬୬ତମ ସ୍ଥାନ), ଡାଲମିଆ ଆଇଟିଆଇ, ସୁନ୍ଦରଗଡ଼ (୬୪ ତମ ସ୍ଥାନ) ଏବଂ ଶ୍ରୀଗୁରୁ ଆଇଟିସି, ଜଗତପୁର, କଟକ (୬୫ତମ ସ୍ଥାନ)। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ରେଘୁ ଜି, ଓଡ଼ିଶା କୌଶଳ ବିକାଶ କର୍ତ୍ତୃପକ୍ଷ ମୁଖ୍ୟ ନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା, ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡା, ଯୁଗ୍ମ ସଚିବ ଅଜୟ ନାୟକ ପ୍ରମୁଖ ବୈଠକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଶାସନ ସଚିବ ଶିବ ପ୍ରସାଦ ମଲ୍ଲିକ ସଦ୍ୟତମ ତଥ୍ୟ ଉପସ୍ଥାପନ କରିଥିଲେ।

### ଭୁବନେଶ୍ୱର ଜୁଡିସିଆଲ କମ୍ପ୍ଲେକ୍ସ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପରିସର କଣ୍ଟେନମେଣ୍ଟ ଜୋନ୍ ଘୋଷଣା

# କୋର୍ଟ ପରିସରକୁ ନଯିବା ପାଇଁ ପରାମର୍ଶ

**ଭୁବନେଶ୍ୱର :** କରୋନା ମହାମାରୀ ସଂକ୍ରମଣ ରୋକିବା ପାଇଁ ଭୁବନେଶ୍ୱର ଜୁଡିସିଆଲ କମ୍ପ୍ଲେକ୍ସ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପରିସରକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଭୁବନେଶ୍ୱର ମହାନଗର ସାଉଥ-ଇଷ୍ଟ ଜୋନ୍ ଡେପୁଟି କମିଶନର ଅଂଶୁମାନ ରଥ ଏକ ନିର୍ଦ୍ଦେଶନାମା ଜାରି କରି ୨୫ ପର୍ଯ୍ୟନ୍ତ କଳ୍ପନା ଛକ ନିକଟସ୍ଥ ଲୁଇସ ରୋଡରେ ଥିବା ଭୁବନେଶ୍ୱର ଜୁଡିସିଆଲ କମ୍ପ୍ଲେକ୍ସ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ପରିସରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଏହି କଣ୍ଟେନମେଣ୍ଟ ଜୋନ୍ ପରିସରରେ ଥିବା ସମସ୍ତ ପ୍ରକାରର ଦୋକାନବଜାର, ଘରୋଇ ଓ ସରକାରୀ ଅଫିସ ବନ୍ଦ ରହିବ। ଯଦି ଆବଶ୍ୟକ ପଡେ ବିଏମ୍‌ସି ପକ୍ଷରୁ ଏହି କଣ୍ଟେନମେଣ୍ଟ ଜୋନ୍ ପରିସରରେ ଆବଶ୍ୟକ ଔଷଧ ଓ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାର ବ୍ୟବସ୍ଥା କରାଯିବ। ଏହା ଭିତରକୁ ସମସ୍ତଙ୍କର ପ୍ରବେଶ ଉପରେ କଟକଣା ଜାରି ହୋଇଥିବା ବେଳେ ଏହାର ପରିସରରେ ରହୁଥିବା ଲୋକଙ୍କୁ ବାହାରକୁ ଆସିବା ଉପରେ ମଧ୍ୟ କଟକଣା ଲଗାଯାଇଛି। ମହାମାରୀ ଆଇନ-୧୮୯୭ ଓ ଓଡ଼ିଶା କୋଭିଡ୍-୧୯ ନିୟମାବଳୀ-୨୦୨୦ ଅନ୍ତର୍ଗତ ଏହି କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ତେବେ



ଏହି ଦୁଇ ଅଫିସ୍ ନିକଟରେ ଥିବା ଭୁବନେଶ୍ୱର ଉପଜିଲ୍ଲାପାଳ କାର୍ଯ୍ୟାଳୟ, ତହସିଲ ଓ ଜିଲ୍ଲା ସବରେଜିଷ୍ଟ୍ରାର ଅଫିସକୁ କଣ୍ଟେନମେଣ୍ଟ ଜୋନରୁ ମୁକ୍ତ ରଖାଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ବାର ଆସୋସିଏସନ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଭୁବନେଶ୍ୱର ସିଭିଲ କୋର୍ଟ ପରିସରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବାରୁ ଭୁବନେଶ୍ୱର ବାର କାଉନସିଲ୍ ସଦସ୍ୟମାନଙ୍କୁ ସେପ୍ଟେମ୍ବର ୨୫ ତାରିଖ ପର୍ଯ୍ୟନ୍ତ କୋର୍ଟ ପରିସରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ବାର ଆସୋସିଏସନର ସମ୍ପାଦକ ଆତ୍ମା ପ୍ରକାଶ ମହାନ୍ତି ଏନେଇ ସୂଚନା ଦେଇଛନ୍ତି।

# ଶାରଦାଙ୍କ ନାମରେ ଗୀତି କବିତା ପୁରସ୍କାର

**ଭୁବନେଶ୍ୱର :** ବିଶିଷ୍ଟ ଗୀତିକାର, ପ୍ରଯୋଜକ ସଂଗୀତ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ନାୟକଙ୍କ ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ତରଫରୁ 'ଶାରଦା ପ୍ରସନ୍ନ ନାୟକ ଗୀତି କବିତା ପୁରସ୍କାର' ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଗୀତିକବିତା ପାଇଁ ପ୍ରଦାନ କରାଯାଉଥିବା ପୁରସ୍କାରକୁ ଶାରଦା ପ୍ରସନ୍ନ ନାୟକଙ୍କ ନାମରେ ନାମିତ କରାଯିବା ସହ ପୁରସ୍କାର ରାଶିକୁ ୨.୫ ଲକ୍ଷକୁ ବୃଦ୍ଧି କରାଯାଇଛି। ଶାରଦା ପ୍ରସନ୍ନ ନାୟକ ଓଡ଼ିଆ ସାରସ୍ୱତ ଜଗତର ଅମଳୀନ ପ୍ରତିଭା। ଜଣେ ଗୀତିକାର, ପ୍ରଯୋଜକ, ସଂଗୀତ ନିର୍ଦ୍ଦେଶକ ଭାବେ ଓଡ଼ିଆ ସାଂସ୍କୃତିକ ଜଗତରେ ତାଙ୍କ ଅଲିଭା ସ୍ମୃତି ଛାଡ଼ିଯାଇଛନ୍ତି। ଏହି ମହାନ୍ ସ୍ରଷ୍ଟା ଅନବଦ୍ୟ ଅବଦାନକୁ ସମ୍ମାନ ଜଣାଇ ଆଜି ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ଏବଂ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଏକାଦଶାହ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ମହାନ୍ ପ୍ରତିଭାଙ୍କ ସ୍ମୃତିରେ ନିର୍ମିତ ଏକ ଅଧଘଣ୍ଟିଆ ବୃତ୍ତଚିତ୍ରକୁ ଦୂରଦର୍ଶନରେ ପ୍ରସାରଣ କରିବାକୁ ସ୍ଥିର କରାଯାଇଛି। ଏହି ବୃତ୍ତଚିତ୍ର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ସହଯୋଗରେ ପ୍ରସ୍ତୁତ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ନିର୍ଦ୍ଦେଶକ ଓ ଅତିରିକ୍ତ ସଚିବ ବିଜୟ ନାୟକ, ସଂଗୀତ ନାଟକ ଏକାଡେମୀର ସଭାପତି ତଥା ଅତିରିକ୍ତ ସଚିବ ଡ. ରାମକୃଷ୍ଣ ସାହୁ, ଏକାଡେମୀ ସଚିବ ପ୍ରବୋଧ ରଥ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଂଗୀତା ଗୋସାଇଁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣର ତଦାରଖ କଲେ ପ୍ରକଳ୍ପ ନିର୍ଦ୍ଦେଶକ

**ଭଦ୍ରକ:** ଚଳିତ ବର୍ଷ ଫେବୃଆରୀ ମାସ ୭ତାରିଖରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣର ମନ୍ଥର ଗତିକୁ ନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସେହି ମାସ ୨୬ ତାରିଖରେ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପଂଚାୟତକୁ ଆସି ଗୃହ ନିର୍ମାଣ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ ଓ ସମୟ ଅବଧି ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। କିନ୍ତୁ ପରେ କୋଭିଡ୍-୧୯ ପାଇଁ ସବୁ କାର୍ଯ୍ୟରେ ବାଧା ଉପୁଜିଥିଲା ଏବଂ ସମୟ ଅବଧି ମଧ୍ୟରେ ଲକ୍ଷ୍ୟ ପୁରଣ ହୋଇ ପାରିନଥିଲା। ପ୍ରାୟ ୬ ମାସ ପରେ ଗୁରବାର(୧୭.୦୯) ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଉକ୍ତ ପଂଚାୟତକୁ ଆସି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣର ପୁନଃ ସମୀକ୍ଷା କରିଛନ୍ତି। ସୂଚନା ଅନୁଯାୟୀ: ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତରେ ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ୫୦ଟି ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ ୧୧୨ଟି ଏହିପରି ୧୬୨ଟି ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେଥି ମଧ୍ୟରୁ ଆଜି ସୁଦ୍ଧା ୯୫ଟି ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ବେଳେ ୮ଟି ଗୃହର ଛାତ ଲେବୁଲ, ୧୮ଟି ଗୃହର ଗ୍ରେଡବିମ ପର୍ଯ୍ୟନ୍ତ କାର୍ଯ୍ୟ ହୋଇଥିବାବେଳେ ବଳକା ୪୧ଟି ଗୃହ ନିର୍ମାଣ କାର୍ଯ୍ୟ ଆଜି ସୁଦ୍ଧା ଆରମ୍ଭ ହୋଇପାରି ନାହିଁ। ସେହିପରି ୨୦୨୦-୨୧ଆର୍ଥିକ ବର୍ଷରେ ୭୯ଟି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣର ଲକ୍ଷ ଧାର୍ଯ୍ୟ କରାଯାଇଥିବାବେଳେ ୬୮ଟି କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୮ଟି ଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ବେଳେ ୪ଟି ଗୃହର ଗ୍ରେଡବିମ ପର୍ଯ୍ୟନ୍ତ କାର୍ଯ୍ୟ ହୋଇଛି ଏବଂ ବଳକା ୫୬ଟି ଗୃହ ନିର୍ମାଣ କାର୍ଯ୍ୟ ଆଜି ସୁଦ୍ଧା ଆରମ୍ଭ ହୋଇପାରି ନଥିବା ଜଣାପଡ଼ିଛି। ଏହି ସବୁର ସମୀକ୍ଷା କରିବାପରେ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ବନ୍ତଳା ଗ୍ରାମକୁ ପଂଚାୟତ



କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆଙ୍କ ସହ ରାସ୍ତା ସମସ୍ୟା ଯୋଗୁଁ ପାଦରେ ଚାଲିଚାଲି ଯାଇ ହିତାଧିକାରୀ ସୁରବିତା ଯେନା, ଆଶିସ ଯେନା, ଅବଳା ନାୟକ, ଜଗନ୍ନାଥ ଦାଶ, ପ୍ରଦୀପ ଦାଶ, ଦୟାନିଧି ଦାଶ, ଅରୁଣା ରାଉତ ଏବଂ ସବିତା ଜେନାଙ୍କ ଘର ଦେଖି ଶିଘ୍ର ଘର ସାରିବାକୁ ତାଗିଦ କରିଥିଲେ। ପରେ ଗ୍ରାମବାସୀଙ୍କ ସମେତ ହିତାଧିକାରୀ ରାସ୍ତା ସମସ୍ୟା ଯୋଗୁଁ ଗାଡ଼ି ଆସିପାରୁନଥିବାରୁ କାର୍ଯ୍ୟ କରିବାରେ ବିଳମ୍ବ ଘଟୁଥିବା ନେଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାସ୍ତା ସମସ୍ୟାର ଶିଘ୍ର ସମାଧାନ କରିବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଙ୍କ ଅନୁପସ୍ଥିତିରେ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ। ଅନୁରୂପ ଭାବେ ବିଡିଓ ରେବେକା ବିଲୁଙ୍ଗ ବଡ଼ବର୍ଚ୍ଛିକୟାଁ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତାରାଣୀ ପାଣିଗ୍ରାହୀ ଓ ସରପଂଚ ବିଷ୍ଣୁ ମୋହନ ଜେନାଙ୍କ ସହିତ ଉକ୍ତ ପଂଚାୟତ ଅର୍ନ୍ତଗତ ବିଭିନ୍ନ ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କରୁଥିବା ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହ ନିର୍ଦ୍ଧାରିତ ସମୟରେ ଗୃହ କାର୍ଯ୍ୟ ସଂପୂର୍ଣ୍ଣ କରି ପ୍ରୋତ୍ସାହନ ରାଶି ପାଇବାର ସୁଯୋଗ ନେବାକୁ ହିତାଧିକାରୀଙ୍କୁ ଅବଗତ କରାଇଥିଲେ।

# କୋଭିଡ୍ ନିୟମ କଡାକଡି କାର୍ଯ୍ୟକାରୀ କରୁଛନ୍ତି ଆଇଆଇସି ବିଶ୍ୱରଞ୍ଜନ

**ଭୁବନେଶ୍ୱର :** ରାଜ୍ୟରେ କୋଭିଡ୍ ପରିଚାଳନା ସନ୍ତୋଷଜନକ ଥିବା ବେଳେ ଭୁବଶ୍ୱେର-କଟକ ଦ୍ୱୈତନଗରୀରେ ଏହା ସେତେଟା ସନ୍ତୋଷଜନକ ନୁହେଁ ବୋଲି ଗତ ବୁଧବାର କୋଭିଡ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ଭୁବନେଶ୍ୱର-କଟକ କୋଭିଡ୍ ପରିଚାଳନା କାର୍ଯ୍ୟକାରିତା ଉପରେ ପୋଲିସ ମହାନିର୍ଦ୍ଦେଶକ ପ୍ରତ୍ୟକ୍ଷ ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ଭୁବନେଶ୍ୱରରେ କମିଶନରେଟ୍ ପୋଲିସ ତତ୍ପର ହୋଇଉଠିଛି। ଏହାରି ମଧ୍ୟରେ ବଡଗଡ଼ ଥାନା ପକ୍ଷରୁ କୋଭିଡ୍ ନିୟମକୁ କଡାକଡି ପାଳନ କରାଯାଉଛି। ଏହି ଥାନାରେ ଅଞ୍ଚଳରେ ଥିବା ସବୁ ଛକରେ ପିସିଆର ଭ୍ୟାନ୍ ଜଗିବା ସହିତ ରାସ୍ତାରେ ମାସ୍କ ନ ପିନ୍ଧି ଓ ସାମାଜିକ ଦୂରତା ରକ୍ଷା କରୁନଥିବା ଅମାନିଆ ମାନଙ୍କୁ କଡା ତାଗିଦ କରାଯିବା ସହ ସେମାନଙ୍କ ଠାରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି। ଯେଉଁ ସବୁ ଦୋକାନବଜାର ଓ ହାଟରେ ଅଧିକ ଗହଳି ରହୁଛି ଏବଂ ସେଠାରେ ଜନସାଧାରଣ ମହାମାରୀ କୋଭିଡ୍ ନିୟମ ପାଳନ କରୁନାହାନ୍ତି ସେମାନଙ୍କୁ ସଚେତନ କରାଯିବା ସହିତ କରୋନା ସଂକ୍ରମଣ ରୋକିବା ଦିଗରେ ବଡଗଡ ଥାନା ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉଛି। ଏସିପି ସୁବାଷ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନା ଇନ୍ସପେକ୍ଟର ବିଶ୍ୱରଞ୍ଜନ ନାୟକ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିବା ସହିତ ଏନ୍‌ଫୋର୍ସମେଣ୍ଟ ଅଫ୍ କରୋନା ନିୟମକୁ କଡାକଡି କାର୍ଯ୍ୟକାରୀ କରୁଛନ୍ତି। ରବିବାର ସକାଳେ ବ୍ରହ୍ମେଶ୍ୱର ପାଟଣା ଛକଠାରୁ ଟଙ୍କପାଣି ରୋଡର ରାସ୍ତାର ଦୁଇପାର୍ଶ୍ୱରେ ବସିଥିବା ପରିବାର ଓ ମାଛ ଦୋକାନରେ ପ୍ରବଳ ଜନଗହଳି ଥିବାରୁ ପୋଲିସ ପହଞ୍ଚି ସାମାଜିକ ଦୂରତା ଅନୁସରଣ କରୁନଥିବା ଓ ମାସ୍କ ପିନ୍ଧି ନଥିବା ବ୍ୟବସାୟୀ ତଥା ଗ୍ରାହକମାନଙ୍କ ଠାରୁ ଜରିମାନା ଆଦାୟ କରିବା ସହିତ କୋଭିଡ୍ ନିୟମ ପାଳନ କରିବା ପାଇଁ କଡା ତାଗିଦ କରିଥିଲେ।





# ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମକୁ ବିରୋଧ

**ଭୁବନେଶ୍ୱର :** ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍, ପୂର୍ବତନ କୁଳପତି ଓ ପ୍ରଫେସରମାନଙ୍କର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୦ ବିଷୟରେ ଆଲୋଚନା କରିଛନ୍ତି। ଏହି ଅଧାଦେଶ ଆଇନରେ ପରିଣତ ହେଲେ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱାୟତ୍ତତା ହ୍ରାସ ପାଇବା ସଙ୍ଗେ ସଙ୍ଗେ ଉଚ୍ଚଶିକ୍ଷାର ମାନ ମଧ୍ୟ ହ୍ରାସ ପାଇବ ବୋଲି ଆଲୋଚନାରେ ପ୍ରତିନିଧି ଦଳ କୁଳାଧିପତିଙ୍କୁ ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବ ପ୍ରସାଦ ରଥ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର, ଲମ୍ବୋଦର ପ୍ରସାଦ ସିଂହ ଏବଂ ଜେଏନ୍‌ୟୁର ପ୍ରାକ୍ତନ ପ୍ରଫେସର ଅଜିତ୍ ସିଂହ ପ୍ରମୁଖ ସାମିଲ ଥିଲେ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି